ବର୍ଷ-୨୬, ସଂଖ୍ୟା-୨୮୫
ଭୁବନେଶ୍ୱର
୨୫, ଅକ୍ଟୋବର, ୨୦୨୬, ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 285
Bhubaneswar
25, October, 2026, Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat

## ଆଜି ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ

**ଭୁବନେଶ୍ୱର,୨୪।୧୦ (ମହାଭାରତ):** ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲି, ରବିବାର ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। କାଲି ଆରବିଆଇ ଡାଟା ସେଂଟରର ଉଦଘାଟନ କରିବେ ପିଏମ ମୋଦି। ଏହି ଅବସରରେ ସହରରେ ଟ୍ରାଫିକ୍ ବ୍ୟବସ୍ଥାକୁ ସୁଗମ ଓ ନିୟନ୍ତ୍ରିତ ରଖିବା ପାଇଁ କମିସନରେଟ୍ ପୁଲିସ ପକ୍ଷରୁ ଟ୍ରାଫିକ୍ ନିର୍ଦ୍ଦେଶନାମା ଜାରି କରାଯାଇଛି । ନିର୍ଦ୍ଦେଶନାମା ଅନୁଯାୟୀ, ଅକ୍ଟୋବର ୨୫ ତାରିଖ ରବିବାର ଅପରାହ୍ଣ ୪ଟା ୪୦ ମିନିଟ୍‌ରୁ ସନ୍ଧ୍ୟା ୭ଟା ୪୦ ମିନିଟ୍ ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ରାସ୍ତାରେ ଯାନବାହନ ଚଳାଚଳ ଉପରେ କଟକଣା ଲାଗୁ କରାଯିବ।



ଆରବିଆଇ ଡାଟା ସେଣ୍ଟର, ଇନଫୋସିଟି, ଡାଲିଆ ଛକ, ଭୁଆସୁଣୀ ଛକ, ଏନ୍‌ଏଚ୍ ୧୬, ଜୟଦେବ ବିହାର, ବେହେରା ସାହି, ଶାସ୍ତ୍ରୀ ନଗର, ୧୨୦ ବିଏନ୍ ଛକ, ପାୱାର ହାଉସ, ଲୋକ ଭବନ, ଏଜି ଓ ହସ୍ପିଟାଲ ଛକରେ ଯାତାୟାତ କଟକଣା ଲାଗୁ କରାଯାଇଛି । ବିକଳ୍ପ ରାସ୍ତା ବ୍ୟବହାର ସହ ଅତିରିକ୍ତ ସମୟ ହାତରେ ରଖିବାକୁ ପରାମର୍ଶ ଦିଆଯାଇଛି । ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଏବଂ ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ନିର୍ଦ୍ଦିଷ୍ଟ ରାସ୍ତାରେ ଯାନବାହନ ଚଳାଚଳକୁ ନିୟନ୍ତ୍ରଣ କରାଯିବ। ଏହି ସମୟରେ ଯାତାୟାତ ନିୟମ ପାଳନ କରିବା ସହ ଟ୍ରାଫିକ୍ ପୁଲିସଙ୍କ ନିର୍ଦ୍ଦେଶ ମାନିବାକୁ ଯାନଚାଳକମାନଙ୍କୁ ପରାମର୍ଶ ଦିଆଯାଇଛି। ଯାତାୟାତରେ ଅସୁବିଧା ଏଡ଼ାଇବା ପାଇଁ ଯାତ୍ରୀ ଓ ଯାନଚାଳକମାନେ ନିଜ ଯାତ୍ରା ପୂର୍ବରୁ ଯୋଜନା କରିବା ସହ ଆବଶ୍ୟକସ୍ଥଳେ ବିକଳ୍ପ ରାସ୍ତା ବ୍ୟବହାର କରିବାକୁ ପୁଲିସ ପକ୍ଷରୁ ପରାମର୍ଶ ଦିଆଯାଇଛି।

### ନ୍ୟାସନାଲ୍ ଅର୍ବାନ୍ କନ୍‌କ୍ଲେଭ୍ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

# ୨୬ଟି ଇ-ବସ୍ ସେବାର ଶୁଭାରମ୍ଭ

**ଭୁବନେଶ୍ୱର,୨୪।୧୦(ମହାଭାରତ):** ୨୦୩୬ ମସିହାରେ ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟ ଭାବେ ୧୦୦ ବର୍ଷ ପୂରଣ କରିବାକୁ ଯାଉଥିବା ବେଳେ, ୫୦୦ ବିଲିଅନ୍ ଡଲାର୍ ଅର୍ଥନୀତି ସହ ଏକ ସମୃଦ୍ଧ ଓଡ଼ିଶା ଗଠନ କରିବା ଆମର ମୁଖ୍ୟ ଲକ୍ଷ୍ୟ। ବର୍ତ୍ତମାନ ଓଡ଼ିଶାର ସହରୀକରଣ ୧୭ ପ୍ରତିଶତ ଥିବା ବେଳେ ୨୦୩୬ ସୁଦ୍ଧା ଏହାକୁ ୪୦ ପ୍ରତିଶତକୁ ବୃଦ୍ଧି ହେବ । ଏଥିପାଇଁ ଅତ୍ୟାଧୁନିକ ଭିତିଭୂମି ଓ ଆଧୁନିକ ସଂସ୍କାର ନିର୍ମାଣ ପାଇଁ କାର୍ଯ୍ୟ ଆରମ୍ଭ ହୋଇସାରିଛି ବୋଲି ଆଜି ଭୁବନେଶ୍ୱରଠାରେ ଆୟୋଜିତ ନାସନାଲ ଅର୍ବାନ୍ କନକ୍ଲେଭ୍ - ୨୦୨୬ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକଶିତ ଭାରତ ୨୦୪୭' ଭିଜନ୍ ଓ 'ପୂର୍ବୋଦୟ' ନୀତି ପ୍ରେରଣାରେ ଓଡ଼ିଶା ଆଜି ଦେଶର ଏକ ପ୍ରମୁଖ ଗ୍ରୋଥ୍ ଇଞ୍ଜିନ୍ ଭାବେ ଗଢ଼ିଉଠିଛି। ୨୦୪୭ ସୁଦ୍ଧା ଦେଶର ସହରୀ ଜନସଂଖ୍ୟା ଗ୍ରାମୀଣ ଜନସଂଖ୍ୟାକୁ ଅତିକ୍ରମ କରୁଥିବାରୁ ସହରଗୁଡ଼ିକୁ



ସମାବେଶୀ, ପ୍ରଯୁକ୍ତିବିଦ୍ୟାସମ୍ପନ୍ନ ଓ ଆଧୁନିକ ସୁବିଧାସୁଯୋଗରେ ସମୃଦ୍ଧ କରିବା ସେ ଆହୁରି କହିଛନ୍ତି ଯେ, ସହରୀ ବିକାଶ ଓ ଅର୍ଥନୈତିକ ପ୍ରଗତିକୁ ଗତିଶୀଳ କରିବା ପାଇଁ ରାଜ୍ୟରେ ଶିଳ୍ପାୟନ, ବନ୍ଦରର ବିକାଶ, ପର୍ଯ୍ୟଟନ ଓ ସେବା କ୍ଷେତ୍ରରେ ବ୍ୟାପକ ସୁଯୋଗ ସୃଷ୍ଟି ହୋଇଛି। ଓଡ଼ିଶାକୁ ଏପର୍ଯ୍ୟନ୍ତ ୨୩ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ମିଳିସାରିଥିବା ବେଳେ ୩.୫ ଲକ୍ଷ କୋଟି ଟଙ୍କାର ନିବେଶ ସହ ୨୦୦ରୁ ଉର୍ଦ୍ଧ୍ୱ ଉଦ୍ୟୋଗର ଗ୍ରାଉଣ୍ଡିଂ ସମ୍ପନ୍ନ ହୋଇଛି। କେନ୍ଦ୍ର ସରକାର ଓ ନୀତି ଆୟୋଗଙ୍କ ମାର୍ଗଦର୍ଶନରେ 'ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଇକୋନୋମିକ୍ ରିଜିଅନ୍' (ବିକେପିପିଇଆର) ପ୍ରତିଷ୍ଠା କରାଯାଉଛି। ଏହାସହ ଭୁବନେଶ୍ୱର ଓ କଟକର ସମ୍ପ୍ରସାରଣ କରି ନୂଆ ସାଟେଲାଇଟ୍ ଟାଉନ୍‌ସିପ୍ ଗଠନ କରାଯାଉଛି ଏବଂ ନୂତନ ଭାବେ ୨୮ଟି ଏନ୍.ଏ.ସି, ୭ଟି ମ୍ୟୁନିସିପାଲିଟି ଓ ଗୋଟିଏ ମ୍ୟୁନିସିପାଲ୍ କର୍ପୋରେସନ୍ ସୃଷ୍ଟି କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ରାଜ୍ୟର ଜନକଲ୍ୟାଣକାରୀ ସହରୀ ଯୋଜନାଗୁଡ଼ିକର ସଫଳତା ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ ପିଏମଏୱାଇ - ଅର୍ବାନ୍ ଅଧୀନରେ ୧.୫୩ ଲକ୍ଷ ଆବାସ ନିର୍ମାଣ ହୋଇଥିବା ବେଳେ ପିଏମଏୱାଇଣ ୨.୦ ଅନ୍ତର୍ଗତ 'ପିଏମଏୱାଇ ଅର୍ବାନ ବନ୍ଧୁ' କାର୍ଯ୍ୟକ୍ରମ ପାଇଁ ଆଗାମୀ ୫ ବର୍ଷରେ ୧୬୧୫ କୋଟି ଟଙ୍କାର ମଞ୍ଜୁରୀ ଦିଆଯାଇଛି, ଯେଉଁଥିରେ ଇଡବ୍ଲୁଏସ୍ ହିତାଧିକାରୀଙ୍କୁ ଷ୍ଟାମ୍ପ ଡ୍ୟୁଟି ଓ ରେଜିଷ୍ଟ୍ରେସନ୍ ଫି'ରେ ୯୦ ପ୍ରତିଶତ ଛାଡ଼ ପ୍ରଦାନ କରାଯାଉଛି।

ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ଭିତିଭୂମି ପାଇଁ ୬୦୦୦ କୋଟି ଟଙ୍କା, ୧୧ଟି ସହରରେ ୨୪ ଘଣ୍ଟିଆ 'ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍' ଜଳଯୋଗାଣ ଏବଂ ୧୬୦୦ କୋଟି ଟଙ୍କାର 'ସ୍ୱଚ୍ଛ ଓଡ଼ିଶା ଯୋଜନା' କାର୍ଯ୍ୟକାରୀ ହେଉଛି। ସଫେଇ କର୍ମଚାରୀଙ୍କ ସୁରକ୍ଷା ଓ ସମ୍ମାନ ପାଇଁ 'ଗରିମା' ଯୋଜନା ଜରିଆରେ ସ୍ୱଚ୍ଛ ସାଥୀମାନଙ୍କୁ ଆଧୁନିକ ମେସିନ୍, ସୁରକ୍ଷା ସରଞ୍ଜାମ, ଜୀବନ ବୀମା ଓ ସାମାଜିକ ସୁରକ୍ଷା ଯୋଗାଇ ଦିଆଯାଉଛି । ଏହି ସମ୍ମିଳନୀର ମୁଖ୍ୟ ବିଷୟବସ୍ତୁ 'ଚାଲିବାର ଅଧିକାର' ଉପରେ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସହରୀ ପରିବହନରେ ସୁରକ୍ଷିତ ଫୁଟପାଥ୍, କ୍ରସିଂ ଓ ପବ୍ଲିକ ସ୍ପେସ୍ ପ୍ଲାନିଂର ମୁଖ୍ୟ ଅଂଶ ଅଟେ। ରାଜ୍ୟର କ୍ରୁଟ୍ ନେଟୱାର୍କ ୨୦୧୮ରେ ୨୦୦ଟି ବସରୁ ଆରମ୍ଭ ହୋଇ ଆଜି ୭୭୦ଟି ବସ୍ ସହ ୧୩୮ଟି ରୁଟ୍ ?ରେ ୭ଟି ସହରକୁ ସଂଯୋଗ କରୁଛି, ଯେଉଁଥିରେ ଦୈନିକ ୩.୫ ଲକ୍ଷ ଯାତ୍ରୀ ଯାତାୟାତ କରୁଛନ୍ତି। ଆଜି ପିଏମ୍ ଇ-ବସ୍ ସେବା ଅଧୀନରେ ୨୬ଟି ଇ-ବସ୍ ? ସେବାର ଶୁଭାରମ୍ଭ କରାଯାଇଥିବା ବେଳେ ଏହା ଅଧୀନରେ ଆହୁରି ୪୦୦ଟି ଇ-ବସ୍, ୧୦୦ଟି ମିଡି ଓ ୫୦ଟି ମିନି ଇ-ବସ୍ ଯୋଡ଼ିହେବ। ବର୍ତ୍ତମାନ କ୍ରୁଟ୍ ଜରିଆରେ ୭ଟି ସହରରେ ଆମ ବସ୍ ସେବା ଯୋଗାଇ ଦିଆଯାଉଛି । ନୂଆ ଇ-ବସ୍ ଆସିବା ପରେ ଆଉ ୯ଟି ସହରରେ ଇ-ବସ୍ ସେବା ପ୍ରଦାନ କରାଯିବ । ଏହି ସହର ଗୁଡ଼ିକ ହେଲା ବାରିପଦା, ଅନୁଗୋଳ, ଝାରସୁଗୁଡ଼ା, ବାଲେଶ୍ୱର, ଯାଜପୁର, ରାୟଗଡ଼ା, ଜୟପୁର, ଭଦ୍ରକ ଓ ବଲାଙ୍ଗୀର ସହରରେ ଇ-ବସ୍ ସେବା କାର୍ଯ୍ୟକାରୀ ହେବ । ଏହା ସହିତ 'ଓଡ଼ିଶା ଯାତ୍ରୀ ଆପ୍' ଜରିଆରେ ଡିଜିଟାଲ ଟିକେଟିଙ୍ଗ୍ ସୁବିଧା ସହିତ ୯ ଲକ୍ଷରୁ ଉର୍ଦ୍ଧ୍ୱ ବସ୍ ଯାତ୍ରା ହୋଇଛି, ଯେଉଁଥିରେ ଚାଳକମାନେ ବିନା କମିଶନ୍ ରେ ୧୦୦% ଭାଡ଼ା ପାଇ ୧୨ କୋଟି ଟଙ୍କାର ରୋଜଗାରକ୍ଷମ ହୋଇପାରିଛନ୍ତି।

# ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ସରକାର ପ୍ରସ୍ତୁତ

**ଭୁବନେଶ୍ୱର,୨୪।୧୦( ମହାଭାରତ):** ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦ ଅଛି, ଏଥର ମଧ୍ୟ ଆମ ଜିରୋ କାଜୁଆଲ୍‌ଟି ହାସଲ କରିବୁ । ଶନିବାର ଦିନ ଲୋକସେବା ଭବନରେ ସମ୍ଭାବ୍ୟ ବାତ୍ୟା ପରିସ୍ଥିତିର ମୁକାବିଲା ସମ୍ପର୍କରେ ସମୀକ୍ଷା କରି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଗଣମାଧ୍ୟମ ଆଗରେ ବିବୃତି ରଖି ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବନ୍ୟା ଓ ବାତ୍ୟା ମୁକାବିଲାରେ ଆମର ପୂର୍ବରୁ ଅଭିଜ୍ଞତା ରହିଛି। ବାତ୍ୟା ଦାନା ଓ ମୋନ୍ଥା'ର ସଫଳ ମୁକାବିଲା କରାଯାଇଥିଲା । ଏହା ସହିତ ଅନେକ ବନ୍ୟା ପରିସ୍ଥିତିର ମୁକାବିଲା ମଧ୍ୟ କରାଯାଇଛି ।ତେଣୁ ପ୍ରତ୍ୟେକ ଥର ଭଳି ଏଥର ମଧ୍ୟ ଜିରୋ କାଜୁଆଲ୍‌ଟି ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଏହି ବାତ୍ୟା ଉତର ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଓଡ଼ିଶା ମଧ୍ୟରେ ୨୮ ତାରିଖରେ ସ୍ଥଳଭାଗ (ଲ୍ୟାଣ୍ଡଫଲ୍) ଛୁଇଁବ। ତେବେ ଆନ୍ଧ୍ରପ୍ରଦେଶ ଉପକୂଳରେ ସ୍ଥଳଭାଗ



ଛୁଇଁବାର ଅଧିକ ସମ୍ଭାବନା ରହିଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ହେବ ଏବଂ ପ୍ରାୟ ୮୦ ରୁ ୯୦ କିଲୋମିଟର ବେଗରେ ପବନ ହେବାର ସମ୍ଭାବନା ରହିଛି । ବିଶେଷକରି ଦକ୍ଷିଣ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ଅଧିକ ବର୍ଷା ଓ ପବନ ବହିବାର ସମ୍ଭାବନା ରହିଛି।

ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି ଆଦି ଜିଲ୍ଲା ସର୍ବାଧିକ ପ୍ରଭାବିତ ହେବାର ସମ୍ଭାବନା ଅଛି । ଅନ୍ୟାନ୍ୟ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ମଧ୍ୟ ବର୍ଷାର ସମ୍ଭାବନା ରହିଛି। ଏହି ୫ଟି ଜିଲ୍ଲାରେ ସ୍କୁଲ, କଲେଜ ଏବଂ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ୨୮ ଓ ୨୯ ତାରିଖ ଦିନ ବନ୍ଦ ରଖିବା ପାଇଁ ନିଷ୍ପତି ନିଆଯାଇଛି । ଅନ୍ୟ ଜିଲ୍ଲା ଗୁଡ଼ିକରେ ସ୍କୁଲ କଲେଜ ଛୁଟି କରିବା ନେଇ ଜିଲ୍ଲାପାଳମାନେ ପରିସ୍ଥିତି ଦେଖି ନିଷ୍ପତି ନେବେ। ସେ କହିଥିଲେ ଯେ, ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ପହଂଚାଇବା ପାଇଁ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀଗୁଡ଼ିକ ପ୍ରସ୍ତୁତ କରାଯାଇଛି । ବିଶେଷକରି ରୋଗୀ ଓ ଗର୍ଭବତୀ ମହିଳାମାନଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତରିତ କରିବା ପାଇଁ ଗୁରୁତ୍ୱ ଦିଆଯାଇଛି।

ଓଡ୍ରାଫ୍, ଅଗ୍ନିଶମ ଏବଂ ଏନ୍.ଡି.ଆରଏଫ୍ ଟିମ୍ ନିୟୋଜିତ କରାଯାଇଛି । ପ୍ରାୟ ୬୦ଟି ଓଡ୍ରାଫ୍ ଟିମ୍ ଓ ୧୭ଟି ଏନଡିଆରଏଫ୍ ଟିମ୍‌କୁ ନିୟୋଜିତ କରାଯାଇଛି । ୨୨୫ ଟି ଅଗ୍ନିଶମ ଦଳ ସଜାଗ ଅଛନ୍ତି ବୋଲି ଜଣାଯାଇଛି। ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ସତର୍କ କରାଯାଇଛି । ପ୍ରଭାବିତ ଅଂଚଳର ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ସାପ କାମୁଡ଼ା ଇଞ୍ଜେକ୍ସନ୍, ଔଷଧ ଏବଂ ଚିକିତ୍ସା କିଟ୍ ଉପଲବ୍ଧ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ବାତ୍ୟା ପରିସ୍ଥିତିରେ ତତକ୍ଷଣାତ୍ ରିଷ୍ଟୋରେସନ୍ ପାଇଁ ସମସ୍ତ ଇଞ୍ଜିନିୟରିଂ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ବିଶେଷକରି ରାସ୍ତାଘାଟରେ ପଡ଼ି ଅବରୋଧ ସୃଷ୍ଟି କରୁଥିବା ଗଛଗୁଡ଼ିକୁ ତୁରନ୍ତ ହଟାଇବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତି କରାଯାଇଛି ବୋଲି ଜଣାଯାଇଛି । ଅମଳ ସମୟ ପାଖେଇ ଆସୁଥିବାରୁ, ଚାଷୀ ଭାଇମାନଙ୍କୁ ଆଗୁଆ ସତର୍କ କରି ଫସଲ କାଟି ସୁରକ୍ଷିତ କରି ରଖିବା ପାଇଁ ସଚେତନ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ରାଜ୍ୟ ସରକାରଙ୍କ ସମସ୍ତ ସମ୍ପୃକ୍ତ ବିଭାଗ ସମନ୍ୱୟ ରକ୍ଷା କରି ହୋଲ ଅଫ୍ ଗଭରମେଂଟ ଆପ୍ରୋଚ୍ ରେ ବାତ୍ୟା ମୁକାବିଲା କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହି ସମୀକ୍ଷା ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ଅଗ୍ନିସେବା ଡିଜି, ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶକ୍ତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଜଳସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ, ସ୍ୱାସ୍ଥ୍ୟ ସଚିବ, ଏସ.ଆ଼ର୍.ସି. ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### 'ରାମଚଣ୍ଡୀ ଦିବସ ସମାରୋହ'ରେ ଧର୍ମେନ୍ଦ୍ର ପ୍ରଧାନ

# କୃଷି ଓ କୃଷକଙ୍କ ପ୍ରଗତି ହିଁ ରାଷ୍ଟ୍ର ସମୃଦ୍ଧିର ମୂଳଦୁଆ

**ଭୁବନେଶ୍ୱର,୨୪।୧୦ (ମହାଭାରତ):** କୃଷି ଏବଂ କୃଷକଙ୍କ ପ୍ରଗତି ହିଁ ଆମ ରାଷ୍ଟ୍ରର ସମୃଦ୍ଧିର ମୂଳଦୁଆ ଅଟେ । ଜଳସେଚନ କାର୍ଯ୍ୟର ବିସ୍ତାର, କୃଷି କ୍ଷେତ୍ରର ଆଧୁନିକୀକରଣ ଏବଂ ଚାଷୀ ଭାଇଭଉଣୀମାନଙ୍କ ଆର୍ଥିକ ଉନ୍ନତି ପାଇଁ ଆଦରଣୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ସରକାର ସଂପୂର୍ଣ୍ଣ ନିଷ୍ଠା ଓ ଦାୟିତ୍ୱବୋଧ ସହିତ କାର୍ଯ୍ୟ କରୁଛି ବୋଲି ଛତିଶଗଡ଼ର ମହାସମୁନ୍ଦ ଜିଲ୍ଲା ସ୍ଥିତ ଗଡ଼ଫୁଲଝର ଠାରେ ଆୟୋଜିତ ପବିତ୍ର 'ରାମଚଣ୍ଡୀ ଦିବସ ସମାରୋହ'ରେ ଯୋଗଦେଇ କହିଛନ୍ତି ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ। କୁଳତା ସମାଜର ପ୍ରଶଂସା କରି ସେ କହିଛନ୍ତି ଯେ ଏହି ସମାଜ ନିଜର କୃଷି ପରମ୍ପରା, ଧାର୍ମିକ ଆସ୍ଥା ଏବଂ ରାଷ୍ଟ୍ର ପ୍ରତି ସମର୍ପଣ ପାଇଁ ସ୍ୱତନ୍ତ୍ର ପରିଚୟ ବହନ କରିଥାଏ । ଦେଶର ଅନ୍ନ ଉତ୍ପାଦନରେ ଏହି ସମାଜର ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସମାଜର ପ୍ରତ୍ୟେକ ବର୍ଗକୁ ସଶକ୍ତ କରିବା ସହ ନାଗରିକମାନଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିବା ପାଇଁ ଆମେ ସଂକଳ୍ପବଦ୍ଧ । ମହାପ୍ରଭୁ ଶ୍ରୀଜଗନ୍ନାଥ,



ମା' ସମଲେଶ୍ୱରୀ ଏବଂ ମା' ରଣେଶ୍ୱର ରାମଚଣ୍ଡୀଙ୍କ ଅପାର କୃପାରୁ ଓଡ଼ିଶା ଏବଂ ଛତିଶଗଡ଼ ଉଭୟ ରାଜ୍ୟରେ ଶିକ୍ଷାର ବିକାଶ, ସ୍ୱାସ୍ଥ୍ୟ ସେବାର ସୁଦୃଢ଼ୀକରଣ ଏବଂ ଯୁବବର୍ଗଙ୍କ ପାଇଁ ବ୍ୟାପକ ରୋଜଗାର ସୁଯୋଗ ସୃଷ୍ଟି ହୋଇପାରିଛି ବୋଲି ସେ ପ୍ରକାଶ କରିଛନ୍ତି । ଏହି ମହାନ ବିକାଶ ଯାତ୍ରାରେ ସମାଜର ସବୁ ସ୍ତରରୁ ସକ୍ରିୟ ସହଯୋଗ ଓ ଭାଗିରଥୀ ପ୍ରୟାସ ଜରୁରୀ ବୋଲି ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ, ମା' ରଣେଶ୍ୱର ରାମଚଣ୍ଡୀଙ୍କ ଆରାଧନା ଓ ଆସ୍ଥା ଆମର ସମୃଦ୍ଧ ଧାର୍ମିକ ପରମ୍ପରା ଏବଂ ସାଂସ୍କୃତିକ ପରିଚୟ ବୋଲି ମତବ୍ୟକ୍ତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ଗଡ଼ଫୁଲଝରର ସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିର ଏବଂ ଏହି ମାଟିରେ ଗୁରୁ ନାନକ ଦେବ ଜୀଙ୍କ ଆଗମନ ସହ ଜଡ଼ିତ ସ୍ମୃତି ଏହି ଅଂଚଳର ଆଧାତ୍ମିକ ମହତ୍ୱକୁ ଆହୁରି ବଢ଼ାଇଛି । ଏହି କାର୍ଯ୍ୟକ୍ରମରେ ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ଶ୍ରୀ ବିଷ୍ଣୁ ଦେଓ ସାଏ, ବରିଷ୍ଠ ମନ୍ତ୍ରୀ ଏବଂ କୁଳତା ସମାଜ ସମେତ ବିଭିନ୍ନ ଗଣମାଧ୍ୟମର ବ୍ୟକ୍ତିବିଶେଷ ଓ ଗଣମାନ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

# ସମସ୍ତ ବିଭାଗକୁ ସତର୍କ ରହିବାକୁ ସରକାରଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୨୪।୧୦ (ମହାଭାରତ):** ସମ୍ଭାବ୍ୟ ବାତ୍ୟାର ମୁକାବିଲା ଏବଂ ଧନଜୀବନ କ୍ଷୟକ୍ଷତି ରୋକିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। କୃଷି, ଶକ୍ତି, ମତ୍ସ୍ୟ ଓ ପ୍ରାଣୀସମ୍ପଦ, ପଂଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ଏବଂ ଜଳସମ୍ପଦ ବିଭାଗ ସମେତ ଅଗ୍ନିଶମ ସେବା ଓ ଓଡ଼ିଶା ବିପର୍ଯ୍ୟୟ ଦ୍ରୁତ କାର୍ଯ୍ୟାନୁଷ୍ଠାନ ବାହିନୀ (ଓଡ୍ରାଫ୍)କୁ ସଜାଗ ରଖାଯାଇଛି । ଜରୁରିକାଳୀନ ପରିସ୍ଥିତିରେ ତ୍ୱରିତ ଉଦ୍ଧାର, ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ସୁନିଶ୍ଚିତ କରିବା ସହ ଆବଶ୍ୟକ ମାନବସମ୍ବଳ ଓ ଯନ୍ତ୍ରପାତି ପ୍ରସ୍ତୁତ ରଖିବାକୁ ଗୁରୁତ୍ୱ ଦିଆଯାଇଛି।

ବାତ୍ୟା ଓ ବର୍ଷା ଯୋଗୁଁ ଫସଲର କ୍ଷୟକ୍ଷତି ହ୍ରାସ କରିବାକୁ କୃଷକମାନଙ୍କ ପାଇଁ ଆବଶ୍ୟକ ପରାମର୍ଶ ଜାରି କରାଯାଇଛି। ୮୦ରୁ ୮୫ ପ୍ରତିଶତ ପାଚିଥିବା ଧାନକୁ ଅମଳ କରି ସୁରକ୍ଷିତ ସ୍ଥାନରେ ରଖିବା ସହ ଅମଳ ହୋଇଥିବା ଫସଲକୁ ପଲିଥିନ୍ ରେ ଘୋଡ଼ାଇ ରଖିବାକୁ କୁହାଯାଇଛି।

ଅତିରିକ୍ତ ବର୍ଷାଜଳ ନିଷ୍କାସନ ପାଇଁ ଜମିରେ ଥିବା ନାଳଗୁଡ଼ିକୁ ସଫା ରଖିବା ଏବଂ ସାର ଓ କୀଟନାଶକ ପ୍ରୟୋଗକୁ ସାମୟିକ ଭାବେ ସ୍ଥଗିତ ରଖିବାକୁ ପରାମର୍ଶ ଦିଆଯାଇଛି। ଏଥିସହ ପାଚିଥିବା ମକା, ମାଣ୍ଡିଆ, ମୁଗ, ବିରି, ଅନ୍ୟାନ୍ୟ ଡାଲିଜାତୀୟ ଫସଲ ଓ ଅମଳ ଉପଯୋଗୀ ପନିପରିବାକୁ ବର୍ଷା ପୂର୍ବରୁ ଅମଳ କରିବାକୁ କୁହାଯାଇଛି। ବର୍ଷା ପରେ ଜମିରୁ ଜଳ ନିଷ୍କାସନ, ପନିପରିବା ମାଂଚାକୁ ସୁଦୃଢ଼ କରିବା ଏବଂ ଫସଲରେ କୀଟ ଓ ରୋଗ ଚିହ୍ନଟ କରି ଉପଯୁକ୍ତ ଉପଚାର ଉପରେ ଗୁରୁତ୍ୱ ଦିଆଯାଇଛି। ବାତ୍ୟା ମୁକାବିଲା ପାଇଁ ବିଦ୍ୟୁତ୍ ବିତରଣ ସଂସ୍ଥାଗୁଡ଼ିକୁ ବିପର୍ଯ୍ୟୟ ପରିଚାଳନା ଯୋଜନା ସକ୍ରିୟ କରିବା ସହ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କୁ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ବିଦ୍ୟୁତ୍ ଲାଇନ୍ ନିକଟରେ ଥିବା ଗଛଡାଳ କାଟିବା ସହ ବିଦ୍ୟୁତ୍ ଖୁଣ୍ଟି, ଟ୍ରାନ୍ସଫର୍ମର, ତାର ଓ ଅନ୍ୟାନ୍ୟ ଆବଶ୍ୟକ ଯନ୍ତ୍ରପାତି ମହଜୁଦ ରଖାଯାଇଛି। ଗ୍ରୀଡକୋ, ଓପିଟିସିଏଲ, ଏସଏଲଡିସି ଓ ବିଦ୍ୟୁତ୍ ବିତରଣ ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ପାଇଁ ଗ୍ରୀଡକୋକୁ କେନ୍ଦ୍ର କରି ୨୪ ଘଂଟିଆ କଂଟ୍ରୋଲ ରୁମ୍ କାର୍ଯ୍ୟକ୍ଷମ କରାଯାଇଛି। ବିଦ୍ୟୁତ୍ ଯୋଗାଣ ବ୍ୟାହତ ହେବାର ଆଶଙ୍କା ହ୍ରାସ, ତ୍ୱରିତ ପୁନରୁଦ୍ଧାର ଏବଂ ଜନସାଧାରଣଙ୍କ ସୁରକ୍ଷା ପାଇଁ ଆବଶ୍ୟକ ବ୍ୟବସ୍ଥା ସହ ଯୋଗାଯୋଗ ଓ ପରିବହନ ସାମଗ୍ରୀ ମହଜୁଦ ରଖାଯାଇଛି। ସମୁଦ୍ରରେ ଥିବା ସମସ୍ତ ମତ୍ସ୍ୟଜୀବୀଙ୍କୁ ଅକ୍ଟୋବର ୨୪ ସୁଦ୍ଧା କୂଳକୁ ଫେରିଆସିବା ଏବଂ ଗଭୀର ସମୁଦ୍ରକୁ ନ ଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରାଣୀ ଚିକିତ୍ସାଳୟ, ଡିସ୍ପେନ୍ସାରୀ ଓ ପ୍ରାଣୀ ସହାୟତା କେନ୍ଦ୍ରଗୁଡ଼ିକରେ ଆବଶ୍ୟକ ଔଷଧ ମହଜୁଦ ରଖିବା ସହ ଗୋରୁଗାଈଙ୍କ ସୁରକ୍ଷା ଓ ଗୋଖାଦ୍ୟ ଯୋଗାଣ ପାଇଁ ବ୍ୟବସ୍ଥା କରାଯାଇଛି। ଜିଲ୍ଲା ଓ ବ୍ଲକସ୍ତରରେ ପର୍ଯ୍ୟାୟକ୍ରମେ କଂଟ୍ରୋଲ ରୁମ୍ ପରିଚାଳନା ସହ ଜରୁରିକାଳୀନ ପ୍ରାଣୀ ଚିକିତ୍ସା ଔଷଧ ଓ ଟିକା ଉପଲବ୍ଧ ରଖାଯିବ।

# ସମ୍ଭାବ୍ୟ ବାତ୍ୟା ପାଇଁ କୃଷି ଅଧିକାରୀଙ୍କ ଛୁଟି ବାତିଲ

**ଭୁବନେଶ୍ୱର,୨୪।୧୦(ମହାଭାରତ):** ସମ୍ଭାବ୍ୟ ବାତ୍ୟା ଓ ଅବପାତ ଜନିତ ମାତ୍ରାଧିକ ବୃଷ୍ଟିପାତର ପରିଚାଳନା ସମୀକ୍ଷା ଶନିବାର କୃଷି ଭବନ ସ୍ଥିତ କୃଷି ସମୀକ୍ଷା କେନ୍ଦ୍ରରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି।

ମାନ୍ୟବର ଉପମୁଖ୍ୟମନ୍ତ୍ରୀ ସମସ୍ତ ଅଧିକାରୀଙ୍କୁ ନିଜ ନିଜ ମୁଖ୍ୟ କାର୍ଯ୍ୟାଳୟରେ ନିଶ୍ଚିତ ଭାବେ ଉପସ୍ଥିତ ରହି ଏହି ଦୁର୍ଦ୍ଦିନରେ ଚାଷୀଭାଇମାନଙ୍କ ପାଖରେ ଠିଆ ହେବାକୁ ପରାମର୍ଶ ଦେଇଛନ୍ତି। ଏବେ ଫସଲ ଅମଳ ସମୟ ହୋଇଥିବାରୁ ଚାଷୀମାନେ ଭୟଭୀତ ନ ହୋଇ ନିକଟସ୍ଥ କୃଷି ଅଧିକାରୀଙ୍କ ପରାମର୍ଶ ଅନୁଯାୟୀ କାର୍ଯ୍ୟ କରନ୍ତୁ ଏବଂ ନିଜ ଫସଲର ସୁରକ୍ଷା କରନ୍ତୁ।

ଏହି ସମୀକ୍ଷା ବୈଠକରେ କୃଷି ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀ ସଚିନ ରାମଚନ୍ଦ୍ର ଜାଧଭ,




ଓୟୁଏଟି କୁଳପତି ଡ଼ ପ୍ରଭାତ କୁମାର ରାଉଳ, ଭାରତୀୟ ପାଣିପାଗ ନିର୍ଦ୍ଦେଶକ ଡ଼ ମନୋରମା ମହାନ୍ତି, ମୃତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶକ ଶ୍ରୀ ସୁବ୍ରତ କୁମାର ପଣ୍ଡା ଯୋଗଦେଇଥିଲେ। ବୈଠକରେ ରାଜ୍ୟର ସମସ୍ତ ଜିଲ୍ଲାର କୃଷି ଅଧିକାରୀ, ଉଦ୍ୟାନ କୃଷି ଅଧିକାରୀ ଏବଂ ମୃତିକା ସଂରକ୍ଷଣ ଅଧିକାରୀ ଆଭାସି ମାଧ୍ୟମରେ ଯୋଗଦେଇଥିଲେ।

ସମ୍ଭାବ୍ୟ ବାତ୍ୟା ପରିସ୍ଥିତି ଉପରେ ବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ନଜର ରଖାଯାଇଛି ଏବଂ ଆବଶ୍ୟକୀୟ ପ୍ରସ୍ତୁତି ମଧ୍ୟ ଜାରି ରହିଛି। ସମସ୍ତ କୃଷି ଅଧିକାରୀଙ୍କୁ ଜିଲ୍ଲା ମୁଖ୍ୟାଳୟ ଛାଡ଼ି ନ ଯିବାକୁ ପରାମର୍ଶ ଦିଆଯିବା ସହ ସେମାନଙ୍କ ଛୁଟି ଆସନ୍ତା ୨୫ ଅକ୍ଟୋବର ଠାରୁ ନଭେମ୍ବର ୭ ତାରିଖ ପର୍ଯ୍ୟନ୍ତ ବାତିଲ କରାଯାଇଛି।

ପରିସ୍ଥିତି ଉପରେ କଡ଼ା ନଜର ରଖିବା ଏବଂ ଚାଷୀମାନଙ୍କର ବିଭିନ୍ନ ପ୍ରଶ୍ନ ଓ ସମସ୍ୟାର ସମାଧାନ ପାଇଁ କୃଷି ବିଭାଗ ତରଫରୁ ଚାଷୀଙ୍କ ପାଇଁ ଏକ ସ୍ୱତନ୍ତ୍ର କଂଟ୍ରୋଲ ରୁମ୍ ଓ ଟୋଲ୍ ଫ୍ରି ନମ୍ବର ୧୫୫୩୩୩ ବ୍ୟବସ୍ଥା କରାଯାଇଛି। ଏହି ନମ୍ବର ଆସନ୍ତାକାଲି ଠାରୁ କାର୍ଯ୍ୟକ୍ଷମ ରହିବ। ଚାଷୀ ଭାଇଭଉଣୀ ମାନେ ଫସଲ ସମ୍ବନ୍ଧୀୟ ଆବଶ୍ୟକ ପରାମର୍ଶ ସକାଳ ୮ ଠାରୁ ସନ୍ଧ୍ୟା ୮ ଟା ମଧ୍ୟରେ ଉପରୋକ୍ତ ନମ୍ବରରେ କଲ୍ କରି ଜାଣିପାରିବେ। ବାତ୍ୟା ତଥା ଅବପାତ ପରବର୍ତ୍ତୀ କ୍ଷୟକ୍ଷତି ଅନୁଧ୍ୟାନ ପାଇଁ କୃଷି ଅଧିକାରୀ ମାନେ ତୁରନ୍ତ ସହାୟତା କରିବାକୁ ପରାମର୍ଶ ଦିଆଯାଇଛି।

ସମସ୍ତ ଅଧିକାରୀଙ୍କୁ ପରିସ୍ଥିତି ପ୍ରତି ସତର୍କ ରହିବାକୁ, କୃଷି-ପରାମର୍ଶର ବ୍ୟାପକ ପ୍ରଚାର ପ୍ରସାର କରିବାକୁ ଏବଂ ବିଭାଗ ଦ୍ୱାରା ଦିଆଯାଇଥିବା ସମସ୍ତ ନିର୍ଦ୍ଦେଶାବଳୀ ସମ୍ପର୍କରେ ଜିଲ୍ଲା ପ୍ରଶାସନକୁ ଅବଗତ କରାଇବାକୁ କୃଷି ସଚିବ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

ଭାରତୀୟ ପାଣିପାଗ ବିଭାଗ ନିର୍ଦ୍ଦେଶକ ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ'ର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ। ସେ କହିଥିଲେ ଯେ ବର୍ତ୍ତମାନର ସ୍ଥିତି ଅନୁସାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ପବନର ବେଗ ଘଣ୍ଟାପ୍ରତି ୬୦ରୁ ୮୦ କିଲୋମିଟର ମଧ୍ୟରେ ସୀମିତ ରହିବ।

କୁଳପତି, ଓୟୁଏଟି, ପ୍ରବଳ ବର୍ଷା ଏବଂ ପବନର ପ୍ରତିକୂଳ ପ୍ରଭାବରୁ ଧାନ ଏବଂ ଅଣ-ଧାନ ଫସଲକୁ ସୁରକ୍ଷା ଦେବା ପାଇଁ କୃଷି-ପରାମର୍ଶ ପଦକ୍ଷେପଗୁଡ଼ିକ ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ।

# କାହିଁକି ମହାଭାରତ ଯୁଦ୍ଧ ପାଇଁ କୁରୁକ୍ଷେତ୍ରକୁ ବାଛିଥିଲେ ଶ୍ରୀକୃଷ୍ଣ ?

ମହାଭାରତ ଯୁଦ୍ଧ ବିଷୟରେ ଆପଣ ଅନେକ କଥା ଶୁଣିଥିବେ କିମ୍ବା କୌଣସି ବହିରୁ ପଢିଥିବେ। ତଥାପି ଆଉ କିଛି କଥା ଆପଣଙ୍କୁ ନିଶ୍ଚିତ ଭାବେ ଅଜଣା ରହିଥିବ। ଭଗବାନ ଶ୍ରୀକୃଷ୍ଣ ମହାଭାରତ ଯୁଦ୍ଧ ସମୟରେ ଅର୍ଜୁନଙ୍କୁ ଗୀତା ଉପଦେଶ ଦେଇଥିଲେ। କିନ୍ତୁ ଆଜି ମଧ୍ୟ ମହାଭାରତ ଯୁଦ୍ଧ ସହ ଜଡ଼ିତ ଅନେକ ରହସ୍ୟ ରହିଛି। କ'ଣ ଆପଣମାନେ କେବେ ଏହା ଭାବିଛନ୍ତି ଯେ ମହାଭାରତର ଯୁଦ୍ଧ କୁରୁକ୍ଷେତ୍ରରେ କାହିଁକି ହୋଇଥିଲା ? କାହିଁକି ଅନ୍ୟ କୌଣସି ସ୍ଥାନରେ ହେଲା ନାହିଁ ?



ମହାଭାରତ ଯୁଦ୍ଧ ସଂସାରର ସବୁଠାରୁ ଭୟଙ୍କର ଯୁଦ୍ଧ ଥିଲା। କୌରବ ଓ ପାଣ୍ଡବଙ୍କ ଭିତରେ ହୋଇଥିବା ଏହି ଯୁଦ୍ଧରେ ଦୁଇପକ୍ଷରୁ କୋଟି କୋଟି ଯୋଦ୍ଧାଙ୍କର ମୃତ୍ୟୁ ହୋଇଥିଲା। ମହାଭାରତ ଯୁଦ୍ଧ ପୂର୍ବରୁ ଏଭଳି ଭୟଙ୍କର ଯୁଦ୍ଧ କେବେ ହୋଇନଥିଲା ଓ କିମ୍ବା ହେବାର ସମ୍ଭାବନା ମଧ ନାହିଁ।

ମହାଭାରତ ଯୁଦ୍ଧ ପାଇଁ ଭଗବାନ ଶ୍ରୀକୃଷ୍ଣଙ୍କ ହିଁ ଚୟନ କରିଥିଲେ, କିନ୍ତୁ କୁରୁକ୍ଷେତ୍ରକୁ କାହିଁକି ଏଥିପାଇଁ ଚୟନ କରିଥିଲେ? ଏହା ପଛରେ ଏକ ଗଭୀର ରହସ୍ୟ ଲୁଚି ରହିଛି। ଶାସ୍ତ୍ର ଅନୁଯାୟୀ, ମହାଭାରତର ଯୁଦ୍ଧ ପାଇଁ ଯେତେବେଳେ ସମୟ ଧାର୍ଯ୍ୟ କରାଯାଇଥିଲା ସେତେବେଳେ ଏଥିପାଇଁ ଏଭଳି ଏକ ସ୍ଥାନର ସନ୍ଧାନ କରାଯାଉଥିଲା। ଭଗବାନ ଶ୍ରୀକୃଷ୍ଣ ଏହି ଯୁଦ୍ଧ ଜରିଆରେ ପୃଥିବୀ ଉପରେ ବଢୁଥିବା ପାପକୁ କମାଇବାକୁ କୁରୁକ୍ଷେତ୍ରର ଭୂମିକୁ ଚାହୁଁଥିଲେ ଏବଂ ଧର୍ମ ସ୍ଥାପନା କରିବା ଲକ୍ଷ୍ୟରେ ଥିଲେ।

ଭାଇ-ଭାଇ, ଗୁରୁ-ଶିଷ୍ୟ ଓ ସମ୍ପର୍କୀୟଙ୍କ ସହିତ ଯୁଦ୍ଧ ପାଇଁ ଏଭଳି ଏକ ଭୂମି ଚୟନ କରିବାର ନିଷ୍ପତ୍ତି ନେଇଛନ୍ତି, ଯେଉଁଠି କ୍ରୋଧ ଓ ଦ୍ୱେଷ ବହୁତ ପରିମାଣରେ ରହିଥାଏ। ଏହି କଥାର ଭୟ ପୂର୍ବରୁ ଶ୍ରୀକୃଷ୍ଣଙ୍କର ରହିଥିଲା। ଶ୍ରୀକୃଷ୍ଣ ଏହି କାମ ପାଇଁ ନିଜର ଦୂତଙ୍କୁ ସମସ୍ତ ଦିଗକୁ ପଠାଇଥିଲେ ଓ ତାଙ୍କୁ ସେଠିକାର ଘଟଣା ବିଷୟରେ ସମ୍ପୂର୍ଣ୍ଣ ତଥ୍ୟ ନେବାକୁ କହିଥିଲେ।

ଦୂତମାନେ ସମସ୍ତ ଘଟଣାର ସୂଚନା ନେବା ପରେ ଜଣ ଜଣ କରି ଭଗବାନ ଶ୍ରୀକୃଷ୍ଣଙ୍କୁ ଏ ବିଷୟରେ କହିଥିଲେ। ତାଙ୍କ ଭିତରୁ ଜଣେ ଦୂତ ସମ୍ପୂର୍ଣ୍ଣ ଭିନ୍ନ କଥା କହିଥିଲେ। ସେହି ଦୂତ ଜଣକ କହିଥିଲେ, କୁରୁକ୍ଷେତ୍ରରେ ଜଣେ ବଡ ଭାଇ ନିଜର ସାନ ଭାଇକୁ ଜମିରେ ବନ୍ଧ ଭାଙ୍ଗିବା କାରଣରୁ ବର୍ଷା ପାଣି ରୋକିବା ପାଇଁ କହିଥିଲେ, କିନ୍ତୁ ସେ ଏଭଳି କରିବାକୁ ମନା କରି ଦେଇଥିଲେ। ଏହାକୁ ନେଇ ବଡ ଭାଇ ଖୁବ୍ ରାଗି ଯାଇଥିଲେ ଓ ନିଜର ସାନ ଭାଇକୁ ଛୁରୀ ମାରି ହତ୍ୟା କଲେ। ମୃତଦେହକୁ ଘୋଷାରି ଘୋଷାରି ବନ୍ଧ ପାଖକୁ ନେଇଯାଇଥିଲା। ପୁଣି ଯେଉଁଠୁ ପାଣି ବାହାରୁଥିଲା ସେଠାରେ ପାଣି ରୋକିବା ପାଇଁ ସାନ ଭାଇର ମୃତଦେହକୁ ପକାଇ ଦେଇଥିଲା।

ଶ୍ରୀକୃଷ୍ଣ ଯେତେବେଳେ ଏହି ଘଟଣା ବିଷୟରେ ଶୁଣିଲେ, ସେ ଭାବି ନେଲେ ଯେ ଏହି ଭୂମି ଭାଇ-ଭାଇ, ଗୁରୁ-ଶିଷ୍ୟ ଏବଂ ସମ୍ପର୍କୀୟଙ୍କ ଭିତରେ ଯୁଦ୍ଧ ପାଇଁ ସମ୍ପୂର୍ଣ୍ଣ ଉପଯୁକ୍ତ ଅଟେ। କୁରୁକ୍ଷେତ୍ର ଭୂମିକୁ ନେଇ ଭଗବାନ ଶ୍ରୀକୃଷ୍ଣ ସମ୍ପୂର୍ଣ୍ଣ ନିଶ୍ଚିତ ହୋଇଯାଇଥିଲେ ଯେ, ଭାଇଙ୍କ ଭିତରେ ଯୁଦ୍ଧରେ ପରସ୍ପର ପ୍ରତି ପ୍ରେମ ସମ୍ପର୍କ ସୃଷ୍ଟି କରିବାକୁ ଦେବେନି। ଏଥିପାଇଁ ସେ ମହାଭାରତ ଯୁଦ୍ଧକୁ କୁରୁକ୍ଷେତ୍ରରେ କରିବାକୁ ନିଷ୍ପତ୍ତି ନେଇଥିଲେ କୃଷ୍ଣ।

## ଶୁଭ ସମୟର ପୂର୍ବ ସୂଚନା

ଆମେ ସମ୍ମୁଖୀନ ହେଉଥିବା ଜଟିଳ ସ୍ୱାସ୍ଥ୍ୟ ସମସ୍ୟାଗୁଡିକ ମଧ୍ୟରୁ ହୃଦଘାତ ଅନ୍ୟତମମନୁଷ୍ୟ ସର୍ବଦା ସୁଖପ୍ରାପ୍ତି ପାଇଁ ବ୍ୟଗ୍ର ହୋଇଥାଏ। କିନ୍ତୁ ଏହା ତାକୁ ମିଳି ନ ଥାଏ। କେତେବେଳେ ସୁଖ ତ କେତେବେଳେ ଦୁଃଖ ଭୋଗିବାକୁ ପଡ଼ିଥାଏ। ଯଦି ଆପଣ ଦୀର୍ଘଦିନ ଦିନ ଦୁଃଖ ବା ଖରାପ୍ ସମୟ ଦେଇ କରୁଛନ୍ତି ଏହାପରେ ଏକ ଭଲ ସମୟ ମଧ୍ୟ ଆପଣଙ୍କୁ ଅପେକ୍ଷା କରିଥାଏ। ତେବେ ଆସନ୍ତୁ ଜାଣିବା ଆପଣଙ୍କର ଭଲ ସମୟ ଆସିବା ପୂର୍ବରୁ ଭଗବାନ କେମିତି ଦେଇଥାନ୍ତି ସୂଚନା।

ଯଦି ଆପଣ କୌଣସି ବିଶେଷ କାର୍ଯ୍ୟ ବା ଚାକିରୀ ପାଇଁ ଇଣ୍ଟରଭ୍ୟୁ ଦେବାକୁ ଯାଉଛନ୍ତି ଏବଂ ହଠାତ୍ ଆପଣଙ୍କ ସାମ୍ନାରେ କୌଣସି ଗାଇ କିମ୍ବା ନଡ଼ିଆ ଦେଖିବାକୁ ମିଳେ ତେବେ ଏହା ଆପଣଙ୍କ ପାଇଁଁଭ ସଙ୍କେତ ହୋଇଥାଏ।

ସକାଳୁ କୌଣସି କାର୍ଯ୍ୟରେ ବାହାରିବା ସମୟରେ ବୁଢ଼ିଆଣୀ ଜାଲ ବୁଣୁଥିବା ଦେଖିଲେ, ଏହା ଭଲ ସମୟ। ଆଗମନର ସୂଚନା ପ୍ରଦାନ କରିଥାଏ। ସେହିପରି ମନ୍ଦିରରେ ପୂଜା କରୁଥିବା ସମୟରେ ଠାକୁରଙ୍କୁ ଅର୍ପଣ କରାଯାଇଥିବା ଫୁଲ ହଠାତ୍ ଆପଣଙ୍କ ଉପରେ କିମ୍ବା ସାମ୍ନାରେ ପଡ଼ିଯାଏ ତେବେ ଶୁଭ ସମୟ ଆଗତ ବୋଲି ବୁଝିବାକୁ ହେବ। ଏହାଦ୍ୱାରା ଭଗବାନ ଆପଣଙ୍କ ଉପରେ ପ୍ରସନ୍ନ ହୋଇଥାନ୍ତି।



# ସ୍ୱାସ୍ଥ୍ୟ ପାଇଁ ଅଳେଇଚ

ରୋଷେଇ ଘରେ ମସଲା ଭାବରେ ବ୍ୟବହୃତ ହେଉଥିବା ଜିନିଷ ହେଉଛି ଅଳେଇଚ। କେବଳ ରୋଷେଇ ନୁହେଁ, ଶରୀରରେ ହେଉଥିବା ବିଭିନ୍ନ ରୋଗକୁ ବି ଅଳେଇଚ ଭଲ କରିଥାଏ। କାରଣ ଏଥିରେ ଔଷଧୀୟ ଗୁଣ ବି ଭରି ରହିଛି। ଆସନ୍ତୁ ଜାଣିବା ଅଳେଇଚ ଖାଇଲେ, ଶରୀରକୁ କେଉଁସବୁ ଲାଭ ମିଳିଥାଏ।



■ ନିୟମିତ ଭାବରେ ଅଳେଇଚ ଖାଇବା ଦ୍ୱାରା ହାର୍ଟ ସୁସ୍ଥ ରହିଥାଏ। ଏଥି ସହିତ ବ୍ଲଡ ପ୍ରେସର ମଧ୍ୟ ନିୟନ୍ତ୍ରିତ ରହିଥାଏ।

■ କଳା ଅଳେଇଚ ଖାଇଲେ ପେଟରେ ଏସିଡର ମାତ୍ରା ନିୟନ୍ତ୍ରିତ ରହିଥାଏ। ଫଳରେ ଗ୍ୟାଷ୍ଟିକ ଓ ଅଲସର ପରି ସମସ୍ୟା ଦୂର ହୋଇଥାଏ।

■ ଶ୍ୱାସ ଜନିତ ସମସ୍ୟାକୁ ଥିଲେ ଅଳେଇଚ ଖାଆନ୍ତୁ। ଏହାଦ୍ୱାରା ଶ୍ୱାସ, କାଶ ସହିତ ଯକ୍ଷ୍ମାରୋଗର ଆଶଙ୍କା କମ୍ ହୋଇଥାଏ।

■ ଦାନ୍ତ ସଂକ୍ରମଣ, ଦାନ୍ତ ବିନ୍ଧିବା, ଦାନ୍ତରୁ ରକ୍ତ ବାହାରିବା ଓ ମାଢି ଦରଜ ହେବା ଭଳି ସମସ୍ୟା ଥିଲେ ଅଳେଇଚ ଖାଆନ୍ତୁ। ପାଟିରୁ ଗନ୍ଧ ବାହାରୁଥିଲେ ଅଳେଇଚ ଖାଇଲେ ଲାଭ ମିଳିଥାଏ।

■ ଅଳେଇଚରେ ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ରହିଛି। ତେଣୁ କେଶ ଝଡିବା ଓ ରୂପି ସମସ୍ୟାକୁ ଅଳେଇଚ ଦୂର କରିଥାଏ।

ପ୍ରତିଦିନ କଳା ଅଳେଇଚ ଖାଇଲେ ପରିସ୍ରା ଜନିତ ରୋଗ ଭଲ ହୋଇଥାଏ।

■ ଅଳେଇଚରେ ଜୀବାଣୁନାଶକ ଗୁଣ ରରହିଛି। ତେଣୁ କୁଣ୍ଡିଆ ରୋଗ ଓ ଆଲର୍ଜି ପରି ସଂକ୍ରମଣକୁ ଭଲ କରିବା ପାଇଁ ଅଳେଇଚ ଲାଭଦାୟକ।

# ଡାଇବେଟିସ ରୋଗୀଙ୍କ ପାଇଁ ପାଞ୍ଚଟି ଫଳ...............



ଶରୀରରେ ବିଭିନ୍ନ ପ୍ରକାର ଦେଖା ଯାଉଥିବା ରୋଗ ମଧ୍ୟରେ ଡାଇବେଟିସ ବା ମଧୁମେହ ବର୍ତ୍ତମାନ ସମୟରେ ଏକ ଲୋକଙ୍କ ପାଇଁ ଏକ ସାଧାରଣ ସମସ୍ୟାରେ ପରିଣତ ହୋଇଛି। ଡାଇବେଟିସରେ ପୀଡିତା ରୋଗୀଙ୍କୁ ହାର୍ଟ ଆଟାକ୍ ହେବାର ଆଶଙ୍କା ମଧ୍ୟ ରହିଥାଏ। ତେଣୁ ଡାଇବେଟିସ ନିୟନ୍ତ୍ରଣ କରିବା ପାଇଁ ନିର୍ଦ୍ଦିଷ୍ଟ ନୁହେଁ, ଦୈନନ୍ଦିନ ଖାଦ୍ୟପେୟରେ ପରିବର୍ତ୍ତନ ଆଣିବାକୁ ପଡିବ। ଏଥିପାଇଁ ଖାଦ୍ୟରେ କମଳା, ନାସପାତି, ଅଙ୍ଗୁର, ପିଜୁଳି ଓ ସେଓ ପରି ଫଳ ଖାଇବା ଅଭ୍ୟାସ କରନ୍ତୁ। ଆସନ୍ତୁ ଜାଣିବା ଏସବୁ ଫଳ ଖାଇବା ଦ୍ୱାରା ଡାଇବେଟିସ ରୋଗୀଙ୍କୁ କେଉଁସବୁ ଲାଭ ମିଳିଥାଏ।

■ କମଳା: କମଳାରେ ଭିଟାମିନ୍ ସି ଓ ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ରହିଛି। ଏହାକୁ ଖାଇଲେ ଶରୀରରେ ବ୍ଲଡ ପ୍ରେସର ଓ ବ୍ଲଡ ସୁଗାରର କଣ୍ଟ୍ରୋଲ ହୋଇଥାଏ। କମଳାରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ ଫ୍ଲାବୋପୋଏଡ ସ୍ମୃତିଶକ୍ତିକୁ ପ୍ରଖର କରିବା ସହିତ ନିଦ୍ରାଜନିତ ସମସ୍ୟା ଦୂର କରିଥାଏ।

■ ନାସପାତି : ତ୍ୱଚା ପାଇଁ ନାସପାତି ଖୁବ ଭଲ। ତେଣୁ ଏହାକୁ ଖାଇବା ଦ୍ୱାରା ତ୍ୱଚା ସୁସ୍ଥ ରହିବା ଡାଇବେଟିସ ନିୟନ୍ତ୍ରଣରେ ରହିଥାଏ। ନାସପାତି ଫ୍ୟାଟ, କୋଲେଷ୍ଟରଲ ଓ ସୋଡିୟମ୍ ଫ୍ରି ତତ୍ତ୍ୱ ରହିଛି। ଏହାସହିତ ଏଥିରେ ଭିଟାମିନ ସି, ମ୍ୟାଗ୍ନେସିୟମ୍, କପୋର ଓ ପୋଟାସିୟମ୍ ଭରପୁରର ମାତ୍ରାରେ ରହିଛି।

■ ପିଜୁଳି: ଏଥିରେ ଭିଟାମିନ୍ ସି, ପୋଟାସିୟମ ଓ ସୋଡିୟମର ଗୁଣ ରହିଥିବାରୁ ଡାଇବେଟିସକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ। ମୋଟା ଲୋକମାନେ ଅଧିକ ଟାଇପ-୨ ଡାଇବେଟିସ ରୋଗୀର ଶିକାର ହୋଇଥାନ୍ତି। ଏଥିପାଇଁ ଏହି ପ୍ରକାର ଡାଇବେଟିସ ରୋଗୀ ନିଜ ଡାଏଟରେ ନିଶ୍ଚୟ ପିଜୁଳିକୁ ସାମିଲ କରନ୍ତୁ।

■ ଅଙ୍ଗୁର: ଅଙ୍ଗୁର ଖାଇଲେ ଡାଇବେଟିସ ନିୟନ୍ତ୍ରିତ ରହିଥାଏ। ଏଥିସହିତ ଏଥିରେ ଥିବା ଭିଟାମିନ୍ କେ ହାଡକୁ ମଜବୁତ କରିଥାଏ ଏବଂ ପୋଟାସିୟମ୍ ବ୍ଲଡ ପ୍ରେସରରକୁ ନିୟନ୍ତ୍ରଣ କରିଥାଏ।

## ଘରକୁ ଓ କର୍ମକ୍ଷେତ୍ରକୁ ସର୍ବଦା ସ୍ୱଚ୍ଛ ରଖନ୍ତୁ

କର୍ମକ୍ଷେତ୍ର ତଥା ଜୀବନରେ ସଫଳତା ପ୍ରାପ୍ତି ପାଇଁ ବାସ୍ତୁ ଶାସ୍ତ୍ରରେ କିଛି ସହଜ ଉପାୟ ବିଷୟରେ ବର୍ଣ୍ଣନା କରାଯାଇଛି। ଜାଣନ୍ତୁ ଏ ବିଷୟରେ ..

ସକାଳେ କିଛି ସମୟ ସୂର୍ଯ୍ୟ କିରଣରେ ନିଶ୍ଚୟ ରୁହନ୍ତୁ।



ଏପରି କରିବା ଦ୍ୱାରା ମନରେ ଆତ୍ମବିଶ୍ୱାସ ବୃଦ୍ଧି ପାଇଥାଏ। ସ୍ୱସ୍ତିକ, କଳସ, ଓଁ ଆଦିର ଚିତ୍ର ଲଗାଇଲେ ଗୃହରେ ସକରାତ୍ମକ ବାତାବରଣ ସର୍ବଦା ରହିଥାଏ। ନିୟମିତ ପକ୍ଷୀଙ୍କୁ ଦାନା ଖୁଆନ୍ତୁ। କର୍ମକ୍ଷେତ୍ରରେ ଓ ଘରେ ନିଜ ଆଖପାଖରେ ସର୍ବଦା ସକରାତ୍ମକ ବାତାବରଣ ରଖନ୍ତୁ। ଘରକୁ ଓ କର୍ମକ୍ଷେତ୍ରକୁ ସର୍ବଦା ସ୍ୱଚ୍ଛ ରଖନ୍ତୁ। କର୍ମକ୍ଷେତ୍ରରେ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଧୂପ ପ୍ରଜ୍ୱଳନ କରି ଭଗବାନଙ୍କୁ ସ୍ମରଣ କରନ୍ତୁ। ଟଙ୍କାପଇସା ସମ୍ବନ୍ଧିତ କାର୍ଯ୍ୟ କରିବା ପୂର୍ବରୁ ମା'ଲକ୍ଷ୍ମୀଙ୍କୁ ସ୍ମରଣ କରନ୍ତୁ। ନିଜ ଗୃହରେ ହସୁଥିବା ପିଲାଙ୍କ, ସୁନ୍ଦର ବଗିଚର ଫୁଲ, ବସନ୍ତ ଋତୁ ଆଦିର ଚିତ୍ର ଲଗାନ୍ତୁ।

ଏହାସହ ବାସ୍ତୁ ଶାସ୍ତ୍ରରେ କେତେକ ବସ୍ତୁକୁ ଉପହାରରେ ଦେବା ଶୁଭ ବୋଲି କୁହାଯାଏ। ଯେପରି ମାଟି କିମ୍ବା ଅନ୍ୟ ପଦାର୍ଥରେ ପ୍ରସ୍ତୁତ ହାତୀ କିମ୍ବା ଯୋଡ଼ା ହାତୀ ଉପହାର ଦିଅନ୍ତୁ।



# ଜାତୀୟ ବଜ୍ରପାତ ସୁରକ୍ଷା କର୍ମଶାଳା ଉଦଘାଟିତ

**ଭୁବନେଶ୍ୱର, ୨୪।୧୦ (ମହାଭାରତ):** ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ଭୁବନେଶ୍ୱର ଠାରେ ଜାତୀୟ ବଜ୍ରପାତ ସୁରକ୍ଷା କର୍ମଶାଳା ଉଦଘାଟନ କରିଛନ୍ତି କ୍ଷ ଅକ୍ଟୋବର ୧୫ ଏବଂ ୧୬ ଦୁଇଦିନ ଧରି ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ(ଓସଡମା)ଙ୍କ ପକ୍ଷରୁ ଏହି ଜାତୀୟ କର୍ମଶାଳା ଆୟୋଜିତ ହେଉଥିବା ବେଳେ ଦେଶର ପ୍ରମୁଖ ବୈଜ୍ଞାନିକ ଓ ବୈଷୟିକ ଅନୁଷ୍ଠାନ, ବିଶ୍ୱବିଦ୍ୟାଳୟ, ବିପର୍ଯ୍ୟୟ ପରିଚାଳନା ସଂସ୍ଥା, ଗବେଷକ ଏବଂ ଜିଲ୍ଲାସ୍ତରୀୟ ଅଧିକାରୀବୃନ୍ଦ ଯୋଗଦେଇଛନ୍ତି। କର୍ମଶାଳାକୁ ଉଦଘାଟନ କରି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ, ସାମ୍ପ୍ରତିକ ପରିସ୍ଥିତିରେ ପ୍ରଭାବ ଏବଂ କ୍ଷୟକ୍ଷତି ଦୃଷ୍ଟିରୁ ବଜ୍ରପାତ ଏକ ଗୁରୁତ୍ୱପୂର୍ଣ୍ଣ ବିପର୍ଯ୍ୟୟର ସ୍ୱରୂପ ହୋଇଥିବା ବେଳେ ଏହାର ମୁକାବିଲା ତଥା ବଜ୍ରପାତଜନିତ ମୃତ୍ୟୁ ଏବଂ କ୍ଷୟକ୍ଷତି ହ୍ରାସ କରିବା ନିମନ୍ତେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ନିରନ୍ତର ଉଦ୍ୟମ କରୁଛନ୍ତି। ଏହିପରି ଜାତୀୟ କର୍ମଶାଳାର ଆୟୋଜନ ହେବା ଦ୍ୱାରା ବୈଜ୍ଞାନିକ, ଗବେଷକ, ବିଶେଷଜ୍ଞ ଏବଂ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ବିଚାରବିମର୍ଶ, ଆଲୋଚନା ତଥା ମାନସମନ୍ୱୟ ମାଧ୍ୟମରେ ବଜ୍ରପାତର ପ୍ରକୋପ ହ୍ରାସ ଦିଗରେ ଏହା ଏକ ଉଲ୍ଲେଖନୀୟ ପଦକ୍ଷେପ ସାବ୍ୟସ୍ତ ହେବ। ପ୍ରକାରାନ୍ତରେ ବିପର୍ଯ୍ୟୟ ବିପଦ ହ୍ରାସ ଦିଗରେ ଓଡ଼ିଶାର ଦକ୍ଷତାକୁ ଏହା ଆହୁରି ସୁଦୃଢ଼ କରିବ ବୋଲି ମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।



ଉଦଘାଟନୀ ଅଧିବେଶନରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଭାରତ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ମହାପାତ୍ର କହିଲେ ଯେ, ଉପଗ୍ରହ ତଥ୍ୟର ସମନ୍ୱୟ, ସଂଖ୍ୟାତ୍ମକ ପାଣିପାଗ ପୂର୍ବାନୁମାନ, କୃତ୍ରିମ ବୁଦ୍ଧିମତା (ଏଆଇ) ଓ ମେସିନ୍ ଲର୍ଣ୍ଣିଂ ର ନୂତନ ପ୍ରୟୋଗ ଏବଂ ପଂଚାୟତସ୍ତରୀୟ ନିଷ୍ପତି ସହାୟକ ବ୍ୟବସ୍ଥା ମାଧ୍ୟମରେ ବଜ୍ରପାତ ଚିହ୍ନଟ, ନିରୀକ୍ଷଣ ଓ ପୂର୍ବାନୁମାନ ବ୍ୟବସ୍ଥାର ଉନ୍ନତି ଉପରେ ଏହି କର୍ମଶାଳାରେ ଆଲୋଚନା କରାଯିବ। ଏହିପରି କର୍ମଶାଳା ମାଧ୍ୟମରେ ବଜ୍ରପାତ ପରି ବିପର୍ଯ୍ୟୟର ମୁକାବିଲା ନିମନ୍ତେ ଆମର ବ୍ୟବସ୍ଥା ଅଧିକ କ୍ରିୟାଶୀଳ ହୋଇପାରିବ। ଓସଡମାର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଜେଶ ପ୍ରଭାକର ପାଟିଲ କହିଲେ ଯେ, ବଜ୍ରପାତର ପୂର୍ବାନୁମାନ, ବିପଦ ଆକଳନ, ଆଗୁଆ ସତର୍କ ସୂଚନାର ପ୍ରସାର ଏବଂ ଜନସାଧାରଣଙ୍କ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ। ଦୁଇଦିନ ଧରି ଏହି କର୍ମଶାଳାରେ ବିଶେଷକରି କୃଷକ, କୃଷି ଶ୍ରମିକ, ବାହାରେ ଖୋଲା ସ୍ଥାନରେ କାର୍ଯ୍ୟ କରୁଥିବା ଶ୍ରମଜୀବୀ, ଛାତ୍ରଛାତ୍ରୀ ଏବଂ ବିପଦପ୍ରବଣ ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କ ଜୀବନ ସୁରକ୍ଷା ନିମନ୍ତେ ବୈଜ୍ଞାନିକ ଜ୍ଞାନ ଓ ଆଧୁନିକ ବୈଷୟିକ ପ୍ରଗତିକୁ କିପରି ବ୍ୟାବହାରିକ ପଦକ୍ଷେପରେ ପରିଣତ କରାଯାଇପାରିବ, ତାହା ଉପରେ ଆଲୋଚନା କରାଯିବ। ଓଡ଼ିଶା ପରି ବିପର୍ଯ୍ୟୟପ୍ରବଣ ରାଜ୍ୟରେ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଦିଗରେ ଓସଡମାର ପ୍ରୟାସ ସର୍ବଦା ଅବ୍ୟାହତ ରହିଛି। ଏହି ଅଧିବେଶନରେ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି), ଭାରତୀୟ ଟ୍ରପିକାଲ୍ ମେଟିଓରୋଲୋଜି ପ୍ରତିଷ୍ଠାନ, ଜାତୀୟ ରିମୋଟ୍ ସେନ୍ସିଂ କେନ୍ଦ୍ର, ଜାତୀୟ ଭୂବିଜ୍ଞାନ ଅଧ୍ୟୟନ କେନ୍ଦ୍ର, ଜାତୀୟ ମଧ୍ୟମ ଅବଧି ପାଣିପାଗ ପୂର୍ବାନୁମାନ କେନ୍ଦ୍ର, ଭାରତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥା, ଭୁବନେଶ୍ୱର (ଆଇଆଇଟି ଭୁବନେଶ୍ୱର), ଫକୀର ମୋହନ ବିଶ୍ୱବିଦ୍ୟାଳୟ, ଜାତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥା, ପାଟନା (ଏନଆଇଟଟି ପାଟନା), କାଉନ୍‌ସିଲ୍ ଅନ୍ ଏନର୍ଜି, ଏନ୍‌ଭାଇରନ୍‌ମେଂଟ ଆଣ୍ଡ ୱାର୍ଟ, ସେଂଟ୍ରାଲ୍ ୟୁନିଭର୍ସିଟି ଅଫ୍ ଝାଡ଼ଖଣ୍ଡ, ସିଏସଆଇଆର ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡାଟା ସାଇନ୍ସ ଆଣ୍ଡ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ, ତ୍ରିପୁରା ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଶିକ୍ଷା 'ଓ' ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, କ୍ଲାଇମେଟ୍ ରେଜିଲିଏଂଟ ଅବଜର୍ଭିଂ ସିଷ୍ଟମ୍ସ ପ୍ରମୋସନ୍ କାଉନ୍‌ସିଲ୍ ଏବଂ କେପ୍ ଇଲେକ୍ଟ୍ରିକ୍ ର ବିଶେଷଜ୍ଞମାନେ ଯୋଗ ଦେଇଛନ୍ତି।

## ବଢ଼ିଲା ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟକାଳ

**ଭୁବନେଶ୍ୱର, ୨୪।୧୦ (ମହାଭାରତ):** ଅନ୍ତ୍ୟୋଦୟ ଗୃହ ଯୋଜନାରେ ଆଉ ୨,୯୧,୬୬୬ ନୂଆ ଘର ନିର୍ମାଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେଇଛନ୍ତି। ଏହା ସହିତ ଏହି ଯୋଜନାର କାର୍ଯ୍ୟକାଳ ମଧ୍ୟ ୨ ବର୍ଷ ବୃଦ୍ଧି ପାଇଛି। ୨୦୨୭ ପରିବର୍ତ୍ତେ ୨୦୨୯ ପର୍ଯ୍ୟନ୍ତ ଏହାର ଅବଧି ବୃଦ୍ଧି କରାଯାଇଛି। ଏହି ନିଷ୍ପତି ନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ସମସ୍ତଙ୍କ ପାଇଁ ଘର ଯୋଗାଇ ଦେବାର ଲକ୍ଷ୍ୟ ଖୁବ୍ ଶୀଘ୍ର ହାସଲ କରାଯିବ। ଏହି ଯୋଜନାର ସମୁଦାୟ ପ୍ରକଳ୍ପ ଖର୍ଚ୍ଚ ୭,୫୫୦ କୋଟି ଟଙ୍କା ପୂର୍ବ ପରି ଅପରିବର୍ତ୍ତିତ ରହିବ। ତେବେ ଏହି ପ୍ରକଳ୍ପର ୩,୫୦୦ କୋଟି ଟଙ୍କା ରିପେୟାରିଙ୍ଗ୍ କମ୍ପୋନେଣ୍ଟକୁ ନୂଆ ଘର ନିର୍ମାଣ ପାଇଁ ନିଷ୍ପତି କରାଯାଇଛି। ଏହି ଯୋଜନାରେ ଯେଉଁ ହିତାଧିକାରୀମାନେ ୪୮, ୫୦୦ ଟଙ୍କା କିମ୍ବା ତା ଠାରୁ କମ ପାଇଥିବେ ଏବଂ ଅନ୍ୟ ଯୋଗ୍ୟ ହିତାଧିକାରୀ ଏଥିରେ ସାମିଲ ହେବେ। ଏଥିପାଇଁ ନୂଆ ହିତାଧିକାରୀ ଚିହ୍ନଟ କରିବା ପାଇଁ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗକୁ ଶୀଘ୍ର ସର୍ଭେ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ଯୋଜନାରେ ପୂର୍ବ ନିର୍ଦ୍ଧାରିତ ପ୍ରୋତ୍ସାହନ ରାଶି ପରିମାଣରେ ମଧ ବୃଦ୍ଧି କରାଯାଇଛି। ପୂର୍ବରୁ ୪ ମାସରେ ଘର ଶେଷ କରୁଥିବା ହିତାଧିକାରୀଙ୍କୁ ୨୦ ହଜାର ଟଙ୍କା ମିଳୁଥିବା ବେଳେ ଏବେ ୫ ମାସରେ ଘର ଶେଷ କଲେ ୩୫ ହଜାର ଟଙ୍କା ପ୍ରୋତ୍ସାହନ ରାଶି ମିଳିବ। ସେହିପରି ୬ ମାସରେ ଘର ଶେଷ କରୁଥିବା ହିତାଧିକାରୀଙ୍କୁ ୧୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ମିଳୁଥିବା ବେଳେ ଏବେ ୭ ମାସରେ ଘର ଶେଷ କଲେ ୨୦ ହଜାର ଟଙ୍କା ମିଳିବ। ଏହାଦ୍ୱାରା ଆହୁରି ଅଧିକ ବ୍ୟକ୍ତି ଏହି ଯୋଜନାର ଲାଭ ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଯୋଜନାରେ ୫ ଲକ୍ଷ ପରିବାରଙ୍କ ପାଇଁ ଘର ନିର୍ମାଣ କରିବାର ଲକ୍ଷ୍ୟ ରହିଥିଲା। ମୁଖ୍ୟତଃ ଯେଉଁମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇନଥିବେ ତଥା ଗରିବ ଓ ଅସହାୟ ଥିବେ, ସେହିମାନଙ୍କ ପାଇଁ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି।

# ଧନାଭାବ ଓ ଅତିସକ୍ରିୟତା ବିକାଶ ସମ୍ପର୍କରେ ସଚେତନତା

**ଭୁବନେଶ୍ୱର, ୨୪।୧୦ (ମହାଭାରତ):** ଅକ୍ଟୋବର ମାସକୁ 'ଆନ୍ତର୍ଜାତୀୟ ଧନାଭାବ ଓ ଅତିସକ୍ରିୟତା ବିକାର (ଏଡିଏଚଡି) ସଚେତନତା ମାସ' ଭାବରେ ପାଳନ କରାଯାଉଥିବା ପରିପ୍ରେକ୍ଷୀରେ ସମାଜର ଦିବ୍ୟାଙ୍ଗ ବ୍ୟକ୍ତିବିଶେଷଙ୍କ ପାଇଁ କାର୍ଯ୍ୟ କରୁଥିବା ସଂସ୍ଥା 'ଅଭିଷ୍ଟ ଚାରିଟେବଲ୍ ଟ୍ରଷ୍ଟ' ପକ୍ଷରୁ ଏକାମ୍ର କାନନ ବଟାନିକାଲ୍ ଗାର୍ଡେନ୍ ରେ ଏକ ଗଣଦୌଡ଼ର ଆୟୋଜନ ହୋଇଯାଇଛି। ଶହେରୁ ଅଧିକ ଲୋକ ଏହି ଉଦ୍ଦେଶ୍ୟକୁ ସମର୍ଥନ କରି ଦୌଡ଼ରେ ଅଂଶଗ୍ରହଣ କରିଥିଲେ। ଏହି ଦୌଡ଼ର ଲକ୍ଷ୍ୟ ଥିଲା 'ଧନାଭାବ ଓ ଅତିସକ୍ରିୟତା ବିକାର' ବିଷୟରେ ସଚେତନତା ସୃଷ୍ଟି କରିବ। ହେଉଛି ଛୋଟପିଲା ଏବଂ ବୟସ୍କମାନଙ୍କ ମଧ୍ୟରେ ଦେଖାଯାଉଥିବା ଏକ ସ୍ନାୟୁଗତ ବିକାରଜନିତ ସମସ୍ୟା। ଏଥିରେ ପୀଡ଼ିତ ଜଣେ ବ୍ୟକ୍ତି ମନୋଯୋଗର ଅଭାବ କିମ୍ବା ଅତ୍ୟଧିକ ଚଂଚଳତା ବା ଆବେଗିକ ପ୍ରତିକ୍ରିୟାଶୀଳତା କିମ୍ବା ଉଭୟ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଆମେରିକାର 'ସେଂଟର ଫର୍ ଡିଜିଜ୍ କଂଟ୍ରୋଲ୍' ଅନୁଯାୟୀ, ଆମେରିକୀୟ ନାଗରିକମାନଙ୍କ ୬% (୧୫.୫ ନିୟୁତ) ଲୋକଙ୍କ ପାଖରେ ଏହି ସମସ୍ୟା ଦେଖାଯାଏ। ବର୍ତ୍ତମାନ ଅନେକ ବୟସ୍କ ମଧ୍ୟ ଏହି ରୋଗର ନିରାକରଣ ବା ଚିହ୍ନଟ ପାଇଁ ଆଗେଇ ଆସୁଥିବା ଦେଖିବାକୁ ମିଳୁଛି। ଜଣେ ବ୍ୟକ୍ତିର କାର୍ଯ୍ୟ ସମ୍ପାଦନ କ୍ଷମତା, ଯୋଜନା ପ୍ରସ୍ତୁତି ଏବଂ କାର୍ଯ୍ୟ ଶେଷ କରିବା ପ୍ରକ୍ରିୟାକୁ ମଧ୍ୟ ପ୍ରଭାବିତ କରିଥାଏ। କେତେକ କ୍ଷେତ୍ରରେ, ପୀଡ଼ିତ ବ୍ୟକ୍ତି 'ଟାସ୍କ ପାରାଲିସିସ୍' (କାର୍ଯ୍ୟ ଆରମ୍ଭ କରିବାରେ ଅକ୍ଷମତା)ର ଶିକାର ହୋଇପାରନ୍ତି। କୌଣସି ଦଳଗତ କ୍ରୀଡ଼ା ପାଇଁ ଅସମର୍ଥ ହେଉଥିବାବେଳେ ଦୌଡ଼, ସାଇକେଲ୍ ଚାଳନା ଏବଂ ପହଁରିବା ଭଳି ବ୍ୟକ୍ତିଗତ କ୍ରୀଡ଼ା ସେମାନଙ୍କ ପାଇଁ ସର୍ବୋତମ ଅଟେ। ତେଣୁ, 'ଏଡିଏଚଡ ସଚେତନତା ମାସ' ପାଳନ କରିବା ଏବଂ ଏହା ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଏହି ଗଣଦୌଡ଼ର ଆୟୋଜନ କରାଯାଇଥିଲା। 'ଅର୍ଜୁନ ପୁରସ୍କାର'ପ୍ରାପ୍ତ ସାଇକେଲ୍ ଚାଳକ ଶ୍ରୀମତୀ ମିନାତି ମହାପାତ୍ର, ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତିସମ୍ପନ୍ନ 'ସ୍ପେଶାଲ୍ ଅଲିମ୍ପିକ୍ସ ଭାରତ'ର କୋଚ୍ କୁମାରୀ ଅର୍ପିତା ମହାପାତ୍ର, ଜାତୀୟ ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର ନିର୍ମାତା ତଥା ଲେଖିକା ଶ୍ରୀମତୀ ବିଦ୍ୟୋତ ପ୍ରଜ୍ଞା ତ୍ରିପାଠୀଙ୍କ ସମେତ ଦକ୍ଷ ଦିବ୍ୟାଙ୍ଗ କ୍ରୀଡ଼ାବିତ ଏବଂ ଅଟିଜିମ୍ ଥିବା ଶିଶୁମାନଙ୍କର ଯତ୍ନ ନେଉଥିବା ବ୍ୟକ୍ତିବିଶେଷ ପ୍ରମୁଖ ଏହି ମାରାଥନ୍‌ରେ ଭାଗ ନେଇଥିଲେ। ପୁଲ୍ ଷ୍ଟପ୍ ସ୍ପୋର୍ଟସ୍ ପ୍ରାଇଭେଟ୍ ଲିମିଟେଡ୍' ଏହି ମାରାଥନ୍ ଆୟୋଜନରେ ସହଯୋଗ କରିଥିଲେ।

# ୨୬ରୁ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ଘରକୁ ଘର ସର୍ଭେ

**ଭୁବନେଶ୍ୱର, ୨୪।୧୦ (ମହାଭାରତ):** ରାଜ୍ୟରେ ଆଗାମୀ ପଂଚାୟତ ଓ ପୌର ନିର୍ବାଚନ–୨୦୨୭ ପାଇଁ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ଅକ୍ଟୋବର ୨୬ ତାରିଖରୁ ଘରକୁ ଘର ସର୍ଭେ ଆରମ୍ଭ ହେବ। ଏହି ପ୍ରକ୍ରିୟା ପରେ ଆସନ୍ତା ୨୦୨୭ ଜାନୁଆରୀ ୧ ତାରିଖରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବ। ତାଲିକା ସମ୍ପର୍କରେ ଦାବି ଓ ଆପତି ଦାଖଲ କରିବା ପାଇଁ ଭୋଟରମାନଙ୍କୁ ୨୦ ଦିନର ସମୟ ଦିଆଯିବ। ସମସ୍ତ ଦାବି ଓ ଆପତିର ଯାଂଚ ଏବଂ ଆବଶ୍ୟକୀୟ ପ୍ରକ୍ରିୟା ସମାପ୍ତ ହେବା ପରେ ଫେବୃଆରୀ ୧୦ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯିବ।

ଏହି ସର୍ଭେ ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ,ଗୋଟିଏ ପରିବାରର ସମସ୍ତ ଭୋଟର ଯେମିତି ଗୋଟିଏ ଭୋଟଦାନ କେନ୍ଦ୍ରରେ ଭୋଟ ଦେବେ ଏବଂ ଗୋଟିଏ ଅଂଚଳର ସମସ୍ତ ଭୋଟର ଯେମିତି ଗୋଟିଏ ଭୋଟ କେନ୍ଦ୍ରରେ ଭୋଟ ଦେଇପାରିବେ ତାହା ଏହି ସର୍ଭେ ଦ୍ୱାରା ସମ୍ଭବ ହୋଇପାରିବ। ଏହି ସର୍ଭେ ଦ୍ୱାରା ଗୋଟିଏ ପରିବାରର ସମସ୍ତ ଭୋଟରଙ୍କ ନାମ ସମାନ ୱାର୍ଡ ଓ ବୁଥ୍ ର ଭୋଟର ତାଲିକାରେ କ୍ରମାନୁସାରେ ରଖାଯିବ। ସବୁ ପରିବାର ପାଇଁ ଗୋଟିଏ ସ୍ୱତନ୍ତ୍ର ଘର ନମ୍ବର ଦିଆଯିବ ଏବଂ ଘରର ସମସ୍ତ ଭୋଟରଙ୍କୁ ସେହି ନମ୍ବର ସହ ଯୋଡ଼ାଯିବ।ଏ ସମ୍ପର୍କରେ ଆଜି ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ନିର୍ବାଚନ ଆୟୁକ୍ତ ଶ୍ରୀ ମଧୁସୂଦନ ପାଢ଼ୀ ସୂଚନା ପ୍ରଦାନ କରିଥିଲେ।



ଏହି ସର୍ଭେ ଓ ପରବର୍ତୀ ତାଲିକା ପ୍ରସ୍ତୁତି ପ୍ରକ୍ରିୟା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାପ୍ତ କରାଯିବ। ସର୍ଭେ ପରେ ଜାନୁଆରୀ ୧ ତାରିଖରେ ଚିଠା ଭୋଟର ତାଲିକା ପ୍ରକାଶ କରାଯିବ। ଏହା ପ୍ରକାଶ ପାଇବା ପରେ ଭୋଟରମାନେ ନିଜ ନାମ ଓ ଅନ୍ୟାନ୍ୟ ବିବରଣୀ ଯାଂଚ କରିପାରିବେ। ତାଲିକାରେ କୌଣସି ତ୍ରୁଟି, ଅସଙ୍ଗତି କିମ୍ବା ନାମ ସମ୍ପର୍କିତ ସମସ୍ୟା ଥିଲେ ନିର୍ଦ୍ଧାରିତ ୨୦ ଦିନ ମଧ୍ୟରେ ଦାବି ଓ ଆପତି ଦାଖଲ କରିବାର ସୁଯୋଗ ମିଳିବ। ଭୋଟର ତାଲିକାରେ ନାମ ଯୋଡ଼ିବା, ତଥ୍ୟ ସଂଶୋଧନ କରିବା କିମ୍ବା ଅଯୋଗ୍ୟ ନାମ ବାଦ୍ ଦେବା ପାଇଁ ଗ୍ରାମାଂଚଳ, ସହରାଂଚଳ ଓ ମହାନଗର ନିଗମ ଅଂଚଳ ନିମନ୍ତେ ନିର୍ଦ୍ଧାରିତ ଫର୍ମ ବ୍ୟବହାର କରାଯିବ ଓ

ନାମ ଯୋଡ଼ିବା ବା ସଂଶୋଧନ ପାଇଁ ଗ୍ରାମାଂଚଳରେ ଦାବି ଫର୍ମ–୧୬, ସହରାଂଚଳରେ ଫର୍ମ –୩ ଏବଂ ମହାନଗର ନିଗମ ଅଂଚଳରେ ଫର୍ମ–୭ ମାଧ୍ୟମରେ ଆବେଦନ କରିପାରିବେ।ସେହିପରି,ନାମ ବାଦ୍ ଦେବା ପାଇଁ ଗ୍ରାମାଂଚଳରେ ଆପତି ଫର୍ମ–୧୭, ସହରାଂଚଳରେ ଫର୍ମ–୪ ଏବଂ ମହାନଗର ନିଗମ ଅଞ୍ଚଳରେ ଫର୍ମ–୮ ମାଧ୍ୟମରେ ଆବେଦନ ଦାଖଲ କରିପାରିବେ।

ଚିଠା ଭୋଟର ତାଲିକା ପ୍ରକାଶ ପରେ ଦାଖଲ ହେଇଥିବା ଦାବି ଓ ଆପତିଗୁଡ଼ିକର ସହାୟକ ନିର୍ବାଚକ ପଞ୍ଜିକରଣ ଅଧିକାରୀ /ନିର୍ବାଚକ ପଞ୍ଜିକରଣ ଅଧିକାରୀ ଙ୍କ ସ୍ତରରେ ଯାଂଚ କରାଯାଇ ନିୟମାନୁଯାୟୀ ଆବଶ୍ୟକ ପଦକ୍ଷେପ ନିଆଯିବ। ଏହି ପ୍ରକ୍ରିୟା ସମାପ୍ତ ହେବା ପରେ ଫେବୃଆରୀ ୧୦ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଏହାଦ୍ୱାରା ଆଗାମୀ ପଂଚାୟତ ଓ ପୌର ନିର୍ବାଚନ ପାଇଁ ଭୋଟର ତାଲିକା ପ୍ରସ୍ତୁତି ପ୍ରକ୍ରିୟାକୁ ନିର୍ଦ୍ଧାରିତ ସମୟରେ ସମାପ୍ତ କରିବା ସମ୍ଭବ ହେବ।

# କିଶୋରୀ ସଶକ୍ତିକରଣ ପାଇଁ ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟ ସହ ବୁଝାମଣା

**ଭୁବନେଶ୍ୱର, ୨୪।୧୦ (ମହାଭାରତ):** ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର ଓ ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟ (ବିଜିୟୁ), ଭୁବନେଶ୍ୱର ମଧ୍ୟରେ ଗୁରୁବାର ମହିଳା ଓ ଶିଶୁ ବିକାଶ ବିଭାଗର ସମ୍ମିଳନୀ କକ୍ଷରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା। ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର-ତଥା-ଶାସନ ସଚିବ ଶ୍ରୀମତୀ ମୃଣାଳିନୀ ଦରସୱାଲଙ୍କ ଉପସ୍ଥିତିରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା। ବିଭାଗ ତରଫରୁ ବିଭାଗର କମିଶନର-ତଥା-ଶାସନ ସଚିବ ଶ୍ରୀମତୀ ମୃଣାଳିନୀ ଦରସୱାଲ ଏବଂ ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟ ତରଫରୁ ପ୍ରଫେସର କୁଳଭୂଷଣ ବାଲୁନି, କୁଳପତି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ।ଏହି ଅବସରରେ ବିଭାଗର ବରିଷ୍ଠ ଅଧିକାରୀଗଣ ଏବଂ ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟର ଅଧ୍ୟାପକଗଣ ଉପସ୍ଥିତ ଥିଲେ।



୧୦ରୁ ୧୯ ବର୍ଷ ବୟସର କିଶୋର-କିଶୋରୀଙ୍କ ସାମର୍ଥ୍ୟକୁ ବିକଶିତ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାର ଅଦ୍ୱିକା–' କିଶୋରୀ ଓ କିଶୋର ସଶକ୍ତିକରଣର ଏକ ପଥ' ଯୋଜନା ଆରମ୍ଭ କରିଥିଲେ। ଏହି ଯୋଜନାରେ ପ୍ରତି ଶନିବାର କିଶୋର-କିଶୋରୀମାନଙ୍କ ପାଇଁ ଜୀବନ କୌଶଳ ଶିକ୍ଷା ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ଅଦ୍ୱିକା କିଶୋରୀ ଓ ଚରରଙ୍କ ଖରବୟରଙ୍କ ମାନଙ୍କ ଦକ୍ଷତାକୁ ଅଧିକ ସୁଦୃଢ଼ କରିବା ପାଇଁ ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟ ସହ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା ଯାହା ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଦକ୍ଷତା ଏବଂ ବିଭାଗର ତୃଣମୂଳ ସ୍ତରରେ ରହିଥିବା ପହଞ୍ଚକୁ ଏକତ୍ରିତ କରିଥିଲା।

ବୁଝାମଣା ପତ୍ର ଅନୁଯାୟୀ, ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରସ୍ଥିତ ଏହାର କ୍ୟାମ୍ପସରେ ୫୦ ଜଣ ଅଦ୍ୱିକା କିଶୋରୀଙ୍କ ପାଇଁ ଛଅ ଦିନିଆ ଆବାସିକ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରିବ ବୋଲି ସ୍ଥିର ହୋଇଥିଲା। ଏହା କିଶୋରୀମାନଙ୍କୁ ବିଶ୍ୱବିଦ୍ୟାଳୟ ପରିବେଶର ଅଭିଜ୍ଞତା ସହ ବ୍ୟବହାରିକ ଶିକ୍ଷା ପ୍ରଦାନ କରିବ। ସେହିପରି ପୁରୀ ଜିଲ୍ଲାର ନିମାପଡ଼ା ବ୍ଲକରେ ୫୦ ଜଣ ଅଦ୍ୱିକା ପିର ଲିଡରଙ୍କ ପାଇଁ ଚାରି ସପ୍ତାହବ୍ୟାପୀ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ମଧ ସ୍ଥିର ହୋଇଥିଲା ଯାହା ସେମାନଙ୍କୁ ନିଜ ସାଥୀ କିଶୋର-କିଶୋରୀଙ୍କୁ ମାର୍ଗଦର୍ଶନ ଓ ସହାୟତା ପ୍ରଦାନ କରିବାରେ ସକ୍ଷମ କରିବ।

ଏହି ଅବସରରେ କମିଶନର-ତଥା-ଶାସନ ସଚିବ ଡିଜିଟାଲ ଓ ଜ୍ଞାନ-ଆଧାରିତ ଦୁନିଆ ପାଇଁ କିଶୋରୀମାନଙ୍କୁ ପ୍ରସ୍ତୁତ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

# ନୂତନ ଶ୍ରମ ସଂହିତା ଉପରେ ପ୍ରଶିକ୍ଷଣ ଶିବିର

**ଭୁବନେଶ୍ୱର, ୨୪।୧୦ (ମହାଭାରତ):** ପୂର୍ବତଟ ରେଳପଥର ଖୋର୍ଦ୍ଧାରୋଡ଼ ମଣ୍ଡଳ ପକ୍ଷରୁ ନୂତନ ଶ୍ରମ ସଂହିତାର ବିଭିନ୍ନ ବ୍ୟବସ୍ଥା, ଏହାର ଗୁରୁତ୍ୱ ଓ ଆବଶ୍ୟକତା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ନିମନ୍ତେ ମଣ୍ଡଳ ରେଳ ପ୍ରବନ୍ଧକଙ୍କ ସମ୍ମିଳନୀ କକ୍ଷରେ ଏକ ସଚେତନତା ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲା। ମଣ୍ଡଳର ବିଭିନ୍ନ ବିଭାଗ ଏବଂ ସେଗୁଡ଼ିକରେ କାର୍ଯ୍ୟରତ ଠିକା ଶ୍ରମିକମାନଙ୍କ ସହ ଜଡ଼ିତ କର୍ମଚାରୀଙ୍କୁ ଶ୍ରମ ଆଇନ ଓ ଶ୍ରମିକ କଲ୍ୟାଣ ସମ୍ବନ୍ଧୀୟ ବ୍ୟବସ୍ଥା ବିଷୟରେ ଅବଗତ କରାଇବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମରେ ଖୋର୍ଦ୍ଧାରୋଡ଼ ମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ପି. କେ. ବେହେରା, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଭିତିଭୂମି) ରାଜଧାରୀ ଯାଦବ, ବିଭିନ୍ନ ବିଭାଗର ଶାଖା ଅଧିକାରୀ, ପର୍ଯ୍ୟବେକ୍ଷକ ଏବଂ ରେଳ କାର୍ଯ୍ୟରେ ନିୟୋଜିତ ଠିକା ଶ୍ରମିକଙ୍କ ସମ୍ବନ୍ଧିତ କାର୍ଯ୍ୟ ପରିଚାଳନା କରୁଥିବା କର୍ମଚାରୀମାନେ ଯୋଗଦେଇଥିଲେ।

ଏହି ଶିବିରରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଡିଏଫସିସିଆଇଏଲ୍‌ର ପୂର୍ବତନ ମୁଖ୍ୟ କାର୍ମିକ ଅଧିକାରୀ ତଥା ମାନବ ସମ୍ବଳ ବିଭାଗର ପୂର୍ବତନ ମହାପ୍ରବନ୍ଧକ ହରି କ୍ରିଷ୍ଣନ୍ ନୂତନ ଶ୍ରମ ସଂହିତାର ବିଭିନ୍ନ ବ୍ୟବସ୍ଥା ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ସେ ଶ୍ରମିକଙ୍କ କଲ୍ୟାଣ, କାର୍ଯ୍ୟସ୍ଥଳର ସୁରକ୍ଷା, ନିର୍ଦ୍ଧାରିତ ସମୟରେ ମଜୁରି ପ୍ରଦାନ, ଉପଯୁକ୍ତ କାର୍ଯ୍ୟ ପରିବେଶ ଏବଂ ରେଳ କାର୍ଯ୍ୟରେ ନିୟୋଜିତ ଠିକାଦାରମାନଙ୍କ ଆଇନଗତ ଦାୟିତ୍ୱ ସମ୍ପର୍କରେ ଉପସ୍ଥିତ ଅଧିକାରୀ ଓ କର୍ମଚାରୀମାନଙ୍କୁ ବୁଝାଇଥିଲେ। ପ୍ରଶିକ୍ଷଣ ଶିବିରରେ ଶ୍ରମ ଆଇନର ଅନୁପାଳନ, ଆବଶ୍ୟକ ଅନୁମତିପତ୍ର, ଅନୁଜ୍ଞାପତ୍ର ଏବଂ ଅନ୍ୟାନ୍ୟ ଆଇନଗତ ଆବଶ୍ୟକତା ସମ୍ପର୍କରେ ଉପସ୍ଥିତ ଅଧିକାରୀମାନଙ୍କ ସନ୍ଦେହ ଦୂର କରାଯାଇଥିଲା। ଶ୍ରମିକ କଲ୍ୟାଣ ସମ୍ବନ୍ଧୀୟ ବ୍ୟବସ୍ଥାଗୁଡ଼ିକର ସଫଳ ରୂପାୟନ ନିମନ୍ତେ ରେଳ ପ୍ରଶାସନ, ଠିକାଦାର ଓ ଶ୍ରମ ବିଭାଗର ଅଧିକାରୀମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ରେଳ ପ୍ରତିଷ୍ଠାନଗୁଡ଼ିକରେ କାର୍ଯ୍ୟରତ ଠିକା ଶ୍ରମିକମାନଙ୍କ ସୁରକ୍ଷା, କଲ୍ୟାଣ ଓ ସାମାଜିକ ସୁରକ୍ଷା ସୁନିଶ୍ଚିତ କରିବା ସହ ପ୍ରଯୁଜ୍ୟ ଶ୍ରମ ଆଇନ ଓ ଅନ୍ୟାନ୍ୟ ଆଇନଗତ ବ୍ୟବସ୍ଥାର ପୂର୍ଣ୍ଣ ଅନୁପାଳନ କରିବା ଉପରେ ଏହି ଶିବିରରେ ବିଶେଷ ଗୁରୁତ୍ୱାରୋପ କରାଯାଇଥିଲା।

# କିମ୍ସରେ ସଫଳ କର୍ନିଆ ପ୍ରତିରୋପଣ

**ଭୁବନେଶ୍ୱର, ୨୪।୧୦ (ମହାଭାରତ):** କିମ୍ସରେ ସଫଳତାର ସହ ଏକ କର୍ନିଆ ପ୍ରତିରୋପଣ କରାଯାଇଛି। ପ୍ରଥମ ଥର ଲାଗି କିମ୍ସରେ ଏଭଳି ପ୍ରତିରୋପଣ ସଫଳତାର ସହ



କରାଯାଇଛି। ଆଖିରେ ସଂକ୍ରମଣ ଯୋଗୁଁ ଗତ ତିନି ବର୍ଷ ଧରି ଡାହାଣ ଆଖିର ପ୍ରାୟ ଦୃଷ୍ଟିଶକ୍ତି ହରାଇଥିବା ଜନୈକ ୩୭ ବର୍ଷୀୟ ରୋଗୀଙ୍କଠାରେ ଏହି ପ୍ରତିରୋପଣ କରାଯାଇଛି। ଅସ୍ତ୍ରୋପଚାର ପରେ ତାଙ୍କ ଦୃଷ୍ଟିଶକ୍ତିରେ ଉଲ୍ଲେଖନୀୟ ଉନ୍ନତି ଘଟିଛି। କିମ୍ସ ଚକ୍ଷୁ ବିଶେଷଜ୍ଞ ଡା. ଅକ୍ଷିତ ଗୁପ୍ତାଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ଏହି ଅସ୍ତ୍ରୋପଚାର କରିଥିଲେ। ପ୍ରାୟ ଦେଢ଼ ଘଣ୍ଟା ଧରି ଚାଲିଥିବା ଏହି ଅସ୍ତ୍ରୋପଚାର ସ୍ଥାନୀୟ ନିଶ୍ଚେତକ ପ୍ରୟୋଗ କରି କରାଯାଇଥିଲା। ଡା. ଗୁପ୍ତାଙ୍କ ସୂଚନା ଅନୁଯାୟୀ, ପ୍ରାୟ ତିନି ବର୍ଷ ପୂର୍ବେ ଆଖିରେ ସଂକ୍ରମଣ ହେବାରୁ ରୋଗୀଙ୍କ ଡାହାଣ ଆଖିର ଦୃଷ୍ଟିଶକ୍ତି ପ୍ରାୟ ହରାଇଥିଲେ। ଏହି ପ୍ରଥମ କର୍ନିଆ ପ୍ରତିରୋପଣର ସଫଳତା କିମ୍ସରେ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଗତ ସପ୍ତାହରେ କିମ୍ସକୁ କର୍ନିଆ ପ୍ରତିରୋପଣ ପାଇଁ ସରକାରୀ ଅନୁମତି ମିଳିଥିଲା। ଏହି ଅସ୍ତ୍ରୋପଚାର ପାଇଁ ଆବଶ୍ୟକ ବିଶେଷଜ୍ଞ ଓ ଚିକିତ୍ସା ସୁବିଧା ଥିବା ଓଡ଼ିଶାର ହାତଗଣତି ଡାକ୍ତରଖାନା ମଧ୍ୟରେ କିମ୍ସ ଅନ୍ୟତମ ବୋଲି ବୋଲି ଡା ଗୁପ୍ତା କହିଛନ୍ତି। ଭାରତରେ ପ୍ରାୟ ୧୦ ଲକ୍ଷ ଲୋକଙ୍କର କର୍ନିଆ ପ୍ରତିରୋପଣ ଆବଶ୍ୟକ ଥିବା ବେଳେ ଆବଶ୍ୟକତା ତୁଳନାରେ ଦାନରେ ମିଳୁଥିବା କର୍ନିଆର ସଂଖ୍ୟା ଯଥେଷ୍ଟ କମ୍। ନଷ୍ଟ ବା ରୋଗାକ୍ରାନ୍ତ କର୍ନିଆ ଯୋଗୁଁ ଦୃଷ୍ଟିଶକ୍ତି ହରାଇଥିବା ବ୍ୟକ୍ତିଙ୍କ ଦୃଷ୍ଟି ଫେରାଇ ଆଣିବାରେ କର୍ନିଆ ଦାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ତେଣୁ ଚକ୍ଷୁଦାନ ସଂପର୍କରେ ଜନସଚେତନତା ବୃଦ୍ଧି ସହ ଅଧିକରୁ ଅଧିକ ଲୋକ ଏଥିପାଇଁ ଆଗେଇ ଆସିବା ଆବଶ୍ୟକ ବୋଲି ଡାକ୍ତରମାନେ ସୂଚନା ଦେଇଛନ୍ତି।

# ନବୀନଙ୍କୁ ସମାଲୋଚନା କରିବା ବିଜେପିର ବିକୃତ ମାନସିକତା

**ଭୁବନେଶ୍ୱର, ୨୪।୧୦ (ମହାଭାରତ):** ବିଜୁ ଜନତା ଦଳ ଓଡ଼ିଶାବାସୀଙ୍କ ସମ୍ମୁଖରେ ଦୁଇଟି ଭିନ୍ନ ସମୟର ଏକ ସ୍ପଷ୍ଟ ଚିତ୍ର ଉପସ୍ଥାପନ କରୁଛି। ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ୨୪ ବର୍ଷର ରୂପାନ୍ତରକାରୀ ଶାସନ ଏବଂ ବିଜେପି ସରକାରଙ୍କ ୨୮ ମାସର ଅପାରଗତା ଅସହାୟତା ଓ ଜନବିରୋଧୀ ଶାସନର ଚିତ୍ର। ଏକ ପ୍ରେସ ବିବୃତ୍ତିରେ ମିଡ଼ିଆ ସଂଯୋଜକ ଡ. ଲେନିନ୍ ମହାନ୍ତି କହିଛନ୍ତି ଯେ, ଶ୍ରୀ ନବୀନ ପଟ୍ଟନାୟକଙ୍କ ଦୃଢ଼ ନେତୃତ୍ୱରେ ଓଡ଼ିଶା ପ୍ରତ୍ୟେକ କ୍ଷେତ୍ରରେ ପ୍ରଗତି ଲାଭ କରିଥିଲା। ରାଜ୍ୟର ଜିଏସଡିପି ୧୮ ଗୁଣ ବୃଦ୍ଧି ପାଇ ୨୦୦୦ରେ ୪୬,୫୭୬ କୋଟି ଟଙ୍କାରୁ ୨୦୨୪ରେ ୮,୬୧,୫୦୭ କୋଟି ଟଙ୍କାକୁ ବଢ଼ିଥିଲା। ସେହିପରି ମୁଣ୍ଡପିଛା ଆୟ ୧୬ ଗୁଣ ବୃଦ୍ଧି ପାଇ ୧୦,୨୧୧ ଟଙ୍କାରୁ ୧,୬୫,୩୦୩ ଟଙ୍କାକୁ ବଢ଼ିଥିଲା। ରାଜ୍ୟ ବଜେଟ୍ର ଆକାର ୨୪ ଗୁଣ ବୃଦ୍ଧି ପାଇ ୨୦୦୦ରେ ୧୦,୦୦୦ କୋଟି ଟଙ୍କାରୁ ୨୦୨୪ରେ ୨,୫୫,୦୦୦ କୋଟି ଟଙ୍କାକୁ ପହଞ୍ଚିଥିଲା। ଏହି ସମୟରେ ଓଡ଼ିଶା ଦେଶରେ ସବୁଠାରୁ କମ୍ ଋଣ ଭାର ରଖିଥିଲା, ଯାହା ମାତ୍ର ୭୮,୦୦୦ କୋଟି ଟଙ୍କା ଥିଲା ଏବଂ ନୀତି ଆୟୋଗ ଓ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ବାରମ୍ବାର ସର୍ବଶ୍ରେଷ୍ଠ ଆର୍ଥିକ ସୁପରିଚାଳନା ରାଜ୍ୟ ଭାବେ ସ୍ୱୀକୃତି ପାଇଥିଲା। ସେହିଭଳି କୃଷି କ୍ଷେତ୍ରରେ ସଫଳତା ପାଇଁ ୫ଥର କୃଷି କର୍ମଣ ପୁରସ୍କାର ମିଳିଥିଲା। ସାମାଜିକ କ୍ଷେତ୍ରରେ, ଶିଶୁ ମୃତ୍ୟୁ ହାର ଦେଶରେ ସର୍ବାଧିକ ହ୍ରାସ ପାଇ ୧୯୯୯-୨୦୦୦ରେ ୮୯.୫ରୁ ୨୦୧୯-୨୦୨୧ରେ ୩୬.୧କୁ ଖସିଥିଲା, ସେହିପରି



ମାତୃମୃତ୍ୟୁ ହାର ଦ୍ୱିତୀୟ ସର୍ବାଧିକ ହ୍ରାସ ପାଇ ୨୦୦୧-୨୦୦୩ରେ ୩୫୮ରୁ ୨୦୧୮-୨୦୨୦ରେ ୧୧୯କୁ ଖସିଥିଲା। ସମ୍ପୂର୍ଣ୍ଣ ଟୀକାକରଣ କଭରେଜ୍ ୧୯୯୯-୨୦୦୦ରେ ୪୪ ପ୍ରତିଶତରୁ ୨୦୨୩-୨୦୨୪ରେ ୯୬ ପ୍ରତିଶତକୁ ବଢ଼ି ଦେଶରେ ସର୍ବାଧିକ ହୋଇଥିଲା ଏବଂ ୧୯୯୯-୨୦୦୦ରେ ମେଡିକାଲରେ ପ୍ରସବ ମାତ୍ର ୨୨ ପ୍ରତିଶତରୁ ୨୦୨୩-୨୦୨୪ରେ ୯୬ ପ୍ରତିଶତକୁ ଉନ୍ନୀତ ହୋଇ ପୁଣି ଥରେ ଭାରତରେ ସର୍ବାଧିକ ହୋଇଥିଲା। ଓଡ଼ିଶା ବାରମ୍ବାର ବିପର୍ଯ୍ୟୟ ପରିଚାଳନା, ଜଳ ସଂରକ୍ଷଣ, ଏମଏସଏମଇ ବିକାଶ, ଖଣିଜ ବିକାଶ, ପିଡିଏସ ବଣ୍ଟନ ଏବଂ କ୍ରୀଡ଼ା ପ୍ରୋତ୍ସାହନରେ ସର୍ବଶ୍ରେଷ୍ଠ ରାଜ୍ୟ ଭାବେ ମାନ୍ୟତା ପାଇଥିଲା। ଏହି ସଫଳତାଗୁଡ଼ିକ ବିଜେଡି ଅଧୀନରେ ଶୃଙ୍ଖଳିତ ଆର୍ଥିକ ପରିଚାଳନା, ଜନକଲ୍ୟାଣକାରୀ ନୀତି ଏବଂ ନିରବଚ୍ଛିନ୍ନ ରାଜନୈତିକ ସ୍ଥିରତାର ଫଳ ଥିଲା। ଡ. ମହାନ୍ତି ଆହୁରି କହିଛନ୍ତି ଯେ, ଏହାର ବିପରୀତରେ ବିଜେପି ସରକାର ମାତ୍ର ୨୮ ମାସରେ ନବୀନ ବାବୁଙ୍କ ୨୪ ବର୍ଷର କଠିନ ପରିଶ୍ରମର ଫଳଗୁଡ଼ିକୁ କ୍ରମାଗତ ଭାବେ ନଷ୍ଟ କରି ଓଡ଼ିଶାକୁ ବହୁବିଧ ସଙ୍କଟରେ ପକାଇଛି। ସଂଶୋଧିତ ଏମଏମଡିଆର ଆଇନ ଦ୍ୱାରା ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ରାଜସ୍ୱ କ୍ଷତି ଘଟାଇସାରିଛି ଏବଂ ଭବିଷ୍ୟତରେ ବାର୍ଷିକ ୧୨,୦୦୦ କୋଟି ଟଙ୍କାର କ୍ଷତି ଘଟାଇବ। ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ପାଠ୍ୟପୁସ୍ତକରେ ୨,୬୦୦ରୁ ଅଧିକ ତ୍ରୁଟି ରହିଛି। ମାତ୍ର ଅଠର ମାସରେ ମହିଳାଙ୍କ ବିରୁଦ୍ଧରେ ୪୮,୭୯୮ଟି ଅପରାଧ ମାମଲା ଦାଖଲ ହୋଇଛି।

## ଅନୁପ୍ରବେଶକାରୀଙ୍କୁ ବିଦା

ଏବେ ଦେଶରେ ଏସଆଇଆର ପ୍ରକ୍ରିୟା ଆରମ୍ଭ ହେବା ପରେ ବିଭିନ୍ନ ରାଜ୍ୟରେ ବେଆଇନଭାବେ ବସବାସ କରୁଥିବା ବାଂଲାଦେଶୀମାନେ ଘରକୁ ଫେରିବା ନିମନ୍ତେ ବାଧ୍ୟ ହେଉଛନ୍ତି। କିନ୍ତୁ କିଛି ରାଜନୈତିକ ଦଳ ଏହାକୁ ବିରୋଧ ଏବଂ ନିନ୍ଦା କରୁଛନ୍ତି। କାରଣ ହେଲା ସେମାନେ ଏମାନଙ୍କୁ ନିଜର ଭୋଟ ବ୍ୟାଙ୍କ ରୂପେ ଆଜି ପର୍ଯ୍ୟନ୍ତ ବ୍ୟବହାର କରି ଆସୁଛନ୍ତି। ଏବେ ଅନୁପ୍ରବେଶକାରୀଙ୍କୁ ତଡ଼ିବା ନିମନ୍ତେ ସୁବର୍ଣ୍ଣ ସୁଯୋଗ ସୃଷ୍ଟି ହୋଇଛି। ଏହାକୁ ହାତଛଡ଼ା କରାଯିବା ଅନୁଚିତ। ଏହା ହିଁ ଭାରତର ସମାଜିକ ଏବଂ ଆର୍ଥିକ ବିକାଶରେ ଏକ ମୁଖ୍ୟ ପ୍ରତିବନ୍ଧକ। ପହଲଗାମ ଆକ୍ରମଣ ଆମକୁ ସଚେତନ କରାଇଛି। ଅନୁପ୍ରବେଶ ଏକ ଅନ୍ତର୍ଜାତୀୟ ସମସ୍ୟା ଏବଂ ବିଶ୍ୱର ସବୁ ଦେଶ ପାଇଁ ଏହା ଏକ ଚାଲେଞ୍ଜ। ପଡ଼ୋଶୀ ଦେଶରେ ଆର୍ଥିକ, ସାମାଜିକ ଏବଂ ରାଜନୈତିକ ସଙ୍କଟ, ଅସ୍ଥିରତା ସୃଷ୍ଟି ହେଲେ ସେହି ଦେଶର କିଛି ନାଗରିକ ପାଖ ପଡ଼ୋଶୀ ଦେଶକୁ ଆଶ୍ରୟ ନେବାକୁ ଚାଲିଆସୁଛନ୍ତି। କେବଳ ପଡ଼ୋଶୀ ଦେଶ ନୁହେଁ, ଅନେକ ସୁଦୂର ଆମେରିକା ଭଳି ସମୃଦ୍ଧ ରାଷ୍ଟ୍ରକୁ ଲୁଚିଛପି ଚାଲିଯାଉଛନ୍ତି। ବେଳେବେଳେ ଅନେକ ଜୀବନ ରକ୍ଷା ପାଇଁ ମଧ୍ୟ ବାଧ୍ୟ ହୋଇ ନିଜ ଦେଶ ଛାଡ଼ି ଅନ୍ୟ ଦେଶକୁ ଚାଲିଯାଉଛି। ଅର୍ଥ ରୋଜଗାର କରିବା ଏବଂ ଏକ ସ୍ୱଚ୍ଛଳ ଜୀବନ ଯାପନ କରିବାର ପ୍ରଲୋଭନ, ସ୍ୱପ୍ନ ମଧ୍ୟ ସେମାନଙ୍କୁ ଆମେରିକା ଭଳି ଦେଶକୁ ଚାଲିଯାଉଛନ୍ତି। କିଛି ଲୋକ ଶରଣାର୍ଥ;1 ଭାବେ ପଡ଼ୋଶୀ ଦେଶକୁ ଚାଲିଯାଆନ୍ତି। ଆଉ କିଛି ଲୋକ ଲୁଚି ଛପି ଚୋରଙ୍କ ଭଳି ପଡ଼ୋଶୀ ଦେଶର ଭୌଗଳିକ ସୀମାରେ ଅନୁପ୍ରବେଶ କରୁଛନ୍ତି। ଏହା ଏକ ଅପରାଧ। ଭାରତ ଗତ ୭୮ ବର୍ଷ ହେବ ଏହି ସମସ୍ୟା ସହ ମୁକାବିଲା କରି ଆସୁଛି। ବିଶେଷ କରି ବାଂଲାଦେଶରୁ ଅନେକ ବର୍ଷ ଧରି ବହୁ ଲୋକ ଅନୁପ୍ରବେଶ କରିଆସୁଛନ୍ତି। ୧୯୭୧ରୁ ଆଜି ପର୍ଯ୍ୟନ୍ତ ଭାରତରେ ୨ କୋଟିରୁ ଅଧିକ ବାଂଲାଦେଶୀ ଅନୁପ୍ରବେଶ କରିଛନ୍ତି ବା ଶରଣାର୍ଥୀ ଭାବେ ରହିଛନ୍ତି। ସେମାନଙ୍କ ପାଇଁ ଭାରତରେ ଅନେକ ସମସ୍ୟା ସୃଷ୍ଟି ହେଉଛନ୍ତି। ଦେଶର ଜନସଂଖ୍ୟା ବୃଦ୍ଧି ସହ ଖାଦ୍ୟାଭାବ ଏବଂ ଆର୍ଥିକ ସଙ୍କଟ ସୃଷ୍ଟି ହୋଇଛି। ଅନେକ ବାଂଲାଦେଶୀ ଭାରତ ବିରୋଧୀ ଷଡ଼ଯନ୍ତ୍ରରେ ସାମିଲ ହେଉଛନ୍ତି। କାରଣ ସେମାନେ ଭାରତରେ ଆଶ୍ରୟ ନେଲେ ମଧ୍ୟ ଏହାକୁ ସେମାନେ ନିଜର ଦେଶ ବୋଲି ବିଚାର କରନ୍ତି ନାହିଁ। ସେମାନଙ୍କ ମଧ୍ୟରୁ ଅନେକ ଅପରାଧୀ, ଆତଙ୍କବାଦୀ ଲୁଚି ରହିଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଏହି ଅନୁପ୍ରବେଶକାରୀଙ୍କୁ ରୋକିବା ବା ଦେଶରୁ ବିଦା କରିବା ପରିବର୍ତ୍ତେ ଅନେକ ରାଜନୈତିକ ଦଳ ସଂକୀର୍ଣ୍ଣ ଭୋଟ ରାଜନୀତି ପାଇଁ ସେମାନଙ୍କୁ ସୁରକ୍ଷା ପ୍ରଦାନ କରୁଛନ୍ତି। ଅନେକ ସେମାନଙ୍କୁ ଭାରତର ନାଗରିକତ୍ୱ ହାସଲରେ ସହାୟକ ହେଉଛନ୍ତି। କାରଣ ଅନୁପ୍ରବେଶକାରୀଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ସଂଖ୍ୟାଲଘୁ ସମ୍ପ୍ରଦାୟର। ସେମାନଙ୍କ ଭୋଟରେ ମମତା ବାରମ୍ବାର ନିର୍ବାଚନରେ ବିଜୟୀ ହୋଇ କ୍ଷମତାସୀନ ହେଉଛନ୍ତି । କ୍ଷମତା ପାଇଁ ମମତା ମିଛ ଧର୍ମନିରପେକ୍ଷତା ଆଳରେ ଦେଶର କ୍ଷତି କରୁଛନ୍ତି। ଏବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ଦେଶର ସ୍ୱାର୍ଥ ରକ୍ଷା ନିମନ୍ତେ ଦେଶରୁ ବେଆଇନ ଭାବେ ବସବାସ କରୁଥିବା ପ୍ରବାସୀଙ୍କୁ ବିଦା କରୁଛନ୍ତି। ଏହା ଯଥାର୍ଥ। ଭାରତ ଏଥିରୁ ଶିକ୍ଷା ଲାଭ କରିବା ଉଚିତ ଏବଂ ଭାରତରୁ ମଧ୍ୟ ଅନୁପ୍ରବେଶକାରୀଙ୍କୁ ବିଦା କରାଯିବା ଉଚିତ। ଯେଉଁ ଭାରତୀୟମାନେ ବିଦେଶରେ ବେଆଇନ ଭାବେ ବସବାସ କରୁଛନ୍ତି, ସେମାନେ ମଧ୍ୟ ସ୍ୱଦେଶକୁ ଫେରିଆସିବା ଉଚିତ। ଭାରତ ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶ। ଦେଶର ଜନସଂଖ୍ୟା ଏବେ ୧୪୦କୋଟିରୁ ଅଧିକ ବୋଲି ଆକଳନ କରାଯାଉଛି। କେବଳ ସେତିକି ନୁହେଁ, ବିଶ୍ୱର କୋଣ ଅନୁକୋଣରେ, ପ୍ରତି ଦେଶରେ ଭାରତୀୟମାନେ ବସବାସ କରୁଛନ୍ତି। ଅନେକ ସେଠାକାର ନାଗରିକତ୍ୱ ଗ୍ରହଣ କରିସାରିଛନ୍ତି। ଆଉ କେତେକ ଶିକ୍ଷା ବା ପେଷା ପାଇଁ ବିଦେଶରେ ରହୁଛନ୍ତି। ଆମେରିକା, ଋଷିଆ, ବ୍ରିଟେନ, ଜର୍ମାନୀ, ଫ୍ରାନ୍ସ, ଜର୍ମାନୀ, କାନାଡ଼ା,ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ମଧ୍ୟପ୍ରାଚ୍ୟର ବିଭିନ୍ନ ଦେଶ ଏପରିକି ଚୀନରେ ମଧ୍ୟ ଅନେକ ଭାରତୀୟ ବସବାସ କରୁଛନ୍ତି।

## ସୋସିଆଲ ମିଡ଼ିଆ ଓ ଟ୍ରେଡିଂ ଆପ୍ ଠକେଇ


॥ ଯୁଧିଷ୍ଠିର ମହାରଣା ॥



> ଟ୍ରେଡିଂରେ ନିବେଶ ନିଶାରେ କୋଟି କୋଟି ଲୋକ ଉବୁଟୁବୁ ହେଉଛନ୍ତି। ଯାହାର ଫାଇଦା ପଠାଉଛନ୍ତି ସାଇବର ଅପରାଧୀ। ନକଲି ଟ୍ରେଡିଂ ଆପକୁ ଅସ୍ତ୍ର କରୁଛନ୍ତି। ସନ୍ଦେହଜନକ ୱେବସାଇଟ ଓ ବିଭିନ୍ନ ସୋସିଆଲ ମିଡ଼ିଆ ପ୍ଲାଟଫର୍ମରେ ଜାଲ ବିଛାଉଛନ୍ତି। ଅଧିକ ଟଙ୍କା ଫେରସ୍ତ ପ୍ରଲୋଭନରେ ଥୋପ ପକାଇ କୋଟି କୋଟି ଟଙ୍କା ଲୁଟି ନେଉଛନ୍ତି। ଗଲ ୪ ମାସରେ ଭାରତୀୟମାନେ ହରାଇଲେଣି ୧୭୫୦ କୋଟି ଟଙ୍କା। ୪ ଦିନ ତଳେ ନଭି ମୁମ୍ବାଇ ଜଣେ ବ୍ୟବସାୟୀ ଟ୍ରେଡିଂ ସ୍କାମରେ ଫସି ୧.୦୭ କୋଟି ଟଙ୍କା କ୍ଷତି ସହିଛନ୍ତି।


ଘରେ ବସି କମ ସମୟରେ ଟଙ୍କା ରୋଜଗାର କରିବାକୁ ଚାହୁଁଛନ୍ତି ? ଏଥିପାଇଁ ବିଶେଷ ପରିଶ୍ରମ କରିବାକୁ ପଡ଼ିବ ନାହିଁ। କାହାକୁ କିଛି ଅର୍ଥ ଦେବାକୁ ପଡ଼ିବ ନାହିଁ। ଘରେ ବସି ମାସିକ ୫୦୦ରୁ ୫୦,୦୦୦ ଟଙ୍କା ରୋଜଗାର କରିପାରିବେ। କେବଳ ସ୍ମାର୍ଟଫୋନ ଥିଲେ ଯଥେଷ୍ଟ। ଆପଣଙ୍କୁ କେବଳ ଏକ ଭିଡ଼ିଓ ଲିଙ୍କ ପଠାଯିବ। ସେହି ଭିଡ଼ିଓକୁ ଆପଣ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଲାଇକ, ସେୟାର ଓ କମେଣ୍ଟ କରିବେ। ଯଦି ଏହି ସୁଯୋଗର ଲାଭ ଉଠେଇବାକୁ ଚାହୁଁଛନ୍ତି ତେବେ ଆମର ୱାଟସଆପ୍ ନମ୍ବର ୯୨୩୩୩୩୩୩୩୩ରେ ଜଏନ କରନ୍ତୁ। ଏପରି ବିଜ୍ଞାପନ ଆଜିକାଲି ସମସ୍ତଙ୍କ ଫେସବୁକ ଓ ହ୍ୱାଟସପଆପକୁ ଆସୁଛି। ରୋଜଗାର ଆଶାୟୀ ଯୁବକଯୁବତୀ ଓ ଗୃହିଣୀ ଘରେ ବସି ଅର୍ଥ ହାସଲ କରିବା ଲାଳସାରେ ସାଇବର ଅପରାଧୀଙ୍କ ଜାଲରେ ପଡ଼ି କାଙ୍ଗାଳ ହୋଇ ଯାଉଛନ୍ତି। ପ୍ରଥମେ କିଛି ଟଙ୍କା ପଠାଇ ପରେ ସେମାନଙ୍କ ଠାରୁ ଲକ୍ଷାଧିକ ଟଙ୍କା ଲୁଟି ନେଉଛନ୍ତି ଠକ। ଏହାକୁ ଟେଲିଗ୍ରାମ ଠକେଇ କୁହାଯାଉଥିବା ବେଳେ ଆହୁରି ବିଭିନ୍ନ ଧରଣର ଘଟଣା ମଧ୍ୟ ସାମ୍ନାକୁ ଆସୁଛି। ଆପଣ ବିଶ୍ୱାସରେ ଟଙ୍କା ପଠାଇ ଚାଲନ୍ତି ଏବଂ ଆପଣଙ୍କ ନିବେଶ ବଢ଼ିବାରେ ଲାଗେ। ଯେତେବେଳେ ଲକ୍ଷାଧିକ ଟଙ୍କା ପୈଠ କରିବା ପରେ ଆପଣ ଟଙ୍କା ଉଠାଇବାକୁ ଚାହିଁବେ ହଠାତ ରାତାରାତି ସେଇ ସାଇଟ ବନ୍ଦ ହୋଇଯିବ। ନ ହେଲେ ଦେଖାଇବ ନଟ ରେସପଣ୍ଡିଙ୍ଗ, ଦ ସରଭର ଇଜ ଅଣ୍ଡର ପ୍ରୋସେସ। ଆପଣ ପୁଣି ଏହାକୁ ଲଗ ଇନ କରିବାକୁ ଚେଷ୍ଟା କରିବେ ଏହି ପର୍ଯ୍ୟାୟ ଚାଲୁଥିବା ସମୟ ଭିତରେ ଠକମାନେ ସେମାନଙ୍କ ସଂସ୍ଥା ବନ୍ଦ କରି ସାରିଥିବେ।

ରାତାରାତି ବଡ଼ଲୋକ ହେବା ପାଇଁ ଆମ ଗହଣରେ ଥିବା ଅନେକ ଲୋକ ଇଚ୍ଛା ରଖନ୍ତି। ବିନା ପରିଶ୍ରମରେ ଘରେ ବସି କିପରି ଗୋଡ଼ ଲମ୍ବାଇ ବଡ଼ ଲୋକ ହୋଇଯିବ ଏହି ଚିନ୍ତାଧାରା ହିଁ କିଛି ଲୋକଙ୍କ ପାଇଁ କେବଳ ବିପଜ୍ଜନକ ସାବ୍ୟସ୍ତ ହୋଇନଥାଏ ବରଂ ଜଣ ଜଣଙ୍କୁ ଅର୍ଥସ୍ୱାନ୍ତକରି କାଙ୍ଗାଳ କରିଦିଏ। ଆଉ କେହି କେହି ଅନ୍ୟ ବ୍ୟକ୍ତି ବା ସଂସ୍ଥା ଠାରୁ ଆଣିଥିବା କରଜ ସୁଝିବା ପାଇଁ ନିଜ ମୂଲ୍ୟବାନ ଜୀବନକୁ ହାରିବା ପାଇଁ ବାଧ ହୋଇଥାନ୍ତି। ସାଇବର ଠକମାନେ ଅନଲାଇନ ଟ୍ରେଡିଂ ନାମରେ କୋଟି କୋଟି ଟଙ୍କା ଲୁଟ କରି ଅନେକଙ୍କୁ ରାସ୍ତା କଡ଼ରେ ଭିକାରୀ କରିଦେଉଥିଲେ ମଧ୍ୟ ଏ ଖବରକୁ ଲୋକମାନେ ଗଣମାଧ୍ୟମରୁ ଜାଣିବା ସତ୍ତ୍ୱେ ନିଜକୁ ସୁଧାରି ପାରୁନାହାଁନ୍ତି। ଆଜିକାଲି ଠକମାନେ ଅନଲାଇନର ବଡ଼ ସାହାଯ୍ୟ ନେଉଛନ୍ତି। କାରଣ ସୂଚନା ପ୍ରଯୁକ୍ତିର ଅତ୍ୟାଧୁନିକ କୌଶଳ ଏଥିରେ ରହିଥିବାରୁ ଲୋକମାନଙ୍କ ପାଖକୁ ପ୍ରତିଦିନ ସେମାନଙ୍କ ହାତ ପାଖରେ ଥିବା ମୋବାଇଲ ଫୋନକୁ ଅନେକ ମିଛ ପ୍ରଲୋଭନର ସୂଚନା ଆସୁଛି। ଲୋକମାନେ ଏ ସମ୍ବନ୍ଧରେ କୌଣସି ତଦନ୍ତ ନକରି ବା ଭଲ ଭାବେ କୌଣସି ତଥ୍ୟ ସଂଗ୍ରହ ନକରି କିପରି ଇଜି ମନି ରୋଜଗାର ଦ୍ୱାରା ବଡ଼ଲୋକ ହୋଇଯିବେ ଏହି ଚିନ୍ତାଧାରା ହିଁ ସେମାନଙ୍କୁ ତଳିତଳାନ୍ତ କରିଦେଉଛି।

ସାଇବର ଠକେଇ ଦିନକୁ ଦିନ ବଢ଼ି ଚାଲୁଥିବାବେଳେ ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏଭଳି ଠକଙ୍କୁ ମଧ୍ୟ ଧରିବା ସହଜ ହେଉନାହିଁ। ଏହି ଠକମାନେ ଅନଲାଇନ ଟ୍ରେଡିଂକୁ ମାଧ୍ୟମ କି ସମ୍ପ୍ରତି ସକ୍ରିୟ ହୋଇପଡ଼ିଛନ୍ତି। ଅନଲାଇନ ଟ୍ରେଡିଂ କରୁଥିବା ବ୍ୟକ୍ତିଙ୍କ ଟାର୍ଗେଟ କରି ସାଇବର ଠକମାନେ ଲୁଟି ଚାଲିଛନ୍ତି। ଦ୍ୱୈତନଗରୀ କଟକ-ଭୁବନେଶ୍ୱରରେ ମଧ ଏଭଳି ମାମଲା ବଢ଼ିବା ଦେଖିବାକୁ ମିଳିଲାଣି। ସାଇବର ଥାନା ସୂତ୍ରରୁ ମିଳିଥିବା ସୂଚନାନୁସାରେ ପ୍ରାୟ ୫୦ରୁ ଅଧିକ ମାମଲା ରୁଜୁ ହୋଇଛି। ଅଭିଯୋଗକାରୀମାନେ ପ୍ରାୟ ଅଧ କୋଟିରୁ ଅଧିକ ଟଙ୍କା ଠକେଇର ଶିକାର ହୋଇଛନ୍ତି। ଏହି ମାମଲାରେ କାହାକୁ ଗିରଫ କରାଯାଇନାହିଁ। କିନ୍ତୁ ତଦନ୍ତ ଜାରି ରହିଛି ବୋଲି ସାଇବର ଥାନା ପୁଲିସ ସୂଚନା ଦେଇଛି। ଅନଲାଇନ ଟ୍ରେଡିଂରେ ବହୁ ବ୍ୟବସାୟୀ ଓ ଯୁବପିଢ଼ୀ ଏହି ବ୍ୟବସାୟ କରି ଲାଭବାନ ହୋଇଥାଆନ୍ତି। ଏବେ ଏହି ବ୍ୟବସାୟକୁ ଟାର୍ଗେଟ କରିଛନ୍ତି ସାଇବର ଠକ। ଠକ ନିଜକୁ ଜଣେ ବ୍ରୋକର ଭାବେ ପରିଚୟ ଦେଇ ସୋସିଆଲ ମିଡ଼ିଆରେ ଲୋକଙ୍କ ସହ ଯୋଡ଼ି ହୋଇଥାନ୍ତି। ବିଶ୍ୱାସଭାଜନ ହେବାକୁ ନାନା ମନଭୁଲା କଥା କହିଥାଆନ୍ତି। ତା ଜରିଆରେ ଟ୍ରେଡିଂ କରି କିଭଳି ବହୁତ ଲୋକ ଲକ୍ଷ ଲକ୍ଷ ଟଙ୍କା ଲାଭ କରିଛନ୍ତି ସେ ସବୁର କାହାଣୀ ଶୁଣାନ୍ତି। ବିଶ୍ୱାସ ଜନ୍ମାଇବାକୁ ବିଭିନ୍ନ ଲୋକଙ୍କ ପୋର୍ଟଫୋଲିଓ ଦେଖାଇଥାନ୍ତି। କିନ୍ତୁ ସେ ସବୁ ନକଲି ଥାଏ। ଏହାପରେ ଠକ ବିଭିନ୍ନ ନକଲି ୱେବସାଇଟ ଜରିଆରେ ଟ୍ରେଡିଂ କରିବାକୁ ପ୍ରବର୍ତ୍ତାଇଥାନ୍ତି। ବିଭିନ୍ନ କମ୍ପାନୀର ଷ୍ଟକ, ବଣ୍ଡ, ମ୍ୟୁଚୁଆଲ ଫଣ୍ଡ ଓ ଆସେଟ ଇତ୍ୟାଦିରେ ଟଙ୍କା ବିନିଯୋଗ କରିବାକୁ ଲୋଭ ଦେଖାଇଥାନ୍ତି। ସେହିଭଳି ଅନଲାଇନ ଟ୍ରେଡିଂ ବାବଦରେ ଜାଣିବାକୁ ଇଣ୍ଟରନେଟ ସର୍ଚ୍ଚ କରୁଥିବା ବ୍ୟକ୍ତିଙ୍କୁ ମଧ ଟାର୍ଗେଟ କରନ୍ତି ଏହି ଗ୍ୟାଙ୍ଗ। ସାଇବର ଠକ ତାଙ୍କ ଆଇପି ଆଡ୍ରେସରୁ ସବୁ ତଥ୍ୟ ହାତେଇବା ପରେ ଫୋନ ନମ୍ବର ଟେଲିଗ୍ରାମ କିମ୍ବା ଅଧିକ ଟଙ୍କା ବିନିଯୋଗ କରିବାକୁ ଲୋଭ ଦେଖାନ୍ତି। କିନ୍ତୁ ଟଙ୍କା ଉଠାଇବାକୁ ମଉକା ଦିଅନ୍ତି ନାହିଁ। କେବଳ ୱେବସାଇଟରେ ଲାଭ କେତେ ହେଲା, ତାହା ଦେଖାଇ ଦିଅନ୍ତି। ଏମିତିରେ ସାଧାରଣତଃ କିଛି ବ୍ୟକ୍ତି ଲୋଭର ବଶବର୍ତ୍ତୀ ହୋଇ ଅଧିକ ପୁଞ୍ଜି ନିବେଶ କରନ୍ତି। ଏହା ଭିତରେ କେହି ଟଙ୍କା ଉଠାଇବାକୁ ଅଡ଼ି ବସିଲେ ଠକ ପାଲଟା ତାଙ୍କୁ ଧମକ ଦେଇଥାଏ। ଅଧାରୁ ଟଙ୍କା ଉଠାଇନେଲେ ମୂଳ କି କିଛି ଲାଭ ମିଳିବନାହିଁ। ଠକାମିର ଶିକାର ହେବା ସନ୍ଦେହ କରି ନିବେଶକାରୀ ଆଉ ଯଦି ଟଙ୍କା ନଲଗାଉଛି ତେବେ ଠକ ତାର ସାଇଟ ବନ୍ଦ କରିଦିଏ। ନିବେଶକାରୀ ଯେତେ ଚେଷ୍ଟା କଲେ ମଧ ସାଇଟ ଖୋଲିବାର ବାଟ ପାଏ ନାହିଁ।

ଟ୍ରେଡିଂରେ ନିବେଶ ନିଶାରେ କୋଟି କୋଟି ଲୋକ ଉବୁଟୁବୁ ହେଉଛନ୍ତି। ଯାହାର ଫାଇଦା ପଠାଉଛନ୍ତି ସାଇବର ଅପରାଧୀ। ନକଲି ଟ୍ରେଡିଂ ଆପକୁ ଅସ୍ତ୍ର କରୁଛନ୍ତି। ସନ୍ଦେହଜନକ ୱେବସାଇଟ ଓ ବିଭିନ୍ନ ସୋସିଆଲ ମିଡ଼ିଆ ପ୍ଲାଟଫର୍ମରେ ଜାଲ ବିଛାଉଛନ୍ତି। ଅଧିକ ଟଙ୍କା ଫେରସ୍ତ ପ୍ରଲୋଭନରେ ଥୋପ ପକାଇ କୋଟି କୋଟି ଟଙ୍କା ଲୁଟି ନେଉଛନ୍ତି। ଗଲ ୪ ମାସରେ ଭାରତୀୟମାନେ ହରାଇଲେଣି ୧୭୫୦ କୋଟି ଟଙ୍କା। ୪ ଦିନ ତଳେ ନଭି ମୁମ୍ବାଇ ଜଣେ ବ୍ୟବସାୟୀ ଟ୍ରେଡିଂ ସ୍କାମରେ ଫସି ୧.୦୭ କୋଟି ଟଙ୍କା କ୍ଷତି ସହିଛନ୍ତି। ଏହି ଅଦୃଶ୍ୟ ଜଗତର ଠକେଇ ଓଡ଼ିଶାରେ ବି ଛାଇଗଲାଣି। ଗଲା ମାର୍ଚ୍ଚରେ ଅନୁଗୁଳ ବଅଁରପାଳର ନରେନ୍ଦ୍ର ସାହୁଙ୍କଠୁ ୨୫ ଲକ୍ଷ ଲୁଟିଥିଲେ। କୌଣସି ଟ୍ରେଡିଂ ସମ୍ପର୍କିତ ଆପକୁ ଇନଷ୍ଟଲ କରିବା ପୂର୍ବରୁ ଲୋକମାନେ ଆପକୁ ନେଇ କଣ ମତ ଓ ମନ୍ତବ୍ୟ ଦେଇଛନ୍ତି। ତାହାକୁ ଧ୍ୟାନ ଦିଅନ୍ତୁ। ତୃତୀୟ ପକ୍ଷ ଷ୍ଟୋର ବିଭିନ୍ନ ୱେବସାଇଟ, ଅନଲାଇନ ବିଜ୍ଞାପନ କିମ୍ବା ସୋସିଆଲ ମିଡିଆ ପୋଷ୍ଟ / ନାଟ୍/ଏସଏମଏସରୁ ଟ୍ରେଡିଂ ସମ୍ପର୍କିତ ଆପ ଡାଉନଲୋଡ଼ କରନ୍ତୁ ନାହିଁ। ବୈଧ ୱେବସାଇଟ କିମ୍ବା ଅନୁମତିପ୍ରାପ୍ତ ଆପ ଷ୍ଟୋର ଭଳି ଭରସାଯୋଗ୍ୟ ସ୍ରୋତରୁ ହିଁ ଟ୍ରେଡିଂ ଆପ ଗୁଡ଼ିକ ଡାଉନଲୋଡ଼ କରନ୍ତୁ। ଆପ ଡାଉନଲୋଡ଼ କରିବା ପୂର୍ବରୁ ଡେଭଲପରଙ୍କ ୱେବସାଇଟକୁ ଯାଇ ଆପ ସମ୍ପର୍କିତ ତଥ୍ୟ ଯାଞ୍ଚ କରାଇ ନିଅନ୍ତୁ। କୌଣସି ଆପକୁ ଅନୁମତି ଦେବା ପୂର୍ବରୁ ଉକ୍ତ ଆପର ଗୋପନୀୟତା ଦିଗକୁ ଭଲ ଭାବେ ପଢ଼ନ୍ତୁ। ଟ୍ରେଡିଂରେ ଟଙ୍କା ନିବେଶ ପୂର୍ବରୁ ଆପ ପ୍ରତିଶ୍ରୁତି ଓ ଯୋଜନାକୁ ସତର୍କତାପୂର୍ବକ ଯାଞ୍ଚ କରନ୍ତୁ। ଆପ ଚଳାଇବା ପାଇଁ କେବଳ ଆବଶ୍ୟକୀୟ ଅନୁମତି ଦିଅନ୍ତୁ। ଫଟୋ ଗ୍ୟାଲେରୀ, ଭଏସ ଭଳି ଗୋପନୀୟ ତଥ୍ୟ ସମ୍ବଳିତ ବିକଳ୍ପକୁ ଅନୁମତି ଦିଅନ୍ତୁନି। ଆପଣଙ୍କ ଆପର ଲଗଇନ ତଥ୍ୟକୁ କୌଣସି ମତେ ଅନ୍ୟ କାହା ସହ ସେୟାର କରନ୍ତୁନି। ସମ୍ବେଦନଶୀଳ ସୂଚନାଭିତ୍ତିକ କ୍ଷେତ୍ରରେ ବହୁସ୍ତରୀୟ ପ୍ରମାଣକୁ ଅନ କରନ୍ତୁ।

ଏହା ସହିତ ଅନଲାଇନ ଲୋନ ଆପ୍, ସପିଂ ସାଇବ, ଫ୍ରି ରିଚାର୍ଜ, ଗିଫ୍ଟ, ଲଟେରି ଲୋଭ ଦେଖାଇ ସାଇବର ଠକମାନେ କୋଟି କୋଟି ଟଙ୍କା ଲୁଟୁଛନ୍ତି। ସେହିପରି କମ ସମୟ ମଧ୍ୟରେ ଟଙ୍କାକୁ ଦୁଇଗୁଣା, ଚାରିଗୁଣା ଓ ୫୦ ଗୁଣା ଫେରସ୍ତ ଲୋଭ ଦେଖାଉଛନ୍ତି ସାଇବର ଅପରାଧୀ। ଏହି ଅନଲାଇନ ଚିଟଫଣ୍ଡ ଜାଲରେ ପଡ଼ି କଷ୍ଟାର୍ଜିତ ଅର୍ଥ ହରାଉଛନ୍ତି ଲୋକେ। ଏବେ ରାଜ୍ୟରେ ଶହ ଶହ ସଂଖ୍ୟାରେ ଅନଲାଇନ ଚିଟଫଣ୍ଡ ଚଳାଉଛନ୍ତି ସାଇବର ଅପରାଧୀ। ପ୍ରଥମରୁ ଥିବା ସଦସ୍ୟମାନେ ଟଙ୍କା ପାଉଛନ୍ତି। ଲୋଭରେ ପରେ ସଦସ୍ୟ ହେଉଥିବା ଲୋକେ କିନ୍ତୁ ଠକାମିର ଶିକାର ହେଉଛନ୍ତ। କେତେକ ଲୋକଲଜ୍ଜାରେ ଅଭିଯୋଗ କରିପାରୁନାହାନ୍ତି। ଠକେଇ ବିଷୟରେ ଯେତେବେଳେ ପୁଲିସ ପାଖରେ ଅଭିଯୋଗ ପହଞ୍ଚୁଛି ସେତେବେଳେ ତଦନ୍ତରୁ ମଧ ଚାଞ୍ଚଲ୍ୟକର ତଥ୍ୟ ମିଳୁଛି। ଏବେ ଗରିବଙ୍କୁ ସାଇବର ଅପରାଧୀମାନେ ଟାର୍ଗେଟ କରୁଛନ୍ତି। ସେମାନଙ୍କର ବ୍ୟାଙ୍କ ତଥ୍ୟ ହାସଲ କରି ପ୍ରି ଆକ୍ଟିଭେଟ ସିମ ଜରିଆରେ ବ୍ୟାଙ୍କ କାରବାର କରୁଛନ୍ତି। ସେହିପରି ଅଶିକ୍ଷିତ ଓ ଅଳ୍ପଶିକ୍ଷିତଙ୍କ ପରିଚୟ ପତ୍ର ନେଇ ସେମାନଙ୍କ ନାଁରେ ବ୍ୟାଙ୍କରେ ଆକାଉଣ୍ଟ ଖୋଲି ଦେଉଛନ୍ତି। ଏହି ଆକାଉଣ୍ଟକୁ ଠକେଇ ଟଙ୍କା ନେଇ ପରେ ନିଜ ଆକାଉଣ୍ଟକୁ ଟ୍ରାନ୍ସଫର କରି ଦେଉଛନ୍ତି। ସୋସିଆଲ ମିଡ଼ିଆ ଅଫରକୁ ସମ୍ପୂର୍ଣ୍ଣ ନା : ପାର୍ଟ ଟାଇମ ନିଯୁକ୍ତି ଅଫର ଏବେ ସାଇବର ଠକେଇର ପ୍ରମୁଖ ଉପାୟ ସାଜିଛି। ଠକେଇ ସଂସ୍ଥା ଗୁଡ଼ିକ ବିଭିନ୍ନ ପ୍ରକାରର ପ୍ରଲୋଭନ ଦେଖାଇ ମୁଖ୍ୟତଃ ମହିଳାମାନଙ୍କୁ ଜାଲରେ ଫସାଉଛନ୍ତି।

## ଭାରତୀୟ ନ୍ୟାୟ ସଂହିତା ଓ ହିଟ ଆଣ୍ଡ ରନ୍


॥ ଅଲେଖ ଚନ୍ଦ୍ର ସାମଲ ॥


ମନେପକାନ୍ତୁ ୨୦୦୦ ମସିହା ସେପ୍ଟେମ୍ବର ୨୮ ତାରିଖ ମୁମ୍ବାଇ ବାନ୍ଦ୍ରାର ସେହି ଅଶୁଭ ରାତିର ଘଟଣାଟିକୁ ବଲିଉଡ ଅଭିନେତା ସଲମାନ ଖାନ ତାଙ୍କ ବିଳାସପୂର୍ଣ୍ଣ ଟୋୟୋଟା ଲ୍ୟାଣ୍ଡକ୍ରୁଇଜର ଏକ ବେକରୀ ବାହାରେ ଫୁଟପାଥରେ ଶୋଇଥିବା ପାଞ୍ଚଜଣଙ୍କ ଉପରେ ଏକ ପ୍ରକାର ଦଳି ଚକଟି ସେମାନଙ୍କ ଅକାରଣରେ ଜୀବନ ନେଇଯାଇଥିଲା। ବିଚାର ହୋଇ ସଲମାନ ଖାନଙ୍କୁ ମୁମ୍ବାଇ ସେସନ କୋର୍ଟ ତାଙ୍କୁ ପାଞ୍ଚବର୍ଷ ଜେଲ ଦଣ୍ଡାଦେଶ ଦେଇଥିଲେ। ତେବେ ଏହି ମାମଲାର ଅନ୍ତଃ ଘଟିବାକୁ ତେର ବର୍ଷ ସମୟ ଲାଗିଥିଲା। ଏପରି ଅନେକ ହିଟ ଆଣ୍ଡ ରନ ମାମଲା ସାଧାରଣରେ ଆଲୋଡ଼ନ ଓ ଅଭାବନୀୟ ଚର୍ଚ୍ଚା ସୃଷ୍ଟି କରିଥାଏ। ନିକଟରେ ଶେଷ ହୋଇଥିବା ସଂସଦର ଶୀତକାଳୀନ ଅଧିବେଶନରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଆସିଥିବା ଭାରତୀୟ ନ୍ୟାୟ ସଂହିତା ଆଇନ ପାରିତ ହୋଇଛି। ତେବେ ପ୍ରାଥମିକ ପର୍ଯ୍ୟାୟରେ ଏହି ନୂତନ ଆଇନରେ ହିଟ୍ ଆଣ୍ଡ ରନ୍ ମାମଲାକୁ ନେଇ ଯେଉଁ ଦଣ୍ଡ ବିଧାନ ରହିଛି ତାହା ଗାଡ଼ି ଚାଳକଙ୍କ ଭିତରେ ଏକ ପ୍ରକାର ଆତଙ୍କ ସୃଷ୍ଟି କରିଛି କହିଲେ ଅତ୍ୟୁକ୍ତି ହେବନାହିଁ। ସରକାରଙ୍କ ଯୁକ୍ତି ହେଉଛି ଯେ ଦେଶରେ ହିଟ ଆଣ୍ଡ ରନ୍ ମାମଲା ବୃଦ୍ଧିକୁ ରୋକିବା ପାଇଁ ଏପରି କଠୋର ନିୟମର ଆବଶ୍ୟକତା ରହିଛି। ଯାହାଦ୍ୱାରା ଏହି କଡ଼ା ନିୟମ ଲାଗୁ ହେଲେ ଗାଡ଼ି ଚାଳକମାନେ ସତର୍କ ରହିବେ ଏବଂ ଦୁର୍ଘଟଣା ଘଟିବା ପରେ ପୀଡ଼ିତଙ୍କୁ ସଠିକ ସହାୟତା ନ ମିଳୁଥିବାରୁ ଏହି ନୂଆ ଆଇନରେ ଦୁର୍ଘଟଣାରେ ପୀଡ଼ିତଙ୍କୁ ସାହାଯ୍ୟ କରିବା ଦୁର୍ଘଟଣା ଘଟାଇଥିବା ବ୍ୟକ୍ତିର ପ୍ରଥମ କର୍ତ୍ତବ୍ୟ ଭାବେ ବିଚାର ରହିଛି। ଏଠାରେ ସୂଚନା ଥାଉକି ହିଟ୍ ଆଣ୍ଡ ରନ୍ ମାମଲାରେ କଠୋର ଦଣ୍ଡ ପାଇଁ ଅନେକ ଦିନରୁ ସବୁ ମହଲରୁ ଦୃଢ଼ ଦାବୀ ହୋଇଆସୁଥିଲା। କେବଳ ସେତିକି ନୁହେଁ ମାନ୍ୟବର ସୁପ୍ରିମକୋର୍ଟ ଏନେଇ କଠୋର କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ସମ୍ପର୍କରେ ମଧ ନିଜ ମତ ରଖିଥିଲେ।

ଆସନ୍ତା ସର୍ବପ୍ରଥମେ ଜାଣିବା ପ୍ରକୃତରେ ଏହି ହିଟ୍ ଆଣ୍ଡ ରନ୍ ମାମଲା କ'ଣ? ଯଦି କୌଣସି ଗାଡ଼ି ଚାଳକ ବେପରୁଆ ଭାବେ ଗାଡ଼ି ଚଳାଇ ଦୁର୍ଘଟଣା ଘଟାନ୍ତି; ଦୁର୍ଘଟଣାରେ କାହାରି ମୃତ୍ୟୁ ଘଟେ ଏବଂ ଦୁର୍ଘଟଣା ପରେ ତୁରନ୍ତ କୌଣସି ପୁଲିସ ଅଧିକାରୀ କିମ୍ବା ମାଜିଷ୍ଟ୍ରେଟଙ୍କୁ ନ ଜଣାଇ ସଂପୃକ୍ତ ଚାଳକ ଘଟଣାସ୍ଥଳରୁ ଗାଡ଼ି ସହ ଫେରାର ହୋଇଯାଆନ୍ତି ଏ ପ୍ରକାର ଘଟଣାକୁ ହିଟ ଆଣ୍ଡ ରନ ମାମଲା ରୂପେ ବିବେଚନା କରାଯାଇଥାଏ। ନୂଆ ନିୟମ ଅନୁଯାୟୀ ଭାରତୀୟ ନ୍ୟାୟ ସଂହିତାର ଧାରା ୧୦୬ (୨) ଅନୁଯାୟୀ ଯଦି କୌଣସି ଗାଡ଼ି ଚାଳକ ବେପରୁଆ ଗାଡ଼ି ଚାଳନା କରି କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ଘଟାଇଥାଏ ଏବଂ ଦୁର୍ଘଟଣା ସମ୍ପର୍କରେ କର୍ତ୍ତୃପକ୍ଷଙ୍କୁ ନଜଣାଇ ଘଟଣାସ୍ଥଳରୁ ଫେରାର ହୋଇଯାଏ ତେବେ ତାଙ୍କୁ ସର୍ବାଧିକ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ଏବଂ ୭ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ମଧ ଦେବାକୁ ପଡ଼ିବ।

ଏହା ପୂର୍ବରୁ ଆମର ପୁରୁଣା କାଳିଆ ବ୍ରିଟିଶ ସମୟର ପ୍ରଚଳିତ ରହିଥିବା ଭାରତୀୟ ଦଣ୍ଡବିଧି ଆଇନ ଆଇପିସିରେ ହିଟ ଆଣ୍ଡ ରନ ମାମଲା ପାଇଁ କୌଣସି ନିର୍ଦ୍ଦିଷ୍ଟ ବ୍ୟବସ୍ଥା ନଥିଲା। ଆଇପିସିର ଧାରା ୩୦୪ (କ) ଅନୁଯାୟୀ ଏଭଳି ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିଲା। ଏହି ଧାରା ଅନୁଯାୟୀ ବେପରୁଆ ଚାଳନା କିମ୍ବା ଅବହେଳା ଜନିତ କାର୍ଯ୍ୟ ଯୋଗୁ ଅନ୍ୟର ମୃତ୍ୟୁ ଘଟିଲେ ସର୍ବାଧିକ ୨ବର୍ଷ ପାଇଁ ଜେଲ ଦଣ୍ଡ କିମ୍ବା ଜରିମାନା ହେଉଥିଲା। କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ କରାଯାଉଥିଲା। ଆଇପିସିର ଧାରା ୩୦୪ (କ) ଅନୁଯାୟୀ ହିଟ ଆଣ୍ଡ ରନ ମାମଲାକୁ ଅନ୍ୟାନ୍ୟ ମାମଲା ଭଳି ରୁଜି କରାଯାଉଥିଲା।

ନ୍ୟାସନାଲ କ୍ରାଇମ ରେକର୍ଡ଼ ବ୍ୟୁରୋ ଏନସିଆରବି ଅନୁଯାୟୀ ୨୦୨୨ରେ ଭାରତରେ ମୋଟ ୪୭୮୦୬ ହିଟ ଆଣ୍ଡ ରନ ଘଟଣାରେ ୫୦୮୧୫ ଜଣଙ୍କ ମୃତ୍ୟୁ ହୋଇଛି। ଅର୍ଥାତ୍ ପ୍ରତି ଘଣ୍ଟାରେ ହିଟ ଆଣ୍ଡ ରନ ମାମଲାରେ ପାଖାପାଖି ୬ଜଣଙ୍କ ମୃତ୍ୟୁ ହେଉଥିବା ବେଳେ ଦୈନିକ ୧୪୦ ଜଣ ପ୍ରାଣ ହରାଉଛନ୍ତି। ୨୦୨୧ରେ ୪୭୫୩୦ଟି ଘଟଣା ୪୩୪୯୯ ଜଣଙ୍କ ମୃତ୍ୟୁ ହୋଇଥିଲା। ହିଟ୍ ଆଣ୍ଡ ରନ୍ ମାମଲାରେ ଭାରତୀୟ ନ୍ୟାୟ ସଂହିତାରେ ଯେଉଁ କଠୋର ଦଣ୍ଡ ବିଧାନ ବ୍ୟବସ୍ଥା ରହିଛି ଏହାକୁ ଅନେକେ ସ୍ୱାଗତ କରୁଥିଲେ ମଧ୍ୟ କେହି କେହି ଏହାକୁ ଏକ ଯାଜନାବଦ୍ଧ ଅପରାଧ ନୁହେଁ ବୋଲି ବିଚାର କରି ଏହି ଘଟଣାରେ ୧୦ବର୍ଷ ଜେଲ ଓ ୭ଲକ୍ଷ ଟଙ୍କା ଜରିମାନାକୁ ନାପସନ୍ଦ କରିଛନ୍ତି। ସେମାନଙ୍କ ଯୁକ୍ତି ହେଉଛି ଯେ ଜଣେ ଗାଡ଼ି ଚାଳକର ଜଣାତରେ ଏଭଳି ଘଟଣା ହୋଇନଥାଏ ଏବଂ ଜଣେ ଗାଡ଼ି ଚାଳକର ମଧ ନିଜ ବଞ୍ଚିବାର ଅଧିକାର ଅଛି। ତେଣୁ ଏଭଳି କଠୋର ଦଣ୍ଡ ବ୍ୟବସ୍ଥା ଜଣେ ଗାଡ଼ି ଚାଳକକୁ ସମ୍ବିଧାନର ଧାରା ୨୧ ପ୍ରଦାନ କରିଥିବା ମୌଳିକ ଅଧିକାରର ଉଲ୍ଲଂଘନ। ତେବେ ଯାହାହେଉନା କାହିଁକି ଭାରତୀୟ ନ୍ୟାୟ ବ୍ୟବସ୍ଥାକୁ ଏବଂ ସର୍ବୋପରି ଭାରତୀୟ ନ୍ୟାୟ ସଂହିତାକୁ ଆମ ସମସ୍ତଙ୍କୁ ସମ୍ମାନ ଦେବାକୁ ପଡ଼ିବ। ହିଟ୍ ଆଣ୍ଡ ରନ୍ ଏକ ଦୁର୍ଭାଗ୍ୟପୂର୍ଣ୍ଣ ଓ ଅମାନବୀୟ ଜଘନ୍ୟ ତ୍ରୁଟି କହିଲେ ଅତ୍ୟୁକ୍ତି ହେବନାହିଁ। ନିଶାସକ୍ତ ହୋଇ ଗାଡ଼ି ଚଳାଇବା, ମୋବାଇଲ ଫୋନରେ କଥା ହେବା ଏବଂ ପୂର୍ବରୁ ଅନ୍ୟ କୌଣସି ଦୁର୍ଘଟଣାକରି ହଡ଼ବଡ଼ ହୋଇଯାଇ ଦ୍ରୁତ ଗାଡ଼ି ଚାଳନା ତଥା ସଠିକ ଭାବେ ଗାଡ଼ି ଚଳାଇବା ପ୍ରଶିକ୍ଷଣ ଶିକ୍ଷା ନକରି ମଧ ଗାଡ଼ି ଚଳାଇବା ଏହିପରି ଅନେକ ପ୍ରମୁଖ କାରଣ ପାଇଁ ଏପରି ଦୁର୍ଘଟଣା ସଂଗଠିତ ହୋଇଥାଏ। ଗାଡ଼ି ଚାଳନା କ୍ଷେତ୍ରରେ ସଂଯମତା ଓ ସୁରକ୍ଷିତ ଗାଡ଼ି ଚଳାଇବା ମଧ ଅତ୍ୟନ୍ତ ଜରୁରୀ। ଏ କ୍ଷେତ୍ରରେ କେବଳ ପ୍ରଶାସନ ବା ସରକାରଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କଲେ ହେବନାହିଁ। ଆମ ସମସ୍ତଙ୍କର ଏପରି କ୍ଷେତ୍ରରେ ସଚେତନଧର୍ମୀ ଦାୟିତ୍ୱ ମଧ ରହିଛି।


ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୨୨୫୬୮୯


## ବୃକ୍ଷ ରୋପଣ ଓ ପରିବେଶ


॥ ଅଲେଖ ଚନ୍ଦ୍ର ସାମଲ ॥


ବିଶ୍ୱ ପରିବେଶ ଦିବସ ଏକ ଅଭିଯାନ ଅଟେ। ସାରା ବିଶ୍ୱରେ ପରିବେଶର ନକରାତ୍ମକ ପ୍ରଭାବକୁ ରୋକିବା ଓ ପରିବେଶ ସୁରକ୍ଷା ପାଇଁ ଲୋକଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁନ୍ ୫ ତାରିଖରେ ଏହା ପାଳନ କରାଯାଏ। ଏହି ଦିବସ ପାଳନ ସଂଯୁକ୍ତ ରାଷ୍ଟ୍ର ସଂଘର ପରିବେଶ କାର୍ଯ୍ୟକ୍ରମ ଅନ୍ତର୍ଗତ। ଏହିଦିନ ମାନବୀୟ ପରିବେଶକୁ ନେଇ ସଂଯୁକ୍ତ ରାଷ୍ଟ୍ର ସଂଘର ପ୍ରଥମ ବୈଠକ ୧୯୭୨ ମସିହାରେ ବସିଥିଲା। ଏଥିରେ ପ୍ରତିବର୍ଷ ବିଶ୍ୱ ପରିବେଶ ଦିବସର କେନ୍ଦ୍ର ବଦଳାଇବା ପାଇଁ ନିଷ୍ପତ୍ତି ହୋଇଥିଲା। ସେବେଠାରୁ ପ୍ରତିବର୍ଷ ଅଲଗା ଅଲଗା ଦେଶରେ ଏହି ଦିବସ ପାଳିତ ହୋଇ ଆସୁଛି। ଧରିତ୍ରୀ ସର୍ବଂସହା। ବର୍ତ୍ତମାନ ସମୟରେ ଧରିତ୍ରୀ ପାଇଁ ସୃଷ୍ଟି ହୋଇଛି ବିପଦ। ଜଳବାୟୁରେ ବାରମ୍ବାର ପରିବର୍ତ୍ତନ ଘଟିବା ଫଳରେ ସୃଷ୍ଟି ହେଉଛି ବିପର୍ଯ୍ୟୟ। କେତେବେଳେ ପ୍ରବଳ ବର୍ଷା ଯୋଗୁ ବନ୍ୟା ସୃଷ୍ଟି ହେଉଛି ତ ଆଉ କେତେବେଳେ ବିନା ବର୍ଷାରେ ମରୁଡ଼ି ଦେଖାଦେଉଛି। ଦାନା ମୁଠାଏ ପାଇଁ ଲୋକଙ୍କୁ ଉହଳ ବିକଳ ହେବାକୁ ପଡୁଛି। ରାଜ୍ୟ ତଥା ଦେଶ ବିକାଶରେ ପ୍ରତିବନ୍ଧକ ସାଜିଛି ଜଳବାୟୁ ପରିବର୍ତ୍ତନ। କିପରି ରୋକାଯାଇପାରିବ ଏଭଳି ସମସ୍ୟା। କ'ଣ ନିଆଯିବ ପଦକ୍ଷେପ ତାହାକୁ ନେଇ ବିଶେଷଜ୍ଞମାନେ ଆରମ୍ଭ କରିଦେଇଛନ୍ତି ଅବଗଣନା। ଲୋକଙ୍କୁ ସଚେତନ କରାଇବା ସହ ଆସନ୍ତା ୧୦ବର୍ଷ ମଧ୍ୟରେ ଜଳବାୟୁ ପରିବର୍ତ୍ତନ ରୋକିବା ଲାଗି ଆଗେଇ ଆସିବାକୁ ପରିବେଶବିତ୍‌ମାନେ ମତପ୍ରକାଶ କରିଛନ୍ତି। ସମୟର ପରିବର୍ତ୍ତନ ସହ ତାଳ ଦେଇ ବଦଳିଚାଲିଛି ସବୁକିଛି। କଟାଚାଲିଛି ବୃକ୍ଷ, ସୃଷ୍ଟି ହେଉଛି କଂକ୍ରିଟ ଜଙ୍ଗଲ। ପ୍ରତିଦିନ ରାଜ୍ୟର କୋଣେ ଅନୁକୋଣରେ ଯେତିକି ଗଛ କଟାଯାଉଛି ସେହି ଅନୁଯାୟୀ ଲଗାଯାଉନି। ବୃକ୍ଷର ସ୍ଥିତି ଏଭଳି ରହିଥିବାବେଳେ ପରିବେଶ ହେଉଛି ପ୍ରଦୂଷଣ, ଯାହାର ପ୍ରଭାବ ସିଧାସଳଖ ଜଳବାୟୁ ଉପରେ ପଡୁଛି। ଯେଉଁଥି ପାଇଁ ଗ୍ରୀଷ୍ମ ଦିନେ ପ୍ରବଳ ବର୍ଷା ହେଉଛି ତ ଆଉ କେତେବେଳେ ବର୍ଷା ଦିନେ ବର୍ଷାର ଦେଖାମିଳୁନି।

ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ ୨୦୧୦ ମସିହାରୁ ୨୦୨୩ ମଧ୍ୟରେ ବର୍ଦ୍ଧିତ ସବୁଜ ବଳୟ, ସବୁଜ ମହାନଦୀ ମିଶନ, ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ, ଆମ ଜଙ୍ଗଲ ଯୋଜନା, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ ନିଯୁକ୍ତି ଯୋଜନା, କାମ୍ପା, ଜାତୀୟ ବନୀକରଣ ଯୋଜନା, ସବୁଜ ଭାରତ ମିଶନ, ଓଡ଼ିଶା ଖଣି ନିଗମ, ମହାନଦୀ କୋଇଲା ନିଗମ, ଜିଲ୍ଲା ଖଣିଜ ପାଣ୍ଠି ଇତ୍ୟାଦି ୩୫ଟି କାର୍ଯ୍ୟକ୍ରମ ବା ଯୋଜନାରେ ବୃକ୍ଷରୋପଣ କରାଯାଇଛି। ଶହେ କି ପାଞ୍ଚଶହ କୋଟି ନୁହେଁ, ଏହି ବର୍ଷ ମାନଙ୍କରେ ୨ ହଜାର ୧୩୧ କୋଟି ୫୩ ଲକ୍ଷ ୮୨ ହଜାର ଟଙ୍କା ବିନିଯୋଗ ହୋଇ ୯ଲକ୍ଷ ୩୩ ହଜାର ୫୮୩ ହେକ୍ଟର ଜମି ନୂଆ ଜଙ୍ଗଲ ସୃଷ୍ଟି କରାଯାଇଛି। ତେବେ ଏ ସବୁ ସତ୍ତ୍ୱେ ବ୍ୟାପକ ସହରୀକରଣ ଏବଂ ଗଛକଟା ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ଓଡ଼ିଶାରେ ବଡ଼ ପ୍ରଭାବ ପକାଇବା ଆରମ୍ଭ କଲାଣି। ଯେଉଁ ଭୟାନକ ଚିତ୍ରଟି ସାମ୍ନାକୁ ଆସୁଛି ତାହା ହେଲା, ରାଜ୍ୟର ପାଣିପାଗ ଓ ଋତୁଚକ୍ର ପୁରାପୁରି ବିଗିଡି ଗଲାଣି। ନିକଟରେ ତତଲାଗଡ଼ର ମାନ୍ୟତା ପାଇଥିବା ବଲାଙ୍ଗୀର ଟିଟିଲାଗଡ଼ର ତାତିଠାରୁ ବଳିଗଲା ବୌଦ୍ଧ ଓ ସୋନପୁର ଜିଲ୍ଲାର ଉତ୍ତାପ। ଅନ୍ୟ ସମସ୍ତ ଜିଲ୍ଲା ଠାରୁ ଢ଼େର ଆଗରେ ଏସବୁ ଜିଲ୍ଲାର ତାପମାତ୍ରା ରହିଲା ଭାରତ ବର୍ଷରେ ବି ନୂଆ ରେକର୍ଡ଼ କଲା। ଆମେ ଭଲ ଭାବେ ଜାଣିଛେ ଜଙ୍ଗଲ ସବୁବେଳେ ସ୍ଥାନୀୟ ଜଳବାୟୁର ସ୍ଥାୟିତ୍ୱ ବୃଦ୍ଧି ସହିତ ପରିସଂସ୍ଥାନ, ଜୈବ-ବିବିଧତା, ଅଙ୍ଗାରକାମ୍ଳ ଏବଂ ଅମ୍ଳଜାନ ଚକ୍ର ନିୟନ୍ତ୍ରଣ କରିବାରେ ଏକ ଅବିଚ୍ଛେଦ୍ୟ ଭୂମିକା ଗ୍ରହଣ କରିଥାଏ। ସହର ମଧ୍ୟରେ ଜଙ୍ଗଲ ଆବରଣ ଉତ୍ତାପକୁ ଶୋଷଣ କରିବା ସହ ସ୍ଥାନୀୟ ତାପମାତ୍ରାକୁ ପ୍ରଭାବିତ କରିଥାଏ ଏବଂ ରେଫ୍ରିଜରେଜେସନ ବା ଶୀତଳୀକରଣ ପ୍ରକ୍ରିୟା ଦ୍ୱାରା ଏହା ସ୍ଥାନୀୟ ଜଳବାୟୁକୁ ଥଣ୍ଡା କରିବାରେ ବଡ଼ ଭୂମିକା ଗ୍ରହଣ କରିଥାଏ। ଏହାର ଆହୁରି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତାହା ହେଲା ଜଙ୍ଗଲ ମୃତ୍ତିକା ସବୁବେଳେ ଅଣ-ଜଙ୍ଗଲ ମୃତ୍ତିକା ତୁଳନାରେ ଅଧିକ ଜଳ ଧାରଣ କରିବା କ୍ଷମତା ରଖେ। ଅନ୍ୟଥା କିଛି ଅଞ୍ଚଳରେ ଅତି ପ୍ରବଳ ବର୍ଷା ହେବାର ଭୟ ରହିଛି। ଏବଂ ଏସବୁ ସ୍ଥାନରେ ଅକସ୍ମାତ ବନ୍ୟା ପରିସ୍ଥିତି ସୃଷ୍ଟି ସମ୍ଭାବନାକୁ ଏଡ଼ାଇ ଦେଇହେବନାହିଁ। ଯଦିଓ ବୃକ୍ଷରୋପଣ ଜଳବାୟୁ ପରିବର୍ତ୍ତନର ଏକମାତ୍ର କାରଣ ନୁହେଁ, ଏହା କିନ୍ତୁ ଗୋଟିଏ ବଡ଼ କାରଣ ବୋଲି କୁହାଯାଇପାରେ। ଅଧିକ ବୃକ୍ଷ ଥିଲେ ତାତି ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ କମିଯିବ ଏବଂ ଉତ୍ତାପ ଶୀଘ୍ର ହ୍ରାସ ପାଇବ। ଏହା ସହିତ ବର୍ଷାର ପରିମାଣ ବୃଦ୍ଧିରେ ମଧ ସହାୟକ ହେବ। କେଉଁ ଅଞ୍ଚଳରେ ଖଣି ଭବିଷ୍ୟତରେ ନିର୍ମାଣ ବା କାର୍ଯ୍ୟ ହାତକୁ ନିଆଯିବ, ସେ ସଂକ୍ରାନ୍ତରେ ଗୋଟିଏ ବିସ୍ତୃତ ନକ୍ସା ପ୍ରସ୍ତୁତ କରିବା ପରେ ବୃକ୍ଷରୋପଣ କରାଗଲେ ବା ବୃକ୍ଷକୁ ସୁରକ୍ଷା ଦେଇ ବିକାଶର ମାନଚିତ୍ର ପ୍ରସ୍ତୁତ କଲେ ସ୍ଥିତିରେ ଉନ୍ନତି ଘଟନ୍ତା। ଗୁଜୁରାଟ ସରକାରଙ୍କ ଉଦାହରଣ ଏ କ୍ଷେତ୍ରରେ ନିଆଯାଇପାରେ। ଗଛ କଟାଯିବା ପରେ ଏହାର ଦଶଗୁଣ ଗଛ ଲଗାଯାଉଥିବା କୁହାଯାଉଛି। ହେଲେ ସେ ଗଛ ଲାଗୁଛି କେଉଁଠି ? ଅନ୍ୟ କୌଣସି ଅଞ୍ଚଳରେ ବୃକ୍ଷ ଲଗାଗଲେ, କଟାଯାଇଥିବା ଅଞ୍ଚଳର ପାଣିପାଗରେ କି ପରିବର୍ତ୍ତନ ହେବ ? ତୃତୀୟ କଥାଟି ହେଲା ଘର ନିର୍ମାଣ ପାଇଁ ଅନୁମତି ଦିଆଯିବା ବେଳେ ପୂର୍ବରୁ ସାଢ଼େ ପାଞ୍ଚଫୁଟ ପର୍ଯ୍ୟନ୍ତ ଜାଗା ଛାଡ଼ିବାକୁ କୁହାଯାଉଥିଲା। ଏବେ ତିନି ବା ସାଢ଼େ ତିନି ଫୁଟ ଛାଡ଼ିଲେ, ସେଥିରେ କେଉଁ ଗଛ ଲାଗିପାରିବ ? ଏଭଳି ଅନେକ ବ୍ୟତିକ୍ରମ ଜଙ୍ଗଲ ବିଭାଗ ପାଇଁ ଆହ୍ୱାନ ସୃଷ୍ଟି କଲାଣି।

# ଠିକାଦାରଙ୍କ ମର୍ଜିରେ ଚାଲିଛି ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା-ପାଣିରେ ପଡ଼ିବ ସାଢେ ୭ କୋଟି



ଓଡ଼ଗାଁ, (ମହାଭାରତ): ଓଡ଼ଗାଁ ବ୍ଲକ୍ ଅନ୍ତର୍ଗତ ସୋଲପଟା ଠାରୁ ମଗରବନ୍ଧ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଠିକାଦାରଙ୍କ ମର୍ଜିରେ ଚାଲିଛି। ନିମ୍ନମାନର ପିଚୁକାମ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତି ଠିକାଦାରକୁ ବେଶ ସୁହାଉଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ୨୦୨୪ -୨୫ ମସିହାରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୭କୋଟି ୫୨ ଲକ୍ଷ ୩୦ ହଜାର ଟଙ୍କା ବ୍ୟୟବରାଦ ହୋଇଛି। ଏହି ରାସ୍ତାକାମ ଗତ ୧୩ ଅକ୍ଟୋବର ୨୦୨୫ରେ ଆରମ୍ଭହୋଇ ୧୨ ସେପ୍ଟେମ୍ବର ୨୦୨୬ରେ ସାରିବାକୁ ଫଳକ ଲାଗିଛି। କିନ୍ତୁ ଅବଧି ସରିଥିଲେ ମଧ୍ୟ କାମ ଅଧାପନ୍ତରିଆ ହୋଇ ପଡ଼ି ରହିଛି। ମୁଖ୍ୟମନ୍ତ୍ରୀ ସଡ଼କ ଯାଜନାକୁ ହରିଲୁଟ କରିବାକୁ ଠିକାଦାର-ଯନ୍ତ୍ରୀଙ୍କ ମଧ୍ୟରେ ସଲାସୁତୁରା ଯୋଗୁ ରାସ୍ତାକାମର ସ୍ୱଚ୍ଛତାନେଇ ପ୍ରଶ୍ନ ଉଠିଛି।କାମ ଚାଲିଥିଲେ ମଧ୍ୟ କୌଣସି କର୍ମଚାରୀ ନ ରହିବା ଓ ତଦାରଖ ନକରିବା ଏହାର ଜ୍ୱଳନ୍ତ ଉଦାହରଣ ପାଲଟିଛି।ଠିକାଦାର ପ୍ରତି ଯନ୍ତ୍ରୀଙ୍କ ପ୍ରିୟା ପ୍ରତିତୋଷଣ ନିତୀକୁ ସ୍ଥାନୀୟଲୋକେ ତୀବ୍ର ନିନ୍ଦା କରିବା ସହିତ ସଠିକ କାମ କରିବାକୁ ଦାବିକରିଛନ୍ତି। ଠିକାଦାର ଏଠି ମାସମାସ ଧରି କାମ ପକାଇ ରଖିବାପରେ ଏବେ କାମ ଆରମ୍ଭ ହୋଇଛି। ଠିକାଦାରଙ୍କ ମର୍ଜିରେ କାମ ଚାଲିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଥିବାବେଳେ ବିଭାଗୀୟ ଅଧିକାରୀ ସବୁଦେଖି ନିରବଦ୍ରଷ୍ଟା ସାଜିଛନ୍ତି।କିଛିଦିନ ତଳେ ରାସ୍ତା ମେଟାଲିଂ ହୋଇ ବଜୁରି ଓ ଚିପ୍ସ ପଡ଼ିଥିଲା।କିନ୍ତୁ ଭାରିଯାନ ଯିବା ଆସିବାରେ ସେହି ବଜୁରି, ଚିପ୍ସ ଆଉ ଦେଖିବାକୁ ମିଳୁନି। ସେତିକି ନୁହଁ ପିଚୁ କାମ ପୂର୍ବରୁ ଲୌହଯୁକ୍ତ ଲେପଦେଇ ପିଚୁ ପକାଇବା କଥା ଓ ତା ଉପରେ ରୋଲର କରି ପିଚୁ ସମାନ କରିବାର ନିୟମ ଥିଲେ ମଧ୍ୟ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି।କମ ପିଚୁ ଦେଇ ଶାଗମାଛ ଭାବେ କାମ ସାରିବାକୁ ବସିଛି ଠିକାଦାର।କିଛି ଦୁର୍ନୀତିଖୋର କର୍ମଚାରୀଙ୍କ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ବଦନାମ ମୁଣ୍ଡାଉଥିବା ଚର୍ଚ୍ଚା ହେଉଛି।ରାସ୍ତାକାମ ଚାଲିଥିବା ସମୟରେ ଯନ୍ତ୍ରୀ କିମ୍ବା କୌଣସି ସରକାରୀ ବାବୁ ରହୁନଥିବାରୁ ଏହା ଠିକାଦାରକୁ ବେଶ ସୁହାଇଥିବା କୁହାଯାଉଛି।ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାସ୍ତା ମଜବୁତ କରି ନିର୍ମାଣ କରିବାକୁ ସାଧାରଣରେ ଦାବିଉଠିଛି। ସମାନ ଭାବେ ଓଡ଼ଗାଁ ବ୍ଲକର ଶତ ପ୍ରତିଶତ ରାସ୍ତା ବର୍ଷେ ନଯାଉଣୁ ଫାଟି ଆଁ କରିଥିବାବେଳେ ବାକିସବୁ ରାସ୍ତାରୁ ପିଚୁଉଠି ଖାଲଖମାରେ ପରିଣତ ହେଲାଣି। ଏହାର ମରାମତି ମଧ୍ୟ କରିବାକୁ ଠିକାଦାର କୁଣ୍ଠାବୋଧ କରୁଛନ୍ତି। ସେହି ଖାଲଖମା ରାସ୍ତାରେ ଲୋକମାନେ ପ୍ରତିଦିନ ଯାତାୟତ କରୁଥିବା ଦେଖିବାକୁ ମିଳିଛି। ଏପଟେ ରାସ୍ତା ରକ୍ଷଣାବେକ୍ଷଣ ପାଇଁ ୫ବର୍ଷର ଅବଧି ରହିଥିବା ଫଳକରେ ଉଲ୍ଲେଖ ହେଉଥିଲେ ମଧ୍ୟ ତାହାକେବଳ ସରକାରୀ କାଗଜକଲମରେ ସିମୀତ ରହୁଥିବା ଅଲୋଚନା ହେଉଛି।

# ଗୌଡ଼ପୁଟ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ- ନୟାଗଡକୁ ହରାଇ ଖୋର୍ଦ୍ଧା ଦ୍ୱିତୀୟ ସେମି ଫାଇନାଲକୁ ଉନ୍ନୀତ




ଓଡ଼ଗାଁ, (ମହାଭାରତ): ଓଡ଼ଗାଁ ବ୍ଲକ ଅନ୍ତର୍ଗତ ଗୌଡପୁଟ ସ୍ଥିତ ଝାଙ୍ଗୀରାମ ହାଇସ୍କୁଲ ଖେଳପଡିଆରେ ଚାଲିଥିବା ବୁଢାବୁଢିଆଣୀ କ୍ରୀଡାସଂସଦ ଓ ନେତାଜୀ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୪୬ତମ ଫୁଟବଲ ଟୁର୍ଣ୍ଣାମେଣ୍ଟର ଶନିବାର ପଞ୍ଚମ ଦିବସରେ ମଙ୍ଗଳା ଏଫ୍ ସି ଖୋର୍ଦ୍ଧା। ପ୍ରକାଶ ଏଫସି ନୟାଗଡକୁ ୪-୧ ଗୋଲରେ ପରାସ୍ତକରି ଦିତ୍ୱୀୟ ସେମି ଫାଇନାଲକୁ ଉନ୍ନୀତ ହୋଇଛି।ଖେଳର ପ୍ରଥମ ହାପରେ ଉଭୟ ଦଳ ଚିତାକର୍ଷକ ଖେଳ ପ୍ରଦର୍ଶନ କରିଥିଲେ ମଧ୍ୟ ଗୋଲ ଦେବାରେ ଅସମର୍ଥ ହୋଇଥିଲେ।ଦ୍ୱିତୀୟ ହାପରେ ମଙ୍ଗଳା ଏଫସି ଲଗାତାର ୪ଟି ଗୋଲ ସ୍କୋର କରିଥିବାବେଳେ ପ୍ରକାଶ ଏଫସୀ ନୟାଗଡ଼ ଗୋଟିଏ ଗୋଲ ପରିଶୋଧ କରି ପାରିଥିଲା।ଆସନ୍ତାକାଲି ପ୍ରଥମ ସେମି ଫାଇନାଲ ମ୍ୟାଚ ବୋଲଗଡ଼ ସହିତ ରଣପୁର ଦଳର ମୁକାବିଲା ହେବବୋଲି ସଭାପତି ଦିଲ୍ଲିପ ମାର୍ଥା ସୂଚନା ଦେଇଛନ୍ତି।ଆଜିର ଖେଳରେ ଅତିଥିଭାବେ ବରସାହି ସରପଞ୍ଚ ଅମରେନ୍ଦ୍ର ସ୍ୱାଇଁ,ବାଣ୍ଡପୁର ସରପଞ୍ଚ ସୁନୀତା ବାରିକ,ନନ୍ଦିଘୋର ସରପଞ୍ଚ ଶ୍ୱେତାଲିନା ଷଡ଼ଙ୍ଗୀ,କୋମଣ୍ଡ ସରପଞ୍ଚ ଦୀପିକା ସେଠୀ,ସମୀର ରାଉତ ଓ ଗୌଡ଼ପୁଟ ସରପଞ୍ଚ ତ୍ରିନାଥ ନାୟକ ଯୋଗଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ।ରେଫରୀ ମନୋରଞ୍ଜନ ଦାସ,ସୁରେଶ ପରିଡା, ପ୍ରସନ ନାୟକ, ସୂର୍ଯ୍ୟକାନ୍ତ ଦଳବେହେରା ଖେଳ ପରିଚାଳନା କରିଥିବାବେଳେ କ୍ଲବ ସଭାପତି ଦିଲ୍ଲୀପ ମାର୍ଥା,ସାଧାରଣ ସମ୍ପାଦକ ତ୍ରିନାଥ ପ୍ରଧାନ,ବିଜୟ ପ୍ରଧାନ, ନରସିଂହ ପୃଷ୍ଟି,ନିତ୍ୟାନନ୍ଦ ପ୍ରଧାନ ଓ ଜଗନ୍ନାଥ ବାରିକ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।ଶିକ୍ଷକ ଶ୍ରୀଧର ପରିଡା ଖେଳ ସଂଯୋଜନା ଓ ଧାରା ବିବରଣୀ ପ୍ରଦାନ କରିଥିବା ଜଣାପଡ଼ିଛି।

# ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଓ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ

ଗଜପତି, (ମହାଭାରତ): ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପରିସରରେ ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଓ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଉପଲକ୍ଷେ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ ବକ୍ତୃତା, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ଆସନ୍ତା ୨୯ ତାରିଖରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯିବ। ସେହିପରି, ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ମଧ୍ୟ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଆସନ୍ତା ୨୭ ତାରିଖରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ସମ୍ମାନିତ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯିବ। ଆଜିର ଏହି ପ୍ରତିଯୋଗିତା ଗୁଡ଼ିକରେ ବିଚାରକ ଭାବେ ଶ୍ରୀ ବିଚିତ୍ରାନନ୍ଦ ବେବର୍ତ୍ତା, ପ୍ରାକ୍ତନ ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡେମୀ, ଗଜପତି,ଅଧାପିକା ଶୁଭ୍ରା ପଟ୍ଟନାୟକ, ଅଧାପକ ଆର୍ତ୍ତତ୍ରାଣ ଚଇନି, ଅଧାପିକା ଅଞ୍ଜନା ପଟ୍ଟନାୟକ, ଇଁ.ଶ୍ୱେତା ପଟ୍ଟନାୟକ, ଶ୍ରୀ କିଶୋର ଦାସ ଓ ଶ୍ରୀ ରମାକାନ୍ତ ବାରାଡ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କ ପ୍ରଦର୍ଶନର ମୂଲ୍ୟାୟନ କରିଥିଲେ। ଏହି ପ୍ରତିଯୋଗିତା ଗୁଡ଼ିକ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ସଚେତନତା, ସୃଜନଶୀଳତା, ନୈତିକ ମୂଲ୍ୟବୋଧ ଓ ଦୁର୍ନୀତି ବିରୋଧୀ ମନୋଭାବ ବୃଦ୍ଧି କରିବା ଉପରେ ସଚେତନତା ସୃଷ୍ଟି କରାଯାଇଥିଲା।

# ସମ୍ଭାବ୍ୟ ବାତ୍ୟା ଓ ପ୍ରବଳ ବର୍ଷାର ମୁକାବିଲା ପାଇଁ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ

ଗଜପତି, (ମହାଭାରତ): ଜିଲ୍ଲାରେ ସମ୍ଭାବ୍ୟ ବାତ୍ୟା ଓ ପ୍ରବଳ ବର୍ଷାର ମୁକାବିଲା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗୁଆ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଶ୍ରୀ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧକ୍ଷତାରେ ଏକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ଆସନ୍ତା ୨୬ ତାରିଖ ସନ୍ଧ୍ୟାଠାରୁ ବର୍ଷା ଆରମ୍ଭ ହେବା ସହ ୨୭, ୨୮ ଓ ୨୯ ତାରିଖରେ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ସମ୍ଭାବ୍ୟ ବାତ୍ୟାର ଗତିପଥ ଓ ପ୍ରଭାବ, ଝଡ଼େତାଫାନ, ଭୂସ୍ଖଳନ ପ୍ରବଣ ଅଞ୍ଚଳର ସ୍ଥିତି, ଜଳ ନିଷ୍କାସନ ବ୍ୟବସ୍ଥା, ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ତଥା ଜରୁରୀକାଳୀନ ସେବାର ପ୍ରସ୍ତୁତି ସମ୍ପର୍କରେ ବୈଠକରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ଜିଲ୍ଲା, ବ୍ଲକ୍ ଓ ତହସିଲ ସ୍ତରରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ ରଖିବା ସହ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ମୁଖ୍ୟାଳୟ ନଛାଡ଼ିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅଗ୍ନିଶମ ବାହିନୀକୁ ଆବଶ୍ୟକ ସ୍ଥଳେ ତୁରନ୍ତ ମୁତୟନ ହେବା ପାଇଁ ପ୍ରସ୍ତୁତ ରହିବାକୁ କୁହାଯାଇଛି। ଜିଲ୍ଲାର ସାତଟି ବ୍ଲକ୍‌ରେ ଥିବା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକର ଯାଞ୍ଚ କରି ଆବଶ୍ୟକ ମରାମତି, ବିଦ୍ୟୁତ୍ ଓ ଜେନେରେଟର ବ୍ୟବସ୍ଥା, ପାନୀୟ ଜଳ ଏବଂ ଅନ୍ୟାନ୍ୟ ମୌଳିକ ସୁବିଧା ସୁନିଶ୍ଚିତ କରିବାକୁ ସମସ୍ତ ବିଡିଓ ଓ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଭୂସ୍ଖଳନ ପ୍ରବଣ ଅଞ୍ଚଳ, ପାହାଡ଼ ତଳେ ରହୁଥିବା ପରିବାର, ତଳିଆ ଅଞ୍ଚଳ ଏବଂ ଦୁର୍ବଳ କିମ୍ବା କଚ୍ଚା ଘରେ ବସବାସ କରୁଥିବା ଲୋକଙ୍କୁ ଆବଶ୍ୟକ ସ୍ଥଳେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାକୁ କୁହାଯାଇଛି। ଆଶ୍ରୟସ୍ଥଳୀରେ ରନ୍ଧା ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ମହଜୁଦ ରଖିବା ସହ ଗର୍ଭବତୀ ମହିଳାମାନଙ୍କୁ ଆବଶ୍ୟକତା ଅନୁଯାୟୀ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ମା' ଗୃହକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ରହିଛି। ଏଥିସହ ଚୂଡ଼ା, ଗୁଡ଼, ଚିନି, ମହମବତୀ, କିରୋସିନ, ଔଷଧ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଯଥେଷ୍ଟ ପରିମାଣରେ ଗଚ୍ଛିତ ରଖିବାକୁ କୁହାଯାଇଛି। ପ୍ରବଳ ବର୍ଷା ସମୟରେ ଜନସାଧାରଣ ଅନାବଶ୍ୟକ ଭାବେ ଘରୁ ବାହାରକୁ ନଯିବା ଏବଂ ନଦୀ, ନାଳ ଓ ଅନ୍ୟାନ୍ୟ ଜଳାଶୟ ନିକଟକୁ ନଯିବା ପାଇଁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ଏଥିସହ ବ୍ଲକ୍, ଗ୍ରାମପଞ୍ଚାୟତ ଓ ଗ୍ରାମସ୍ତରରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଏହି ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ଶ୍ରୀ ଦୟାମୟ ପାଢ଼ୀ, ଉପଜିଲ୍ଲାପାଳ ସୁଶ୍ରୀ ଭାଗବତ ସାମଲ କଲ୍ୟାଣରାଓ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶ୍ରୀ ବିନାୟକ ରାଉଳଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଡିଓ, ତହସିଲଦାର ଓ ବିଭିନ୍ନ ଲାଇନ୍ ବିଭାଗର ଅଧିକାରୀମାନେ ଆଭାସୀ ବୈଠକରେ ଯୋଗ ଦେଇଥିଲେ।

# କନ୍ଧମାଳରେ ରାଜ୍ୟସ୍ତରୀୟ ପ୍ରାକୃତିକ କୃଷି ସମ୍ମିଳନୀ ଆୟୋଜିତ




ଫୁଲବାଣୀ, (ମହାଭାରତ): ପ୍ରାକୃତିକ କୃଷିର ପ୍ରଚାର ଏବଂ କୃଷି-ପରିବେଶଗତ ରୂପାନ୍ତରଣକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ନ୍ୟାସନାଲ୍ କୋଆଲିସନ୍ ଫର୍ ନ୍ୟାଚୁରାଲ୍ ଫାର୍ମିଂ, କନ୍ଧମାଳ ଶାଖା ଏବଂ କନ୍ଧମାଳ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ନଭେମ୍ବର ୨୦୨୬ରେ ଦୁଇଦିନିଆ ରାଜ୍ୟସ୍ତରୀୟ ପ୍ରାକୃତିକ କୃଷି ସମ୍ମିଳନୀ ଆୟୋଜନ କରାଯିବାକୁ ଯୋଜନା କରାଯାଇଛି। ଏହି ସମ୍ମିଳନୀରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ୩୦୦ରୁ ଅଧିକ ଅଂଶୀଦାର ଯୋଗଦେଇ ପ୍ରାକୃତିକ କୃଷି ଓ କୃଷି-ପରିବେଶଗତ ପରିବର୍ତ୍ତନର ପ୍ରସାର ପାଇଁ ଆଲୋଚନା କରିବେ। ଏହି ସମ୍ମିଳନୀରେ ଆଦର୍ଶ କୃଷକ, ଦେଶୀ ବିହନ ସଂରକ୍ଷକ, କୃଷି ମିତ୍ର, ପ୍ରାଣୀ ମିତ୍ର, ଜୈବବିବିଧତା ସଂରକ୍ଷଣକାରୀ, ବିଭିନ୍ନ ସାମାଜିକ ସଂଗଠନର ପ୍ରତିନିଧି, ସରକାରୀ ଅଧିକାରୀ, ଗବେଷକ ଏବଂ ସ୍ଥାୟୀ କୃଷି ଓ ଖାଦ୍ୟ ବ୍ୟବସ୍ଥାର ବିକାଶ ପାଇଁ କାର୍ଯ୍ୟରତ ଅନ୍ୟାନ୍ୟ ଅଂଶୀଦାରମାନେ ଯୋଗଦେବେ ବୋଲି ଆଶା କରାଯାଉଛି। ଏହି କାର୍ଯ୍ୟକ୍ରମରେ କୃଷକମାନଙ୍କ ଦ୍ୱାରା ପ୍ରାକୃତିକ କୃଷିଜାତ ଉତ୍ପାଦ ଓ କୃଷି ପଦ୍ଧତିର ପ୍ରଦର୍ଶନୀ ଏବଂ ଜୀବନ୍ତ ପ୍ରଦର୍ଶନ କରାଯିବ। ସ୍ଥାୟୀ କୃଷି, ଜୈବବିବିଧତା ସଂରକ୍ଷଣ ଏବଂ ପ୍ରାକୃତିକ କୃଷିର ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ କନ୍ଧମାଳ ଜିଲ୍ଲାର ଆଦର୍ଶ କୃଷକମାନଙ୍କୁ ମଧ୍ୟ ସମ୍ମାନିତ କରାଯିବ। ଏହି ପରିପ୍ରେକ୍ଷୀରେ, ୨୩ ଅକ୍ଟୋବର ୨୦୨୬ ତାରିଖରେ ଘଉଘର ଓଡ଼ିଶାର ଏକ ପ୍ରତିନିଧିମଣ୍ଡଳୀ କନ୍ଧମାଳ ଜିଲ୍ଲାର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀ ବେଦଭୂଷଣ, ଓଇଏଙ୍କ ସହ ସାକ୍ଷାତ କରି ପ୍ରସ୍ତାବିତ ସମ୍ମିଳନୀ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲାପାଳ ଏହି ପଦକ୍ଷେପକୁ ପ୍ରଶଂସା କରିବା ସହ କାର୍ଯ୍ୟକ୍ରମ ଆୟୋଜନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସହଯୋଗ ଯୋଗାଇଦେବାକୁ ଆଶ୍ୱାସନା ଦେଇଥିଲେ। ଏହାପରେ, ଘଉଘର କନ୍ଧମାଳ ଶାଖାର ସହଯୋଗୀ ସାମାଜିକ ସଂଗଠନଗୁଡ଼ିକ ଫୁଲବାଣୀସ୍ଥିତ କଇଏଇଗ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଆୟୋଜନ କରିଥିଲେ। ଏହି ବୈଠକରେ ସମ୍ମିଳନୀର ଆୟୋଜନ, ଯୋଜନା ପ୍ରସ୍ତୁତି ଏବଂ ସାମୂହିକ ପ୍ରୟାସ ମାଧ୍ୟମରେ ଏହାର ସଫଳ ରୂପାୟଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କୃଷକ-ନେତୃତ୍ୱାଧୀନ ପଦକ୍ଷେପଗୁଡ଼ିକୁ ସୁଦୃଢ଼ କରିବା, ପ୍ରାକୃତିକ କୃଷି ପଦ୍ଧତିର ପ୍ରସାର କରିବା, ଦେଶୀ ବିହନ ଓ ଜୈବବିବିଧତାର ସଂରକ୍ଷଣ କରିବା ଏବଂ କୃଷକ, ସାମାଜିକ ସଂଗଠନ ଓ ସରକାରୀ ଅନୁଷ୍ଠାନଗୁଡ଼ିକ ମଧ୍ୟରେ ସହଯୋଗ ବୃଦ୍ଧି କରି କନ୍ଧମାଳ ଜିଲ୍ଲାର କୃଷି-ପରିବେଶଗତ ରୂପାନ୍ତରଣକୁ ତ୍ୱରାନ୍ୱିତ କରିବା। କନ୍ଧମାଳକୁ ଏକ ଜୈବିକ ଓ ପ୍ରାକୃତିକ କୃଷିର ଆଦର୍ଶ ଜିଲ୍ଲା ଭାବେ ଗଢ଼ିତୋଳିବାର ଲକ୍ଷ୍ୟ ନେଇ ଏହି ସମ୍ମିଳନୀ ତୃଣମୂଳସ୍ତରର ଅନୁଭୂତି ବିନିମୟ, ସ୍ଥାନୀୟ ନୂତନ ଉଦ୍ଭାବନର ପ୍ରଦର୍ଶନ ଏବଂ ସ୍ଥାୟୀ କୃଷି ବିକାଶ ପାଇଁ ଏକ ସାମୂହିକ ରୂପରେଖା ପ୍ରସ୍ତୁତ କରିବାର ମଞ୍ଚ ଯୋଗାଇଦେବ। ଏହି ସମ୍ମିଳନୀର ଏକ ପ୍ରମୁଖ ଫଳାଫଳ ଭାବେ "କନ୍ଧମାଳ ଘୋଷଣାନାମା" ପ୍ରସ୍ତୁତ କରାଯିବାର ଆଶା ରହିଛି। ଏହି ଘୋଷଣାନାମାରେ ପ୍ରାକୃତିକ କୃଷିର ପ୍ରସାର, ଜୈବବିବିଧତାର ସୁରକ୍ଷା, କୃଷକମାନଙ୍କ ଜୀବିକାର ସୁଦୃଢ଼ୀକରଣ ଏବଂ ଜଳବାୟୁ ପରିବର୍ତ୍ତନର ଆହ୍ୱାନକୁ ସହ୍ୟ କରିପାରୁଥିବା ଏକ ସ୍ଥାୟୀ ଖାଦ୍ୟ ବ୍ୟବସ୍ଥା ଗଠନ ପାଇଁ ସମସ୍ତ ଅଂଶୀଦାରଙ୍କ ସାମୂହିକ ପ୍ରତିବଦ୍ଧତା ଓ ଭବିଷ୍ୟତ କାର୍ଯ୍ୟପନ୍ଥା ଉଲ୍ଲେଖ ରହିବ।

# ଜାତୀୟ ରାଜନୈତିକ ଦଳର ନେତାଙ୍କୁ ଆକ୍ରମଣ ନେଇ ଚର୍ଚ୍ଚା ଜୋର୍




ସୁବର୍ଣ୍ଣପୁର, (ମହାଭାରତ): ଏକ ରୋଚକ ଘଟଣା ଘଟିଛି ସୁବର୍ଣ୍ଣପୁରରେ। ଏକ ଜାତୀୟ ରାଜନୈତିକ ଦଳର କିଛି ନେତାଙ୍କୁ ଆକ୍ରମଣ କରି ମାଡ଼ ମରାଯାଇଛି। ଘରୁ ଖାଲି ଦେହ ଓ ଶରୀରରେ ସହ ସହ ଲୋକଙ୍କ ଆଗକୁ ଘୋଷାରି ଅଣାଯାଇଛି। ଭୟଭୀତ କରି ମନମାନି କରାଯାଇଛି। ଏମିତି ଏକ ଅପମାନିତ ଏବଂ ଲଜ୍ଜିତ କଲା ଭଳି ଘଟଣା ସୁବର୍ଣ୍ଣପୁର ଜିଲ୍ଲା ରାଜନୀତିରେ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ରାଜନୈତିକ କଳଙ୍କ ବୋଲା ଏହି ଘଟଣାକୁ ନେଇ ଲୋକଙ୍କ ମୁହଁରେ ଭିନ୍ନ ଭିନ୍ନ ଆଲୋଚନା ହେଉଛି। ଆଲୋଚନାରୁ ଜଣାଯାଇଛି ଯେ, ପୌରପରିଷଦ ଅନ୍ତର୍ଗତ ଏକ ଗୃହର ତାଲା ଭାଙ୍ଗି ଏକ ଜାତୀୟ ରାଜନୈତିକ ଦଳର ନେତା ମାନେ ଅନ୍ୟ ଏକ ତାଲା ପକାଇଥିଲେ। ଏହାକୁ ନେଇ ଏକ ଆଞ୍ଚଳିକ ରାଜନୈତିକ ଦଳର କିଛି ଲୋକ ଉକ୍ତ ଜାତୀୟ ରାଜନୈତିକ ଦଳର ଜଣେ ମଣ୍ଡଳ ସଭାପତିଙ୍କୁ ଯେମିତି ଥିଲେ ସେମିତି ପୁଙ୍ଗୁଳା ଶରୀରରେ ଘରୁ ଘୋଷାରି ଆଣିଥିଲେ। ଆକ୍ରମଣରେ ଜଣେ ଏସସି ମୋର୍ଚ୍ଚା ସଭାପତିଙ୍କ ହାତ କ୍ରାକ୍ ହୋଇଥିବା ମଧ୍ୟ ଜଣାଯାଇଛି। ଆଉ ଜଣେ ପ୍ରଭାବଶାଳୀ ସାଂସଦଙ୍କ ପ୍ରତିନିଧିଙ୍କୁ ଭୟଭୀତ କରି ତାଲାର ଚାବି ଅଣାଯାଇଛି। ଘଟଣାକୁ ତିନି ଚାରି ଦିନ ବିତି ଯାଇଥିଲେ ହେଁ ଏଯାଏଁ ଥାନାରେ ଜାତୀୟ ରାଜନୈତିକ ଦଳ କିମ୍ବା ମାଡ ଖାଇଥିବା ନେତାମାନଙ୍କ ପକ୍ଷରୁ ଲିଖିତ ଅଭିଯୋଗ କରାଯାଇନାହିଁ। ଏହି ଅପମାନ ଜନକ ଘଟଣା ସବୁଠି ଏବେ ରୋଚକ ଚର୍ଚ୍ଚାର ବିଷୟ ପାଲଟିଛି। ଧିକ ଏମାନଙ୍କ ରାଜନୀତିକୁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।ଏହାର ମୁଖ୍ୟ କାରଣ ହଉଛି ରାଜନୀତି ପଶାପାଲିରେ ଅତ୍ୟଧିକ ଚାନ୍ଦା ସହ ଲୋକକୁ ଭୟବିତ୍ କରିବା ମିଛ ମକଦ୍ଦମା ରେ ଲୋକଙ୍କୁ ଫସେଇବା ଏହାର ମୁଖ୍ୟ କାରଣ ଏହା ସହ ଆଗାମୀ ଦିନରେ ଏହା ଅଧିକ ମାତ୍ରାରେ ଘଟିବ ବୋଲି ରାଜନୈତିକ ବିଶାରଦ କହୁଛନ୍ତି ।

## ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ

ରେଢ଼ାଖୋଲ (ମହାଭାରତ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଉଦ୍ୟାନ ବିଭାଗ ନିକଟରେ ଶୁକ୍ରବାର ଦିନ ରାତ୍ରି ୧୦ ଟା ସମୟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ ଆରୋହୀ ଯୁବକଙ୍କ ମୃତ୍ୟୁ ହୋଇଯାଇଛି। ମୃତକ ଯୁବକ ଜଣଙ୍କ ହେଲେ ରେଢ଼ାଖୋଲ ଏନଏସି ଅନ୍ତର୍ଗତ ୬ ନଂ ୱାର୍ଡ ଚାଟୁଣୀ ଗ୍ରାମ ବାସିନ୍ଦା ଜଣେ ଟ୍ରାକ୍ଟର ଡ୍ରାଇଭର ରାଜେନ୍ଦ୍ର ପ୍ରଧାନ ବୋଲି ସୂଚନା ମିଳିଛି। ସୂଚନା ଅନୁଯାୟୀ ଚାଟୁଣୀ ଗ୍ରାମର ରାଜେନ୍ଦ୍ର ପ୍ରଧାନ ଜଣେ ଟ୍ରାକ୍ଟର ଡ୍ରାଇଭର ଭାବରେ କାର୍ଯ୍ୟ କରୁଛନ୍ତି। ଆଜି ନିଜ କାର୍ଯ୍ୟ ସାରି ରେଢ଼ାଖୋଲ ସହର ପଟରୁ ଏକ ବାଇକ୍ ଓଡ଼ି ୧୫ ଏ ୩୯୮୭ ନମ୍ବର ବିଶିଷ୍ଟ ବାଇକ ରେ ଘରକୁ ଫେରିବା ସମୟରେ ବିପରୀତ ଦିଗରୁ ଏକ ଅଜଣା ଗାଡ଼ି ଆସି ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ଉକ୍ତ ଯୁବକ ଜଣଙ୍କ ମୃତ୍ୟୁ ହୋଇଯାଇଛି। ସେପଟେ ରେଢ଼ାଖୋଲ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଗୌରୀ ଆମ୍ମା ପୂଜା ସକାଶେ ଗୌରୀ ଆମ୍ମା ମୂର୍ତ୍ତି ବିକ୍ରି



ଗଜପତି(ମହାଭାରତ): କୁମାର ପୂର୍ଣ୍ଣିମା ଓ ଗୌରୀ ଆମ୍ମା। ପୂଜା ସକାଶେ ପାରଳାଖେମୁଣ୍ଡି ସହର ଚଳଚଞ୍ଚଳ ହୋଇ ଉଠିଛି।ଶରତ ପୂର୍ଣ୍ଣିମା ଦିନ ଠାରୁ ଗୌରୀ ଆମ୍ମାଙ୍କ ପୂଜା ଆରମ୍ଭ ହୁଏ।ତେଣୁ ମାଟି ମୂର୍ତ୍ତି କାରିଗର ମାନେ ମୂର୍ତ୍ତି ତିଆରି କରି ବିକ୍ରି କରିବାରେ ବ୍ୟସ୍ତ ଅଛନ୍ତି।ଗୋଟିଏ ମାସ ପୂର୍ବରୁ କାରିଗର ମାନେ ମାଟି ସୁତୁଲୀ, ନଡ଼ା, ବାଉଁଶ ଅଠା, ରଙ୍ଗ ଜରି, ତୁଳୀ ପ୍ରଭୃତି ସାମଗ୍ରୀ ସଂଗ୍ରହ କରି ମୂର୍ତ୍ତି ଗଢିବା ଆରମ୍ଭ କରିଥାନ୍ତି।ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ କଟିକିଆ ସାହି ଓ ଚିତ୍ରକାର ସାହିରେ ମାଟି ମୂର୍ତ୍ତି କାରିଗରମାନେ ମୂର୍ତ୍ତି ଗଢି ବିକ୍ରି କରିବାରେ ବ୍ୟସ୍ତ ଅଛନ୍ତି।କାରିଗରମାନେ ତୁଳୀରେ ମୂର୍ତ୍ତିକୁ ଶେଷ ସ୍ୱର୍ଷ ଦେଇ ମୂର୍ତ୍ତି ବିକ୍ରି କରୁଛନ୍ତି।ମାଟି ମୂର୍ତ୍ତି ଅତି ସୁନ୍ଦର ନିଖୁଣରେ ନିର୍ମିତ ହୋଇଛି।ମୂର୍ତ୍ତି କିଣିବା ସକାଶେ ଉଭୟ ଆନ୍ଧ୍ର ପ୍ରଦେଶର ବିଭିନ୍ନ ଗ୍ରାମ ଓ ପାରଳାଖେମୁଣ୍ଡି ସହର ସମେତ ଆଖପାଖ ବିଭିନ୍ନ ଅଞ୍ଚଳର ଲୋକେ ଗୌରୀ ଆମ୍ମା ମୂର୍ତ୍ତି କିଣିଥାନ୍ତି।ବୃଷଭ ଉପରେ ହର ଗୌରୀ ବସିଥିବାର ମୂର୍ତ୍ତି କିଣିଥାନ୍ତି।ମାଟିମୂର୍ତ୍ତି କାରିଗର ମାନେ ଦୁଇ ପଇସା ରୋଜଗାର ହେବ ବୋଲି ଆଶା ରଖିଛନ୍ତି।

## ନଦୀ କୂଳରୁ ମହିଳାଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

କାଲିମେଳା, (ମହାଭାରତ): ମାଲକାନଗିରି ଜିଲ୍ଲା କାଲିମେଳା ଥାନା ଅନ୍ତର୍ଗତ ଏମପିଭି-୬୪/୧୦ ଗ୍ରାମ ନଦୀ କୂଳରୁ ଏକ ଅଜଣା ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି । ଏହାକୁ ହତ୍ୟା କରି ନଦୀରେ ଫିଙ୍ଗି ଦିଆଯାଇଥିବା ସନ୍ଦେହ କରାଯାଉଛି । ସୂଚନା ଅନୁଯାୟୀ, ମୃତଦେହକୁ ଏକ ବସ୍ତା ଭିତରେ ଭର୍ତ୍ତି କରି ଦଉଡ଼ି ସାହାଯ୍ୟରେ ହାତ-ଗୋଡ଼ ବାନ୍ଧି ନଦୀରେ ଭସାଇ ଦିଆଯାଇଥିଲା । ମୃତଦେହଟି ଜଣେ ମହିଳାଙ୍କର ବୋଲି ଅନୁମାନ କରାଯାଉଥିବା ବେଳେ ଏପର୍ଯ୍ୟନ୍ତ ମୃତକଙ୍କ ପରିଚୟ ମିଳିପାରିନାହିଁ । ନଦୀରେ ବସ୍ତା ଭାସୁଥିବା ଦେଖି ଗ୍ରାମବାସୀ କାଲିମେଳା ପୋଲିସକୁ ଖବର ଦେଇଥିଲେ । ଖବର ପାଇ କାଲିମେଳା ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲା । ପରେ ଅଗ୍ନିଶମ ବିଭାଗ କର୍ମଚାରୀ ମୃତଦେହ ଉଦ୍ଧାର କରି ପୋଲିସକୁ ହସ୍ତାନ୍ତର କରିଥିଲେ । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଘଟଣାର ତଦନ୍ତ ଜାରି ରଖିଛି ।

## ଅଜଣା ଗାଡ଼ି ଧକ୍କା ରେ ଯୁବକର ମୃତ୍ୟୁ

ପାଟଣା:-(ମହାଭାରତ)ଶୁକ୍ରବାର ସଂଧ୍ୟା ରେ ଯୁବକ ଘରୁ ବାହାରିଥିଲେ ।ସକାଳୁ ତୋଣ୍ଡ ଛକ ନିକଟ ରୁ ବାଇକ୍ ସହ ମୃତ ଦେହ କୁ ସ୍ଥାନୀୟ ଲୋକେ ଦେଖି ଚିହ୍ନିବା ଯୁବକ ଙ୍କ ଘର କୁ ପୋଲିସ ଖବର ଦେଇ ଥିଲେ। ଏପରି ଘଟଣା କେନ୍ଦୁଝର ଜିଲ୍ଲା ଘଟଗାଁ ଥାନା ଅନ୍ତର୍ଗତ ଡୁମୁରିଆ ପଞ୍ଚାୟତ ରେ ଘଟିଛି। ଖବର ପାଇ ଅଗ୍ନିଶମ ବିଭାଗ ଘଟଣାସ୍ଥଳ ରେ ପହଞ୍ଚି ଯୁବକ କୁ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିଲେ । ସ୍ୱାସ୍ଥ୍ୟ କେନ୍ଦ୍ର ରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ମୃତକ ଯୁବକ ଡୁମୁରିଆ ଗ୍ରାମ ର ତ୍ରିନାଥ ଡଲେଇ ବଡ ପୁଅ ବିଜୟ କୁମାର ଦଳେଇ ୨୫ବର୍ଷ ବୋଲି ଜଣାପଡି ଛି। ଘଟଣା ସ୍ଥଳରେ ପୋଲିସ ସହ ପହଞ୍ଚି ମୃତ୍ୟୁ ଦେହ ଜବତ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

## ୯ ଶହ ଲିଟର ମଦ ଜବତ: ୪ ଗିରଫ

କାଳିଆପାଣି :ଯାଜପୁରଜିଲ୍ଲା ଅବକାରୀ ସ୍କ୍ୱାଡ୍ ଓ ବିଭାଗୀୟ ପୁଲିସ ପକ୍ଷରୁ ଆଜି ସୁକିନ୍ଦା ଥାନା ଡୁବିଖାଲ, କଇଁଆଡିପ, ହରିପୁର ଓ ଜାମୁପଶି ଗାଁରେ ଚଢ଼ଉ କରାଯାଇ ୭ଟି କେସ୍ ରୁଜୁ କରାଯିବା ସହ ୪ ଜଣ ପେସାଦାର ଚୋରା ମଦ ବେପାରୀଙ୍କୁ ଗିରଫ କରାଯାଇଛି। ସେମାନଙ୍କ ଠାରୁ ୮୬୯ ଲିଟର ଚୋରା ଦେଶୀ ମହୁଲି ମଦ, ୧୬ ଲିଟର ବିଦେଶୀ ମଦ(ବିଅର) ଓ ଏକାଧିକ ଭାଟି ଭଙ୍ଗାଯାଇ ୭.୯ ମେଟ୍ରିକ ଟନ ମହୁଲଗୁଡ଼ ମିଶ୍ରିତ ପ?ାଚ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ କଇଁଆଡିପର ଅନାମ ମୁଣ୍ଡାଙ୍କ ପତ୍ନୀ ଯମୁନା ମୁଣ୍ଡା(୨୭), ହରିପୁର ଗାଁର ସ୍ୱର୍ଗତ କାର୍ତ୍ତିକ ବାରିକଙ୍କ ପୁଅ ବଳରାମ ବାରିକ(୫୦) ଓ ସ୍ୱର୍ଗତ କୁରୁପ ବାଉଳଙ୍କ ପୁଅ ମଧୁସୂଦନ ବାଉଳ(୬୦), ଜାମୁପଶିର ହଳଧର ରଣାଙ୍କ ପୁଅ ମିଲୁ ରଣା(୩୮)। ଅଭିଯୁକ୍ତ ଯମୁନା ଓ ମିଲୁ ଗତ ମାସ ଅବକାରୀ ପୁଲିସ ଦ୍ୱାରା ଗିରଫ ହୋଇ ଜେଲ୍ ଯାଇଥିଲେ। ଜାମିନରେ ଆସି ପୁଣି ଚୋରା ମଦ ବେପାର କରୁଥିଲେ। ଅବକାରୀ ଅଧୀକ୍ଷକ ଅଜୟ କୁମାର ବେହେରାଙ୍କ ନିର୍ଦ୍ଦେଶରେ ବିଭାଗୀୟ ନିରୀକ୍ଷକ କେଶବ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ହୋଇଥିବା ଚଢ଼ଉରେ ଏସ୍‌ଆଇ ଭାରତୀ ନାୟକ ଓ ପ୍ରିୟମ୍ବିତା ଓଝା, ଏଏସ୍‌ଆଇ ଦେବକାନ୍ତ ଆଚାର୍ଯ୍ୟ, କନଷ୍ଟେବଲ୍ ସୁଚିସ୍ମିତା ନାୟକ, ରାକେଶ କୁମାର ମୁର୍ମୁ, ଧବଳେଶ୍ୱର ମହାନ୍ତି ଓ ଗଣେଶ ଦଣ୍ଡପାଟ ସାମିଲ ଥିଲେ।

## କଲେଇଜାଡରେ ଦୁଇ ରାତ୍ରି ଆଦିବାସୀ କ୍ଷୁଦ୍ର ନାଟକ ପ୍ରତିଯୋଗିତା ଉଦ୍‌ଯାପିତ

# ୧୬ଟି ନାଟ୍ୟ ଦଳର ଯୋଗଦାନ, ଶ୍ରେଷ୍ଠ କଳାକାରଙ୍କୁ ପୁରସ୍କୃତ



କରଞ୍ଜିଆ,(ମହାଭାରତ) ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ କଲେଇଜାଡ ଗ୍ରାମରେ ବିଦୁବାଗାନ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଦୁଇ ରାତ୍ରି ବ୍ୟାପୀ ଆଦିବାସୀ କ୍ଷୁଦ୍ର ନାଟକ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ମୟୂରଭଞ୍ଜ, କେନ୍ଦୁଝର ଓ ଯାଜପୁର ଜିଲ୍ଲାରୁ ମୋଟ ୧୬ଟି ନାଟ୍ୟ ଦଳ ଅଂଶଗ୍ରହଣ କରିଥିଲେ। ସାନ୍ତାଳୀ, ହୋ, ମୁଣ୍ଡାରୀ ଓ ମାହାଲି ଭାଷାରେ ବିଭିନ୍ନ ନାଟକ ପରିବେଷଣ କରାଯାଇଥିଲା। ଆଦିବାସୀ ସମାଜର ଭାଷା, ସଂସ୍କୃତି, ପରମ୍ପରା ଓ ଜୀବନଜୀବିକାକୁ ନେଇ ପରିବେଷିତ ନାଟକଗୁଡ଼ିକ ଦର୍ଶକଙ୍କ ମନ ମୋହିଥିଲା। ବୁଧବାର ସନ୍ଧ୍ୟାରେ କ୍ଲବ ସଭାପତି ଶତ୍ରୁଘ୍ନ ଟୁଡୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଭରାଣ୍ଡିଆ ସରପଞ୍ଚଙ୍କ ପ୍ରତିନିଧି ଶ୍ରୀକାନ୍ତ ଗୁମୁଲିଆ, ମାଝୀବାବା ଜୁନାରାମ ଟୁଡୁ ଓ ନାୟକେବାବା ବିଁଝୁ ଟୁଡୁ ଅତିଥି ଭାବେ ଯୋଗଦେଇ ନାଟକ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ।ଶନିବାର ବସନ୍ତ କୁମାର ସୋରେନଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ସମାଜସେବୀ ବସନ୍ତ କୁମାର ପରିବର୍ତ୍ତୀ ମୁଖ୍ୟ ଅତିଥି, ଠାକୁରମୁଣ୍ଡା ସରପଞ୍ଚ ସୁଜିତ କୁମାର ଲୁଗୁନ ମୁଖ୍ୟବକ୍ତା ଏବଂ ଶିକ୍ଷାବିତ୍ ରମାକାନ୍ତ ମାର୍ଣ୍ଡି, ମାଝୀବାବା ଜୁନାରାମ ଟୁଡୁ ଓ ନାୟକେବାବା ବିଁଝୁ ଟୁଡୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ବିଜେତା ନାଟ୍ୟ ଦଳ ଓ ଶ୍ରେଷ୍ଠ କଳାକାରମାନଙ୍କୁ ପୁରସ୍କୃତ କରିଥିଲେ।ପ୍ରତିଯୋଗିତାରେ ଉତ୍ତର ଓଡ଼ିଶା ଗାୟାନ ଗାଉଁତା ବାଗାହି, ବାରିପଦା ପ୍ରଥମ ପୁରସ୍କାର ହାସଲ କରିଥିବାବେଳେ ବିଇଏମଏସ ଖାଞ୍ଚାର ଅପେରା ସାର୍ନାଗାଳ ଦ୍ୱିତୀୟ ଏବଂ କାଳିଆ ଷଣ୍ଢ ୟୁଥ୍ କ୍ଲବ, ବୁରୁସାହି ତୃତୀୟ ପୁରସ୍କାର ପାଇଥିଲା। ସେହିପରି ଗାତେ କଳା ଖାଟ ଗାୟାନ ଅପେରା ଚତୁର୍ଥ, ଜାନାମଆୟ ଖାଟ ଗାୟାନ ଅପେରା, ଜଡ଼ିପଦା ପଞ୍ଚମ ଓ ଷଷ୍ଠ, କିଁଝିର ଭଞ୍ଜ ବୋର୍ଡର ଖାଟ ଗାୟାନ ଅପେରା ସପ୍ତମ ଏବଂ ଭଞ୍ଜ ଦିସମ, କଟକ ବଜାର ଅଷ୍ଟମ ପୁରସ୍କାର ହାସଲ କରିଥିଲେ।

ଏଥିସହ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା କଳାକାରମାନଙ୍କୁ ମଧ୍ୟ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। 'ଗିତିଲ ଅଳାଗ' ନାଟକ ପାଇଁ ବାସୁଦେବ ମୁର୍ମୁ ଶ୍ରେଷ୍ଠ ନାଟ୍ୟକାର, ସାଲଖାନ ହେମ୍ବ୍ରମ ଶ୍ରେଷ୍ଠ ଅଭିନେତା, ସୁଶାନ୍ତ ମୁର୍ମୁ ଶ୍ରେଷ୍ଠ ଅଭିନେତ୍ରୀ ଓ ହରିଶ ସୋରେନ ଶ୍ରେଷ୍ଠ ଖଳ ଅଭିନେତା ଭାବେ ପୁରସ୍କୃତ ହୋଇଥିଲେ। ସେହିପରି 'ସାକ୍ଷୀ ତାହିୟେନା ହିରମ ଚିତାନରେ ମଲଙ୍ଗ ସିନ୍ଦୁରୀ' ନାଟକ ପାଇଁ ସନାତନ ଗୋଇପାଇ ଶ୍ରେଷ୍ଠ ହାସ୍ୟ ଅଭିନେତା ଏବଂ ଜଗବନ୍ଧୁ ସିର୍କା ଶ୍ରେଷ୍ଠ ଚରିତ୍ର ଅଭିନେତା ଭାବେ ସମ୍ମାନିତ ହୋଇଥିଲେ।ନାଟକ ପ୍ରତିଯୋଗିତାର ବିଚାରକ ଭାବେ ଛଟରାୟ ମୁର୍ମୁ, କୃଷ୍ଣଚନ୍ଦ୍ର ମୁର୍ମୁ, ବାଞ୍ଚା ହେମ୍ବ୍ରମ ଓ ମେଘରାୟ ମାର୍ଣ୍ଡି ଦାୟିତ୍ୱ ତୁଲାଇଥିଲେ। ଏହି ନାଟକ ପ୍ରତିଯୋଗିତା ମାଧ୍ୟମରେ ଆଦିବାସୀ ଭାଷା, କଳା ଓ ସଂସ୍କୃତିର ସୁରକ୍ଷା ସହ ଲୋକକଳାର ପ୍ରଚାରପ୍ରସାର ଦିଗରେ ଏକ ସକାରାତ୍ମକ ପ୍ରୟାସ ଦେଖିବାକୁ ମିଳିଥିଲା।

## ବେଆଇନ କରତ କଳ ଉପରେ ବନ ବିଭାଗ ର ଅଚାନକ ଚଢ଼ାଉ



ଅସ୍ତରଙ୍ଗ (ମହାଭାରତ) : କାକଟପୁର ଅଞ୍ଚଳ ରେ ବିଭାଗୀୟ ଅନୁମତି ନଥାଇ ବେଆଇନ ଭାବେ ଚାଲୁଥିବା କରତ କଳଗୁଡ଼ିକ ଉପରେ ଶନିବାର ସକାଳୁ ଜଙ୍ଗଲ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉରେ ଅସ୍ତରଙ୍ଗ ବ୍ଲକର ଭେଡାବନ୍ଧ, କେନ୍ଦ୍ରାପାଟି, ଠାରେ ଥିବା ବେଆଇନ କରତ କଳ ଏବଂ କାକଟପୁର ବ୍ଲକର ବାଜପୁର ଏବଂ ନରଣପୁର ଠାରେ କରତ କଳ ଉପରେ ଚଢ଼ାଉ କରାଯାଇଥିଲା,ଡିଏଫଓ, ପୁରୀଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ସକାଳରୁ ଏହି ଚଢ଼ାଉ ଆରମ୍ଭ କରାଯାଇଥିଲା, ଯେଉଁଥିରେ ପୁରୀ ବନ୍ୟପ୍ରାଣୀ ବନଖଣ୍ଡର ୨ ଜଣ ଏସିଏଫ୍,ନୀଳମାଧବ ସାହୁ, ସମ୍ବିତ ପଣ୍ଡା, ଚାରିଜଣ ଜଣ ରେଞ୍ଜ ଅଫିସର ମୋନାଲିସା ମହାପାତ୍ର, ସୁଦର୍ଶନ ଦେହୁରୀ, ଧର୍ମେନ୍ଦ୍ର ପ୍ରଧାନ, ଖେଳ ପ୍ରିୟ ସାହୁଙ୍କ ଶହ , ଫରେଷ୍ଟର, ଫରେଷ୍ଟ ଗାର୍ଡ ଏବଂ ସୁରକ୍ଷା କର୍ମୀ ଙ୍କ ସମେତ ୧୦୦ରୁ ଅଧିକ କର୍ମଚାରୀ ସାମିଲ ଥିଲେ। ଏହି ଚଢ଼ାଉ ସମୟରେ କରତ କଳର ସମସ୍ତ ଯନ୍ତ୍ରପାତି ଯେପରିକି ବ୍ୟାଣ୍ଡସ, ଟ୍ରଲି, ହ୍ୱିଲ, ମୋଟର, ବ୍ଲେଡ୍, ବେସ୍ ସମେତ , ପ୍ରାୟ ୨୨୦ ଘନଫୁଟ ମୂଲ୍ୟବାନ କାଠ ଗଣ୍ଡି ଏବଂ ପ୍ରାୟ ୨୦୦ ଘନଫୁଟ କଟା କାଠ ପଟା, କାଠ ଗୁଣ୍ଡ ବ୍ୟାଗ୍ ଜବତ କରାଯାଇଥିଲା।ବିଶେଷ କରି ଏହି କରତ କଳଗୁଡ଼ିକୁ ବେଆଇନ ଭାବେ ବିଦ୍ୟୁତ୍ ସଂଯୋଗ ଯୋଗାଇ ଦିଆ ଯାଇଥିବାରୁ , ଏସଡିଓ ଇଲେକ୍ଟ୍ରିକାଲ, ଟିପିସିଓଡିଏଲଙ୍କୁ ଏହି ବେଆଇନ ସଂଯୋଗ ବିଚ୍ଛିନ୍ନ କରିବାକୁ କୁହାଯାଇଥିଲା, ଜବତ କରାଯାଇଥିବା ସମସ୍ତ ସାମଗ୍ରୀକୁ ଟ୍ରାକ୍ଟରରେ ଲୋଡ୍ କରି ସୁରକ୍ଷିତ ସ୍ଥାନରେ ରଖିବା ନିମନ୍ତେ ଟଭାଗୋଲାରା ସ୍ଥିତ ପିଆରଏଫର ମେଗା ନର୍ସରୀ ପରିସରକୁ ନିଆଯାଇଥିଲା,ଏହି ଚଢ଼ାଉ ପରେ ଅସ୍ତରଙ୍ଗ ବନ୍ୟପ୍ରାଣୀ ରେଞ୍ଜରେ ୪ଟି ୟୁ ଡି ମାମଲା ଯଥା ୪,୫,୬,୭/୨୬:୨୭ ରୁଜୁ କରାଯାଇଥିବା ଅସ୍ତରଙ୍ଗ ବନଖଣ୍ଡ ଅଧିକାରିଣୀ ମୋନାଲିସା ମହାପାତ୍ର ସୂଚନା ଦେଇଛନ୍ତି ।

## ବାଲୁଗାଁ କୃଷ୍ଣପ୍ରସାଦ ଯାତ୍ରୀଙ୍କ ଦୁର୍ଦ୍ଦଶା ଜେଟି ଖୋଲିବାକୁ ଦାବି



କୃଷ୍ଣପ୍ରସାଦ (ମହାଭାରତ)ଚିଲିକାରେ ବାଲୁଗାଁରୁ କୃଷ୍ଣପ୍ରସାଦ ଅଭିମୁଖେ ଯାତାୟାତ କରୁଥିବା ଯାତ୍ରୀବାହୀ ଲଞ୍ଚକୁ ନେଇ ଯାତ୍ରୀମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଚିଲିକାରେ ଜାଲବାଡ଼ ଯୋଗୁଁ ଭାସି ଆସୁଥିବା ଦଳ ଅନ୍ୟତ୍ର ନଯାଇ କୂଳ ନିକଟରେ ଜମା ହେଉଥିବାରୁ ଲଞ୍ଚ ଜେଟି ନିକଟରେ ଲାଗିବାରେ ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ଫଳରେ ଲଞ୍ଚରେ ଯାତାୟାତ କରୁଥିବା ଯାତ୍ରୀମାନେ ଚଢ଼ିବା ଓ ଓହ୍ଲାଇବା ସମୟରେ ଅସୁବିଧା ଭୋଗୁଛନ୍ତି।ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଜେଟି ନିକଟରେ ଜମା ହେଉଥିବା ଦଳ ସଫା କରିବା ସହ ଲଞ୍ଚ ଚଳାଚଳ ପାଇଁ ଆବଶ୍ୟକ ଗଭୀରତା ଓ ସୁବିଧା ସୁନିଶ୍ଚିତ କରିବା ଜରୁରୀ ହୋଇପଡ଼ିଛି। ଏଥିପାଇଁ ଚିଲିକାରେ ଜେଟି ଖୋଲିବାକୁ ସ୍ଥାନୀୟ ଅଞ୍ଚଳରୁ ଦାବି ଉଠୁଛି।ଅନ୍ୟପକ୍ଷରେ, ବିଧାୟିକା ଓ ସାଂସଦଙ୍କ ପକ୍ଷରୁ ବିଭିନ୍ନ ସମୟରେ ଜେଟି ଉଦ୍?ଘାଟନକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ଜେଟିର କାର୍ଯ୍ୟକ୍ଷମତା ଓ ଲଞ୍ଚ ଚଳାଚଳରେ ଦେଖାଦେଉଥିବା ସମସ୍ୟାର ସମାଧାନ ପାଇଁ କାହିଁକି ଠୋସ୍ ପଦକ୍ଷେପ ନିଆଯାଉନାହିଁ ବୋଲି ଲୋକେ ପ୍ରଶ୍ନ ଉଠାଇଛନ୍ତି।ଯାତ୍ରୀଙ୍କ ସୁରକ୍ଷା ଓ ଯାତାୟାତର ସୁବିଧାକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ବିଭାଗ ଏବଂ ଜନପ୍ରତିନିଧିମାନେ ତୁରନ୍ତ ଏହି ସମସ୍ୟାର ସମାଧାନ କରିବା ସହ ଜେଟି ଖୋଲିବା ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ଉମରକୋଟରେ'ବିକଶିତ ଓଡ଼ିଶା ୨.୦' ମେଗା ପ୍ରଦର୍ଶନୀ ତିନି ଦିନ ଧରି ଚାଲିବ ପ୍ରଦର୍ଶନୀ




ଉମରକୋଟ (ମହାଭାରତ) ନବରଙ୍ଗପୁର ଜିଲ୍ଲାର ସାଂସଦ ଶ୍ରୀ ବଳଭଦ୍ର ମାଝୀ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ନେତୃତ୍ୱରେ ଉମରକୋଟର ବିଜୁ ପଟ୍ଟନାୟକ ଷ୍ଟାଡିୟମ୍‌ଠାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଏବଂ ଉପକ୍ରମକୁ ନେଇ ଅକ୍ଟୋବର ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ତିନି ଦିନିଆ ମେଗା ପ୍ରଦର୍ଶନୀ 'ବିକଶିତ ଓଡ଼ିଶା ୨.୦' ଆୟୋଜନ କରାଯିବ।ଅକ୍ଟୋବର ୨୬ ତାରିଖ ସକାଳ ୧୧ଟାରେ ରାଜ୍ୟର ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ଏବଂ ଝରିଗାଁ ବିଧାୟକ ନରସିଂହ ଭତ୍ରାଙ୍କ ଉପସ୍ଥିତିରେ ଏହି ପ୍ରଦର୍ଶନୀର ଉଦ୍‌ଘାଟନ କରାଯିବ।ସାଂସଦ ବଳଭଦ୍ର ମାଝୀ ଏବଂ ଆୟୋଜକ ଇନ୍‌ସ୍ୱାୟାର ଫାଉଣ୍ଡେସନର ଅଧ୍ୟକ୍ଷ ବିନୋଦ କୁମାର ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ସେମାନେ କହିଛନ୍ତି ଯେ, ପ୍ରତିଦିନ ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀ ଚାଲିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ସ୍ୱପ୍ନକୁ ସାକାର କରିବା ଲକ୍ଷ୍ୟରେ ଏହି ପ୍ରଦର୍ଶନୀ ଆୟୋଜନ କରାଯାଉଛି।ସରକାରୀ ଯୋଜନା, ଜନକଲ୍ୟାଣକାରୀ ପଦକ୍ଷେପ, ବିକାଶମୂଳକ କାର୍ଯ୍ୟକ୍ରମ, ନୂତନ ଉଦ୍ଭାବନ ଏବଂ ବିଭିନ୍ନ କ୍ଷେତ୍ରରେ ଉପଲବ୍ଧ ସୁଯୋଗ ସମ୍ପର୍କରେ ସାଧାରଣ ଲୋକଙ୍କୁ ସଚେତନ କରିବା ଏହି ପ୍ରଦର୍ଶନୀର ମୁଖ୍ୟ ଉଦ୍ଦେଶ୍ୟ।ଏହି ପ୍ରଦର୍ଶନୀରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ, ସରକାରୀ ଉଦ୍ୟୋଗ , ଆର୍ଥିକ ସଂସ୍ଥା, ଗବେଷଣା ସଂଗଠନ, ଶିକ୍ଷାନୁଷ୍ଠାନ ଏବଂ ଅନ୍ୟାନ୍ୟ ସଂପୃକ୍ତ ସଂସ୍ଥା ଅଂଶଗ୍ରହଣ କରିବେ।ଏହି ମଞ୍ଚ ମାଧ୍ୟମରେ ସଂସ୍ଥାଗୁଡ଼ିକ ନିଜର ସଫଳତା, ଜନସେବା, ବୈଷୟିକ ପ୍ରଗତି ଏବଂ ଓଡ଼ିଶା ସମେତ ଦେଶର ବିକାଶରେ ନିଜର ଅବଦାନକୁ ପ୍ରଦର୍ଶିତ କରିବେ।ପ୍ରଦର୍ଶନୀରେ ଅଂଶଗ୍ରହଣ କରିବେ ବିଭିନ୍ନ ସରକାରୀ ସଂସ୍ଥା।ଏହି ପ୍ରଦର୍ଶନୀରେ ଅନେକ ପ୍ରମୁଖ ସରକାରୀ ବିଭାଗ, ସଂସ୍ଥା ଏବଂ ସଂଗଠନ ଅଂଶଗ୍ରହଣ କରିବେ।

## ୫୭ ନଂ ଜାତୀୟ ରାଜପଥ କଡ଼ରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ଦଶପଲ୍ଲା, (ମହାଭାରତ):ଦଶପଲ୍ଲା ଥାନା ଅନ୍ତର୍ଗତ ପିଙ୍କି ଛକ ନିକଟସ୍ଥ ୫୭ ନମ୍ବର ଜାତୀୟ ରାଜପଥ କଡ଼ରୁ ଶନିବାର ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକଙ୍କ ପରିଚୟ ମିଳିପାରି ନଥିବାରୁ ତାଙ୍କୁ ଚିହ୍ନଟ କରିବା ପାଇଁ ପୋଲିସ ସାଧାରଣ ଲୋକଙ୍କ ସହଯୋଗ ଲୋଡ଼ିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଶନିବାର ସକାଳେ ସ୍ଥାନୀୟ ଲୋକେ ରାସ୍ତା କଡ଼ରେ ଏକ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଦଶପଲ୍ଲା ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଥିଲା। ତେବେ ଆଖପାଖ ଲୋକଙ୍କଠାରୁ ମୃତକଙ୍କ ସମ୍ପର୍କରେ କୌଣସି ଠୋସ୍ ସୂଚନା ମିଳିପାରି ନାହିଁ। ବର୍ତ୍ତମାନ ମୃତଦେହକୁ ଚିହ୍ନଟ ନିମନ୍ତେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶବାଗାରରେ ସଂରକ୍ଷିତ ରଖାଯାଇଛି। ମୃତକଙ୍କ ପରିଚୟ ସମ୍ପର୍କରେ କାହା ପାଖରେ କିଛି ତଥ୍ୟ ଥିଲେ କିମ୍ବା କୌଣସି ପରିବାରର କେହି ନିଖୋଜ ଥିବା ସନ୍ଦେହ ହେଉଥିଲେ, ତୁରନ୍ତ ଦଶପଲ୍ଲା ଥାନା କିମ୍ବା ଥାନା ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ଦଶପଲ୍ଲା ଥାନା ଅଧିକାରୀ ବିନୟ ରଞ୍ଜନ ପରିଡ଼ା ଅନୁରୋଧ କରିଛନ୍ତି।

# ରାଇଘର-ଉମରକୋଟରେ ଖୁଲମଖୁଲା ଗୁଟଖା ବିକ୍ରି

## ପ୍ରଶାସନର ନିଷ୍କ୍ରିୟତାକୁ ନେଇ ଉଠିଲା ପ୍ରଶ୍ନ

ରାଇଘର (ମହାଭାରତ): ନିଶାମୁକ୍ତ ଓଡ଼ିଶା ଗଠନ ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ସଚେତନତାମୂଳକ ପଦକ୍ଷେପ ନିଆଯାଉଥିବାବେଳେ ରାଇଘର ଓ ଉମରକୋଟ ଅଞ୍ଚଳରେ ତମାଖୁ ମିଶ୍ରିତ ଆଶିକିଗୁଟଖାର କଥିତ ବେଆଇନ ବିକ୍ରିକୁ ନେଇ ଚିନ୍ତା ପ୍ରକାଶ ପାଇଛି। ଏହି ଅଭିଯୋଗକୁ ନେଇ ସ୍ଥାନୀୟ ପ୍ରଶାସନ ଓ ସମ୍ପୃକ୍ତ ବିଭାଗର କାର୍ଯ୍ୟପନ୍ଥା ଉପରେ ପ୍ରଶ୍ନ ଉଠୁଛି।ସ୍ଥାନୀୟ ସୂତ୍ରରୁ ମିଳୁଥିବା ଅଭିଯୋଗ ଅନୁଯାୟୀ, ବାହାର ରାଜ୍ୟରୁ କିଛି ବ୍ୟବସାୟୀ ବାଇକ୍? ଯୋଗେ ଆସି ରାଇଘର ଓ ଉମରକୋଟର ବିଭିନ୍ନ ଦୋକାନକୁ 'ଆଶିକି ଗୁଟଖା' ଯୋଗାଇ ଦେଉଛନ୍ତି। ଏହାର ବିକ୍ରି ଖୋଲାଖୋଲି ଭାବେ ଚାଲିଥିବା ନେଇ ମଧ୍ୟ ଅଭିଯୋଗ ହେଉଛି। ତେବେ ଏହି ଅଭିଯୋଗର ସତ୍ୟତା ଓ ଉତ୍ପାଦର ଉପାଦାନ ସମ୍ପର୍କରେ ଆଧିକାରିକ ଯାଞ୍ଚ ହେବା ଆବଶ୍ୟକ।ଗୁଟଖା ଓ ତମାଖୁ ସେବନ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ। ଏହାଦ୍ୱାରା ଦାନ୍ତ ଓ ମାଢ଼ିର ସମସ୍ୟା ସୃଷ୍ଟି ହେବା ସହ ପାଟିରେ ଘାଆ ଏବଂ ମୁଖଗହ୍ୱର କର୍କଟ ଭଳି ଗୁରୁତର ରୋଗର ଆଶଙ୍କା ବଢ଼ିପାରେ। ବିଶେଷକରି ଯୁବପିଢ଼ି ଏପରି ନିଶାଦ୍ରବ୍ୟର ଅଭ୍ୟାସରେ ପଡ଼ିଲେ ତାହାର କୁପ୍ରଭାବ ପରିବାର ଓ ସମାଜ ଉପରେ ମଧ୍ୟ ପଡ଼ିଥାଏ।ଏପରି ସ୍ଥିତିରେ ରାଇଘର ଓ ଉମରକୋଟ ଅଞ୍ଚଳରେ ଗୁଟଖାର ଯୋଗାଣ ଓ ବିକ୍ରି ସମ୍ପର୍କରେ ନିରପେକ୍ଷ ତଦନ୍ତ କରିବା ଜରୁରୀ ହୋଇପଡ଼ିଛି। ଖାଦ୍ୟ ସୁରକ୍ଷା ବିଭାଗ, ପୋଲିସ ଓ ସ୍ଥାନୀୟ ପ୍ରଶାସନ ଏହି ଅଭିଯୋଗକୁ ଗୁରୁତ୍ୱର ସହ ନେଇ ଯାଞ୍ଚ କରିବେ କି ? ଯଦି ନିଷିଦ୍ଧ ତମାଖୁ ଉତ୍ପାଦର ବିକ୍ରି ଚାଲିଥିବା ପ୍ରମାଣ ମିଳେ, ତେବେ ଆଇନ ଅନୁଯାୟୀ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ଯୋଗାଣ ବ୍ୟବସ୍ଥାର ମୂଳ ପର୍ଯ୍ୟନ୍ତ ତଦନ୍ତ କରାଯିବା ଆବଶ୍ୟକ।କେବଳ ଖୁଚୁରା ଦୋକାନରେ ଯାଞ୍ଚ କରିଦେଲେ ହେବ ନାହିଁ। ଯଦି ବେଆଇନ ଯୋଗାଣକାରୀ ଓ ବିତରଣକାରୀଙ୍କ ଏକ ବ୍ୟବସ୍ଥା ରହିଛି, ତେବେ ସେମାନଙ୍କୁ ଚିହ୍ନଟ କରିବା ମଧ୍ୟ ଜରୁରୀ। ଏଥିସହ ନିୟମିତ ଯାଞ୍ଚ ଓ ଜନସଚେତନତା ମାଧ୍ୟମରେ ଏପରି ଉତ୍ପାଦର ବିକ୍ରିକୁ ରୋକିବା ପାଇଁ ପଦକ୍ଷେପ ନିଆଯିବା ଉଚିତ ନିଶାମୁକ୍ତ ଓଡ଼ିଶା କେବଳ ନାରାରେ ସୀମିତ ରହିବ ନା ବାସ୍ତବରେ ଏହାର ପ୍ରଭାବ ଦେଖିବାକୁ ମିଳିବ ରାଇଘର ଓ ଉମରକୋଟ ଅଞ୍ଚଳରେ ଗୁଟଖା ବିକ୍ରି ନେଇ ଉଠିଥିବା ଅଭିଯୋଗ ଉପରେ ପ୍ରଶାସନ କେବେ ଯାଞ୍ଚ ଆରମ୍ଭ କରୁଛି ଏବଂ କି ପଦକ୍ଷେପ ନେଉଛନ୍ତି,ଏବେ ତାହା ଉପରେ ସମସ୍ତଙ୍କ ନଜର।

# ଅରୁଣାଚଳ ସୀମାନ୍ତ ଅଞ୍ଚଳରେ ସ୍ଥିତି ସଙ୍ଗିନ

## ଅସଫିଲା ଓ ଲଙ୍ଗଜୁ ଅତ୍ୟନ୍ତ ସମ୍ବେଦନଶୀଳ



**ନୂଆଦିଲ୍ଲୀ,୨୪।୧୦:** ଅରୁଣାଚଳ ପ୍ରଦେଶର ବିଭିନ୍ନ ସୀମାନ୍ତ ଅଞ୍ଚଳରେ ଭାରତ ଓ ଚାଇନା ମଧ୍ୟରେ ମୁହାଁମୁହିଁ ସ୍ଥିତି ଲାଗି ରହିଥିବା ଜଣାପଡ଼ିଥିବା ପରେ ଏବେ ନୂଆ ତଥ୍ୟ ସାମ୍ନାକୁ ଆସିଛି। ସୀମାନ୍ତ ଅସଫିଲା ଓ ଲଙ୍ଗଜୁ ସ୍ଥିତି ବର୍ତ୍ତମାନ ଅତ୍ୟନ୍ତ ସମ୍ବେଦନଶୀଳ ରହିଛି। ବାସ୍ତବ ନିୟନ୍ତ୍ରଣ ରେଖା(ଏଲଏସି)କୁ ନେଇ ଭାରତ ଓ ଚାଇନା ମଧ୍ୟରେ ଭାବନା ଭିନ୍ନଭିନ୍ନ ରହିଥିବାରୁ ଏଭଳି ସ୍ଥିତି ଦେଖିବାକୁ ମିଳିଛି। କିନ୍ତୁ ତୃଣମୂଳ ସ୍ତରରେ ସ୍ଥିତି ସ୍ଥିର ଓ ନିୟନ୍ତ୍ରଣ ମଧ୍ୟରେ ରହିଥିବା ପ୍ରତିରକ୍ଷା ସୂତ୍ରରୁ ଜଣାପଡ଼ିଛି। ଅରୁଣାଚଳ ପ୍ରଦେଶର ତାକସିଙ୍ଗ ସର୍କଲ ମଧ୍ୟରେ ଏହି ଦୁଇ ଅଞ୍ଚଳ ରହିଛି। ଏଠାରେ ଭାରତ ଓ ଚାଇନା ସୈନ୍ୟମାନେ ପ୍ୟାଟ୍ରୋଲିଂ ଅପରେସନ ବେଳେ ମୁହାଁମୁହିଁ ହେଉଥିବାରୁ ପର୍ଯ୍ୟାୟକ୍ରମେ ଉତ୍ତେଜନା ଦେଖିବାକୁ ମିଳୁଛି। ଏହି ମୁହାଁମୁହିଁ ସ୍ଥିତି ଯୋଗୁ ଉକ୍ତ ଦୁଇ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ଉପରେ ନିୟମିତ ନଜର ରଖିବାକୁ ପଡୁଛି। ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିଲେ ହେଁ ଦୁଇ ଦେଶର ସୈନ୍ୟଙ୍କ ମଧ୍ୟରେ ହିଂସାତ୍ମକ ସ୍ଥିତି ସୃଷ୍ଟି ହୋଇନାହିଁ। ସେଠାରେ ନିୟୋଜିତ କମାଣ୍ଡର ସଂଯମତା ରକ୍ଷା କରି ସ୍ଥିତିକୁ ନିୟନ୍ତ୍ରଣ ମଧ୍ୟରେ ରଖିଥିବା କୁହାଯାଇଛି। ପ୍ରତିରକ୍ଷା ସୂତ୍ରରେ ଆହୁରି କୁହାଯାଇଛି ଯେ ମୁହାଁମୁହିଁ ସ୍ଥିତିକୁ ଦୂରେଇ ରଖିବା ପାଇଁ ଦୁଇ ଦେଶ ପକ୍ଷରୁ ସାମରିକ ବ୍ୟବସ୍ଥା ମାଧ୍ୟମ ଦ୍ୱାରା ଯୋଗାଯୋଗ କରାଯାଉଛି। ଫ୍ଲାଗ ମିଟିଂ ଠାରୁ ଆରମ୍ଭ କରି ହଟଲାଇନ ଯୋଗାଯୋଗ ବ୍ୟବସ୍ଥା ଦ୍ୱାରା ସ୍ଥିତିର ମୁକାବିଲା କରାଯାଉଛି ସ୍ଥାନୀୟ ଉତ୍ତେଜନାକୁ ହ୍ରାସ କରିବା ଓ ସ୍ଥିତିକୁ ଅଧିକ ବିଗାଡ଼ିବାକୁ ନ ଦେବା ପାଇଁ ଦୁଇ ଦେଶ ଏପରି ପଦକ୍ଷେପ ନେଉଛନ୍ତି। ଉତ୍ତର-ପୂର୍ବାଞ୍ଚଳରେ କର୍ପସ କମାଣ୍ଡର ସ୍ତରରେ ଗୋଟିଏ ଆଲୋଚନା ବି କରାଯାଇଛି। ଅଧିକାରୀମାନଙ୍କ କହିବା କଥା ଯେ ସୀମାରେ ଶାନ୍ତି ବଜାୟ ରଖିବା ପାଇଁ ଉଭୟ ପକ୍ଷ ମଧ୍ୟରେ ନିରନ୍ତର ଯୋଗାଯୋଗ ଓ ଆଲୋଚନା ହେବା ଗୁରୁତ୍ୱପୂର୍ଣ୍ଣ। ବିଶେଷକରି ଯେଉଁ ଅଞ୍ଚଳଗୁଡ଼ିକରେ ଏଲଏଏସିକୁ ନେଇ ଭାରତ ଓ ଚାଇନାର ଭିନ୍ନ ଭିନ୍ନ ଧାରଣା ରହିଛି, ସେଠାରେ ଏହାର ଗୁରୁତ୍ୱ ଅଧିକ। ଦୁର୍ଗମ ସୀମାନ୍ତ ଅଞ୍ଚଳରେ ସୁରକ୍ଷା ବାହିନୀର ନିରନ୍ତର ଉପସ୍ଥିତି ସହିତ ଭିତ୍ତିଭୂମି ଓ ଯୋଗାଯୋଗ ବ୍ୟବସ୍ଥାର ଉନ୍ନତିକରଣ ପାଇଁ ମଧ୍ୟ ପ୍ରୟାସ ଜାରି ରହିଛି। ଏହି ବିକାଶମୂଳକ ପଦକ୍ଷେପଗୁଡ଼ିକ ମଧ୍ୟରେ ସବୁ ଋତୁରେ ଯାତାୟାତ ଉପଯୋଗୀ ରାସ୍ତା, ସେତୁ, ଟେଲି ଯୋଗାଯୋଗ ନେଟୱର୍କ ଓ ନାଗରିକ ସୁବିଧାର ବିକାଶ ସାମିଲ ରହିଛି। ଏହାଦ୍ୱାରା ସୁରକ୍ଷା କର୍ମୀଙ୍କ ସହ ସ୍ଥାନୀୟ ବାସିନ୍ଦାମାନେ ମଧ୍ୟ ଉପକୃତ ହେବେ।

### ଆଇଟିବିପି ଯବାନଙ୍କୁ ମୋଦୀଙ୍କ ସମ୍ବୋଧନ

# ମାଇନସ୍ ୪୫ ଡିଗ୍ରୀରେ ବି ସୀମା ଜଗୁଛନ୍ତି 'ହିମବୀର'



**ନୂଆଦିଲ୍ଲୀ,୨୪।୧୦:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତ-ତିବ୍ବତ ସୀମା ପୋଲିସ (ଆଇଟିବିପି ) ର ୬୫ତମ ପ୍ରତିଷ୍ଠା ଦିବସ ଅବସରରେ ସମସ୍ତ 'ହିମବୀର'ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଦେଶର ସୀମା ସୁରକ୍ଷାରେ ଆଇଟିବିପି ର ଅଟଳ ସମର୍ପଣ, ସାହସ ଏବଂ ମାନବୀୟ ସେବାକୁ ପ୍ରଧାନମନ୍ତ୍ରୀ ଭୂୟସୀ ପ୍ରଶଂସା କରିଛନ୍ତି । ସେ କହିଛନ୍ତି ଯେ, ଯବାନମାନଙ୍କର ଏହି ନିସ୍ୱାର୍ଥପର ସେବା ଓ ବଳିଦାନ ସମଗ୍ର ଦେଶ ପାଇଁ ଏକ ପ୍ରେରଣାର ଉତ୍ସ । ପ୍ରଧାନମନ୍ତ୍ରୀ ମୋଦୀ ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରିଛନ୍ତି, ଯେଉଁଥିରେ ବରଫାବୃତ ପାହାଡ଼ ଉପରେ ଆଇଟିବିପି ଯବାନମାନଙ୍କର ଚିତ୍ର ରହିଛି । ସେ ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି, "ଆଇଟିବିପି ର ପ୍ରତିଷ୍ଠା ଦିବସରେ ଏହାର ସମସ୍ତ କର୍ମଚାରୀଙ୍କୁ ଅଭିନନ୍ଦନ । ଓଜସ୍ୱୀ ର 'ହିମବୀର'ମାନେ ନିଜର ଅସାଧାରଣ ସାହସ ବଳରେ ନିଜର ଦକ୍ଷତା ପ୍ରମାଣିତ କରିଛନ୍ତି।" ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି ଯେ ଆଇଟିବିପି ର 'ହିମବୀର'ମାନେ ସବୁବେଳେ ଅଦ୍ଭୁତ ଦୃଢ଼ ସଂକଳ୍ପ ସହ ପ୍ରତ୍ୟେକ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଛନ୍ତି। ସେମାନଙ୍କର ନିସ୍ୱାର୍ଥପର ସେବା ଦେଶବାସୀଙ୍କୁ ସର୍ବଦା ଅନୁପ୍ରାଣିତ କରିବ । ୧୯୬୨ ମସିହା ଅକ୍ଟୋବର ୨୪ ତାରିଖରେ ଗଠିତ ଭାରତ-ତିବ୍ବତ ସୀମା ପୁଲିସ (ଆଇଟିବିପି) ଲାଦାଖର କାରାକୋରମ ଦର୍ରାଠାରୁ ଆରମ୍ଭ କରି ଅରୁଣାଚଳ ପ୍ରଦେଶର ଜାଚେପ ଲା ପର୍ଯ୍ୟନ୍ତ ୩,୪୮୮ କିଲୋମିଟର ଦୀର୍ଘ ଭାରତ-ଚୀନ୍ ସୀମାର ସୁରକ୍ଷା ଦାୟିତ୍ୱ ତୁଲାଉଛି । ଏହାଛଡ଼ା ଛତିଶଗଡ଼ରେ ମାଓବାଦୀ ବିରୋଧୀ ଅଭିଯାନ ସମେତ ବିଭିନ୍ନ ଆଭ୍ୟନ୍ତରୀଣ ସୁରକ୍ଷା କାର୍ଯ୍ୟରେ ମଧ୍ୟ ଏହି ବାହିନୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି । ଆଇଟିବିପି ର ଅନେକ ବର୍ଡର ଆଉଟ୍ ପୋଷ୍ଟ ସମୁଦ୍ର ପତନରୁ ୯,୦୦୦ ରୁ ୧୮,୮୦୦ ଫୁଟ ଉଚ୍ଚତାରେ ଅବସ୍ଥିତ, ଯେଉଁଠାରେ ପ୍ରଚଣ୍ଡ ଶୀତଋତୁରେ ତାପମାତ୍ରା ଖସି ଯାଇ ମାଇନସ ୪୫ ଡିଗ୍ରୀ ସେଲ୍ସିୟସ ପର୍ଯ୍ୟନ୍ତ ପହଞ୍ଚିଥାଏ। ଏଭଳି କଠିନ ପରିସ୍ଥିତିରେ ମଧ୍ୟ ଆଇଟିବିପିର ବୀର ଯବାନମାନେ ସମ୍ପୂର୍ଣ୍ଣ ମୁସ୍ତେଦି ସହ ସୀମାରେ ଅଟଳ ରହି ଦେଶକୁ ସୁରକ୍ଷା ଦେଉଛନ୍ତି । ଏକ ସ୍ୱତନ୍ତ୍ର ସଶସ୍ତ୍ର ପୁଲିସ ବାହିନୀ ଭାବେ ପରିଚିତ ଓଜସ୍ୱୀ ନିଜ ଯବାନମାନଙ୍କୁ ପର୍ବତାରୋହଣ, ସ୍କିଂ ଏବଂ ଟାକ୍ଟିକାଲ କମ୍ବାଟର କଠିନ ପ୍ରଶିକ୍ଷଣ ପ୍ରଦାନ କରିଥାଏ । ଏହା ସହିତ, ଏହି ବାହିନୀ ହିମାଳୟ ଅଞ୍ଚଳରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଏବଂ ଉଦ୍ଧାର କାର୍ଯ୍ୟ ପାଇଁ ମଧ୍ୟ ସର୍ବଦା ପ୍ରସ୍ତୁତ ରହିଥାଏ । ଗତ କିଛି ବର୍ଷ ମଧ୍ୟରେ ଏହି ବାହିନୀ ଅନେକ ସଫଳ ଉଦ୍ଧାର ଅଭିଯାନ ଚଳାଇ ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ପ୍ରଭାବିତ ହୋଇଥିବା ଅନେକ ନାଗରିକଙ୍କୁ ସମୟୋଚିତ ସହାୟତା ଏବଂ ସୁରକ୍ଷା ଯୋଗାଇ ଦେଇଛି ।

# ସ୍କୁଲ ଭିତରେ ନିଜକୁ ଜାଳି ଦେଲେ ଦ୍ୱାଦଶଶ୍ରେଣୀ ଛାତ୍ରୀ

**ନୂଆଦିଲ୍ଲୀ,୨୪।୧୦:** ଦେଶର ରାଜଧାନୀ ଦିଲ୍ଲୀର ଶାହଦର ଜିଲ୍ଲାର କ୍ରିଷ୍ଣା ନଗରରେ ଥିବା ଗୋଟିଏ ସରକାରୀ ସ୍କୁଲରେ ଘଟିଛି ବଡ଼ ଅଘଟଣ। ଏଠାରେ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରୀ ସ୍କୁଲ ଭିତରେ ହିଁ ନିଜକୁ ନିଜେ ଜାଳି ଦେଇଛନ୍ତି। ଶନିବାର ଏହି ଚକିତ ଭଳି ଘଟଣା ଘଟିଥିବା ବେଳେ ପୋଲିସ୍ ଛାତ୍ରୀ ଜଣଙ୍କ ଲେଖିଥିବା ୩ ପୃଷ୍ଠାର ହାତ ଲେଖା ଚିଠି ଜବତ କରିଛି। ଏହି ଚିଠିରେ ଛାତ୍ରୀ ଜଣଙ୍କ ଲେଖିଥିବା ବିଷୟବସ୍ତୁକୁ ଆଧାର କରି ଘଟଣାର ତଦନ୍ତ ଆଗକୁ ବଢ଼ାଇଛି ପୁଲିସ। ସେହିପରି ଛାତ୍ରୀ ଜଣଙ୍କୁ ନିଜ ଦେହରେ ନିଆଁ ଲଗାଇ ଦେଇଥିଲେ ହେଁ ପୋଡ଼ି ହୋଇ ତାଙ୍କର ମୃତ୍ୟୁ ଘଟିଛି କି ନାହିଁ, ସେକଥା ଏଯାଏ ସ୍ପଷ୍ଟ କରିନ ପୋଲିସ୍। ସ୍କୁଲରେ ଅଗ୍ନିକାଣ୍ଡ ଘଟିଥିବା ଖବର ପାଇ ପୋଲିସ୍

## ମିଳିଲା ୩ ପୃଷ୍ଠାର ହାତ ଲେଖା ଚିଠି

ସେଠାରେ ପହଞ୍ଚିଥିଲା। କିନ୍ତୁ ବାସ୍ତବରେ ଜଣେ ଛାତ୍ରୀ ଆତ୍ମାହୁତି ଦେଇଥିବା ଜଣାପଡ଼ିଥିଲା। ଡିସିପିଙ୍କ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ ଅଗ୍ନିକାଣ୍ଡ ସମ୍ପର୍କରେ ଖବର ମିଳିବା ପରେ କ୍ରିଷ୍ଣ ନଗର ପୋଲିସ୍ ଷ୍ଟେସନର କର୍ମଚାରୀମାନେ ସେଠାରେ ପହଞ୍ଚିଥିଲେ। ଏହାପରେ ସ୍କୁଲର ପଛ ପାଖରେ ଥିବା ଗାର୍ଡ ରୁମ ନିକଟରୁ ଜଣେ ଛାତ୍ରୀଙ୍କୁ ପୋଡ଼ି ଯାଇଥିବା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଛାତ୍ରୀଙ୍କ ବୟସ ୧୭ ବର୍ଷ ହେବ ବୋଲି ତାଙ୍କ ପରିବାର ଲୋକ କହିଛନ୍ତି। ଘଟଣା ସ୍ଥଳରୁ ଏକାଧିକ ଜିନିଷ ସହ ଛାତ୍ରୀଙ୍କ ସ୍କୁଲ ବ୍ୟାଗ ଜବତ ହୋଇଛି। ଫରେନ୍ସିକ ଟିମ ମଧ୍ୟ କିଛି ତଥ୍ୟ ସଂଗ୍ରହ କରିଛି। ଛାତ୍ରୀଙ୍କ ବ୍ୟାଗରୁ ଗୋଟିଏ ୩ ପୃଷ୍ଠାର ହାତ ଲେଖା ଚିଠି ମିଳିଛି। ଛାତ୍ରୀ ଜଣଙ୍କ ନିଜେ ହିଁ ବ୍ୟାଗରେ ପେଟ୍ରୋଲ ଭର୍ତ୍ତି ବୋତଲ ଧରି ସ୍କୁଲ ଆସିଥିଲେ ବୋଲି ଅନୁମାନ କରାଯାଉଛି। କିନ୍ତୁ ଏ ସମ୍ପର୍କରେ କିଛି ବି ନିଶ୍ଚିତ ହୋଇ ନଥିବା ବିବୃତିରେ କୁହାଯାଇଛି। ପୁଲିସ ଛାତ୍ରୀଙ୍କ ବ୍ୟାଗରୁ ୩ ପୃଷ୍ଠାର ହାତ ଲେଖା ଚିଠି ମିଳିଥିବା କଥା କହିଥିଲେ ହେଁ ଏଥିରେ ଥିବା ବିଷୟବସ୍ତୁକୁ ସାର୍ବଜନୀନ କରିନାହିଁ। ଏବେ କେଉଁ ପରିସ୍ଥିତିରେ ଛାତ୍ରୀ ଜଣଙ୍କ ଏତେ ବଡ଼ ପଦକ୍ଷେପ ଗ୍ରହଣ କଲେ, ତା'ର ଯାଞ୍ଚ ପୋଲିସ୍ କରୁଛି। ସ୍କୁଲ କର୍ତ୍ତୃପକ୍ଷ ଓ ସହପାଠୀମାନଙ୍କୁ ମଧ୍ୟ ପୋଲିସ୍ ପଚରାଉଚରା ଜାରି ରଖିଛି।

# ରାହୁଲଙ୍କ ମହାରାଲିକୁ ବିରୋଧ

## ଦିଲ୍ଲୀରେ ହୋଇପାରେ ୧୦ ହଜାର କୋଟିର କ୍ଷତି



**ନୂଆଦିଲ୍ଲୀ,୨୪।୧୦:** ଦିଲ୍ଲୀର ରାମଲୀଳା ମଇଦାନରେ ଆସନ୍ତା ନଭେମ୍ବର ୧ ତାରିଖରେ କଂଗ୍ରେସ ପକ୍ଷରୁ ଏକ ମହାରାଲିର ଆୟୋଜନ କରାଯାଉଛି । ଏହାକୁ ନେଇ ଗଭୀର ଚିନ୍ତା ପ୍ରକଟ କରିଛି ଦିଲ୍ଲୀର ବ୍ୟବସାୟୀ ଓ ଶିଳ୍ପପତିଙ୍କ ଶୀର୍ଷ ସଂଗଠନ 'ଚାମ୍ବର ଅଫ୍ ଟ୍ରେଡ୍ ଆଣ୍ଡ ଇଣ୍ଡଷ୍ଟ୍ରି' । ସଂଗଠନ ପକ୍ଷରୁ ଲୋକସଭାରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କୁ ଏକ ପତ୍ର ଲେଖି ଏହି ରାଲିକୁ ଦୀପାବଳି ପର୍ବ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ଅନୁରୋଧ କରାଯାଇଛି । ଉକ୍ତଓର ଚେୟାରମ୍ୟାନ୍ ବ୍ରଜେଶ ଗୋୟଲ ପଠାଇଥିବା ପତ୍ରରେ ଦର୍ଶାଇଛନ୍ତି ଯେ, ଏହି ବର୍ଷ ନଭେମ୍ବର ୬ରେ ଧନତେରସ୍, ନଭେମ୍ବର ୮ରେ ଦୀପାବଳି ଏବଂ ନଭେମ୍ବର ୧୦ରେ ଭାଇଦୁଜ୍ ପଡୁଛି । ଲୋକମାନେ ଏହାର ଗୋଟିଏ ସପ୍ତାହ ପୂର୍ବରୁ ହିଁ କିଣାକିଣି ଆରମ୍ଭ କରିଦେଇଥାଆନ୍ତି । କେବଳ ଧନତେରସ୍ ଅବସରରେ ଦିଲ୍ଲୀର ସୁନା-ରୂପା, ବାସନ, ଇଲେକ୍ଟ୍ରୋନିକ୍ସ, ପୋଷାକ, ଶୁଖିଲା ମେୱା, ମିଠା, ଅଟୋମୋବାଇଲ୍, ଗାଡ଼ି, ଜମିବାଡ଼ି ଏବଂ ଉପହାର ସାମଗ୍ରୀ ଆଦି ବିଭିନ୍ନ ସେକ୍ଟରରେ ପ୍ରାୟ ୨୫ ହଜାର କୋଟି ଟଙ୍କାର କାରବାର ହୋଇଥାଏ । ଏହି ବ୍ୟାପାର ଦିଲ୍ଲୀର ଅର୍ଥନୀତିର ମେରୁଦଣ୍ଡ ସଦୃଶ । ଚିଠିରେ ଉଲ୍ଲେଖ କରାଯାଇଛି ଯେ କନ୍‌ନଟ୍ ପ୍ଲେସ୍, ଇଣ୍ଡିଆ ଗେଟ୍ ଏବଂ କେନ୍ଦ୍ରୀୟ ଦିଲ୍ଲୀରେ କ୍ରମାଗତ ଭାବେ ଚାଲିଥିବା ରାଲି, ମାର୍ଚ୍ଚ ଏବଂ ରାସ୍ତା ବନ୍ଦ ରହିବା କାରଣରୁ ଦିଲ୍ଲୀର ବ୍ୟବସାୟୀମାନଙ୍କୁ ପୂର୍ବରୁ ହିଁ ପ୍ରାୟ ୩ ହଜାର କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଛି । ହୋଲସେଲ୍ ବଜାରଗୁଡ଼ିକରେ ବାହାରୁ ମାଲ୍ ଆସିବା ବନ୍ଦ ହୋଇଯାଇଥିବା ବେଳେ ଖୁଚୁରା ବଜାରରେ ଗ୍ରାହକମାନେ ସଠିକ୍ ଭାବେ ପହଞ୍ଚି ପାରୁନାହାନ୍ତି । ବ୍ରଜେଶ ଗୋୟଲ ଏକ ଭିଡିଓ ଜାରି କରି କହିଛନ୍ତି ଯେ, ରାମଲୀଳା ମଇଦାନର ୫ କିମି ପରିଧି ମଧ୍ୟରେ ଚାନ୍ଦନୀ ଚୌକ, ସଦର ବଜାର, ଚାଓ୍ୱଡ଼ୀ ବଜାର, ଭାଗୀରଥ ପ୍ୟାଲେସ୍, ଖାରୀ ବାଉଲୀ, କଶ୍ମୀର ଗେଟ୍, ନୟା ବଜାର, ମୋରୀ ଗେଟ୍, କିନାରୀ ବଜାର, ଦରୀବା, ଦରିଆଗଞ୍ଜ, ଅଜମେରୀ ଗେଟ୍, ଜାମା ମସଜିଦ୍, ଝଣ୍ଡେୱାଲାନ୍, କରୋଲ ବାଗ୍ ଆଦି ଦିଲ୍ଲୀର ସବୁଠାରୁ ଐତିହାସିକ ଓ ପ୍ରସିଦ୍ଧ ହୋଲସେଲ୍ ଏବଂ ଖୁଚୁରା ବଜାର ରହିଛି । ଏହି ସବୁ ବଜାରରୁ ସମଗ୍ର ଦେଶକୁ ସାମଗ୍ରୀ ଯୋଗାଇ ଦିଆଯାଇଥାଏ । ପୁରୁଣା ଦିଲ୍ଲୀ ଏବଂ ନୂଆଦିଲ୍ଲୀ ରେଳଷ୍ଟେସନ ମଧ୍ୟ ରାମଲୀଳା ମଇଦାନ ନିକଟରେ ଅବସ୍ଥିତ । ପ୍ରତିଦିନ ଲକ୍ଷ ଲକ୍ଷ ବ୍ୟାପାରୀ ଏବଂ କ୍ରେତା ଏହି ଷ୍ଟେସନଗୁଡ଼ିକ ଦେଇ ଯିବାଆସିବା କରିଥାଆନ୍ତି । କଂଗ୍ରେସର ଏହି ରାଲି ଯୋଗୁଁ ଟ୍ରାଫିକ୍ ଡାଇଭର୍ସନ୍, ମେଟ୍ରୋ ଷ୍ଟେସନ୍ ବନ୍ଦ ଏବଂ ବ୍ୟାରିକେଡିଂ କାରଣରୁ ଏହି ବଜାରଗୁଡ଼ିକର କାରବାର ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେବ । ରାଲି ସମୟରେ ରାସ୍ତା ବନ୍ଦ ରହିବା ଏବଂ ପ୍ରବଳ ଭିଡ଼ ଯୋଗୁଁ ଦିଲ୍ଲୀ ବାହାରୁ ଆସୁଥିବା କ୍ରେତାମାନେ ଭୟଭୀତ ହୋଇ ଦିଲ୍ଲୀ ଆସିବାକୁ ଏଡ଼ାଇ ପାରନ୍ତି, ଯାହାର ସିଧାସଳଖ ପ୍ରଭାବ ଧନତେରସ୍ ଏବଂ ଦୀପାବଳିର ବ୍ୟାପାର ଉପରେ ପଡ଼ିବ ।

# ୪ ମାଓବାଦୀ ଗିରଫ

**ଝାରଖଣ୍ଡ,୨୪।୧୦:** ଝାରଖଣ୍ଡର ଗୁମଲା ପୁଲିସକୁ ବଡ଼ ସଫଳତା। ମାଓ ସଂଗଠନ ଟଖରଓ ବିରୋଧରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ । ଜୋନାଲ କମାଣ୍ଡର ବିଶ୍ରାମ କୋଙ୍ଗାଡି ଓରଫ ସୁକୁରା ସମେତ ୪ ମାଓବାଦୀଙ୍କୁ ଗିରଫ କରିଛି ଝାଡ଼ଖଣ୍ଡ ଗୁମଲା ପୁଲିସ। ସେମାନଙ୍କଠାରୁ ମାଓ ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଏବଂ ଅନ୍ୟାନ୍ୟ ଅପରାଧ ମୂଳକ ସାମଗ୍ରୀ ମଧ୍ୟ ଜବତ କରିଛି ପୁଲିସ । ବିଶେଷ ସୂତ୍ରରୁ ଖବର ପାଇ ସୁରକ୍ଷା ବାହିନୀ ଏକ ଟିମ୍ ଗଠନ କରି ଟଖରଓ ମାଓ ସଂଗଠନର ଚାରି ହାର୍ଡକୋର ମାଓବାଦୀଙ୍କୁ କାମଦରା ଥାନା ଅଞ୍ଚଳର ବୋଙ୍ଗାଡା ଗାଁ ନିକଟରୁ ଗିରଫ କରିଛି । ମାଓବାଦୀ ମାନେ ଏକାଠି ହୋଇ ଏକ ବଡ଼ ଅପରାଧ ଘଟାଇବା ଯୋଜନା କରୁଥିବାର ସୂଚନା ପାଇଥିଲା ପୁଲିସ୍ । ଗୋଟିଏ ଦେଶୀ ପିସ୍ତଲ, ଦୁଇଟି ପତ୍ରିକା, ଗୋଟିଏ ଦେଶୀ ବନ୍ଧୁକ, ୭ଟି କାର୍ଟ୍ରିଜ୍, ଛଅଟି ନିଷିଦ୍ଧ ଟଖରଓ ପୁସ୍ତିକା ଏବଂ ଚାରୋଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି ।

# ଦୁଇ ବିମାନ ମଧ୍ୟରେ ଧକ୍କା, ୪ ପାଇଲଟ୍ ମୃତ

**ନୂଆଦିଲ୍ଲୀ,୨୪।୧୦:** ମଝି ଆକାଶରେ ବଡ଼ ଅଘଟଣ। ସେନା ବାହିନୀର ଦୁଇଟି ବିମାନ ପରସ୍ପର ସହ ମଝି ଆକାଶରେ ପିଟି ହୋଇଯାଇଛନ୍ତି। ଫିଲିପାଇନ୍ସର ଗୋଟିଏ ଏୟାରବେସ୍‌ରେ ଟ୍ରେନିଂ ଚାଲିଥିବା ବେଳେ ଏପରି ଘଟଣା ଘଟିଛି। ଏହି ମଝି ଆକାଶ ଅଘଟଣରେ ଦୁଇଟି ଯାକ ବିମାନରେ ଥିବା ୪ ପାଇଲଟଙ୍କ ମୃତ୍ୟୁ ଘଟିଛି। ସେହିପରି ଦୁଇଟି ଯାକ ବିମାନ ସଂପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ଏହାର ଭିଡିଓ ବି ସାମ୍ନାକୁ ଆସିଛି। ଫିଲିପାଇନ୍ସ ବାୟୁସେନାର ସୂଚନା ଅନୁସାରେ, ଦକ୍ଷିଣ ମାନିଲାରେ ଥିବା ଫର୍ଣ୍ଣାଣ୍ଡୋ ଏୟାରବେସ୍‌ରେ ଗୋଟିଏ ଟ୍ରେନିଂ କାର୍ଯ୍ୟକ୍ରମ ଚାଲିଥିଲା। ଏଥିରେ ୨ଟି ଏଫଏଫ-୨୬୦ ସିଙ୍ଗଲ ପ୍ରୋପଲର ବିମାନ ସମେତ ଏକାଧିକ ବିମାନ ଭାଗ ନେଇଥିଲେ। ହେଲେ ଟ୍ରେନିଂ ସମୟରେ ହଠାତ୍ ଦୁଇଟି ବିମାନ ମଝି ଆକାଶରେ ଥିବା ବେଳେ ଘଟିଥଲା ଅଘଟଣ। ନିୟନ୍ତ୍ରଣ ହରାଇ ଦୁଇ ବିମାନ ମଧ୍ୟରେ ହୋଇଥିଲା ଧକ୍କା। ଆଉ ଏହାପରେ ଦୁଇଟି ଯାକ ବିମାନ ସ୍ଥଳ ଭାଗରେ ଖସିପଡ଼ିଥିଲା। ଏଥିଯୋଗୁ ଦୁଇ ବିମାନରେ ଥିବା ୪ ପାଇଲଟଙ୍କ ମୃତ୍ୟୁ ଘଟିଛି। ଏହା ଛଡ଼ା ଆଉ କୌଣସି କ୍ଷୟକ୍ଷତି ହୋଇନାହିଁ ବୋଲି ସେନା ପକ୍ଷରୁ ସ୍ପଷ୍ଟ କରାଯାଇଛି। ପ୍ରକୃତରେ କ'ଣ ପାଇଁ ଏତେ ବଡ଼ ଘଟଣା ଘଟିଲା, ସେକଥା ଜାଣିବା ପାଇଁ ଏବେ ବାୟୁସେନା ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି। ସେହିପରି ବାୟୁସେନାରେ ସେବା ଯୋଗାଉଥିବା ସମସ୍ତ ଏସଏଫ ୨୬୦ ବିମାନର ଉଡ଼ାଣକୁ ଅସ୍ଥାୟୀ ଭାବେ ବନ୍ଦ କରିଦିଆଯାଇଛି।

# ଜୈଶ୍ ଲିଙ୍କ୍‌ରେ ଯୁବକ ଗିରଫ

**ନୂଆଦିଲ୍ଲୀ,୨୪।୧୦:** ପାକିସ୍ତାନରେ ସକ୍ରିୟ ଆତଙ୍କବାଦୀ ସଂଗଠନ ଜୈଶ-ଇ-ମହମ୍ମଦ ଲିଙ୍କରେ ଯୁବକ ଗିରଫ। ମୁମ୍ବାଇରୁ ୩୩ ବର୍ଷୀୟ ଯୁବକକୁ ଗିରଫ କରିଛି ପୁଲିସ୍। ଏହି ଯୁବକ ଜଣକ ଭାରତର ମୁମ୍ବାଇରେ ରାପିଡୋ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲା। ସୋଶାଲ ମିଡିଆରେ ସେ ପ୍ରଥମେ ପ୍ରଧାମନନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟରେ ବିବାଦୀୟ ତଥା ମୌଳବାଦୀ ବିଚାରଧାରାର ପୋଷ୍ଟ କରିଥିଲା। ଏଥିପାଇଁ ପୁଲିସ ତା'କୁ ଗିରଫ କରିଛି। ଗିରଫ ପରେ ତା'ର ଜୈଶ ଲିଙ୍କ ସାମ୍ନାକୁ ଆସିଛି। ମୁମ୍ବାଇର ମହିମ ଅଞ୍ଚଳରେ ରହୁଥିଲା ଗିରଫ ମହମ୍ମଦ ହାସନ ଅବୁ ସର୍ମଦ ଅଖତର। ତା'କୁ ଗୁଇନ୍ଦା ସୂଚନା ଆଧାରରେ ମହାରାଷ୍ଟ୍ର ପୁଲିସ୍‌ର ଆତଙ୍କବାଦ ନିରୋଧ ସ୍କ୍ୱାଡ ବା ଏଟିଏସ୍ ? ମହିମ ମେଟ୍ରୋ ଷ୍ଟେସନରୁ ଗିରଫ କରିଛି। ତଦନ୍ତକାରୀ ଏଜେନ୍ସିର କହିବା କଥା ଯେ ଅଖତର ମୌଳବାଦୀ ଚିନ୍ତାଧାରାକୁ ପ୍ରଚାର ପ୍ରସାର କରିବାର ଦାୟିତ୍ୱ ପାଇଥିଲା। ଏହାକୁ ଗୁପ୍ତ ଭାବେ ପରିଚାଳନା କରିବା ପାଇଁ ସେ ରାପିଡୋ ଡ୍ରାଇଭର ଓ ଅତର ବିକ୍ରି କରୁଥିଲା। ପାକିସ୍ତାନୀ ଗୁଇନ୍ଦା ଅପରେସନ ସହ ସେ ଯୋଗାଯୋଗରେ ରହୁଥିଲା। ଧାର୍ମିକ ଭେଦଭାବର ପ୍ରଚାର ଓ ଜୈଶ ମୁଖ୍ୟ ମୌଲାନା ମାସୁଦ ଆଝାରର ଅଡିଓ କ୍ଲିପ ମଧ୍ୟ ଶେୟାର କରିଥିଲା। ବାବ୍ରୀ ମସଜିଦ ଘଟଣାରେ ମସୁଦ ଦେଇଥିବା ଉତ୍ତେଜନା ସୃଷ୍ଟିକାରୀ ଭାଷଣକୁ ଅଖତର ଟେଲିଗ୍ରାମରେ ଥିବା ଭାରତୀୟ ମୁସଲିମ ନାମକ ଗ୍ରୁପରେ ପୋଷ୍ଟ କରିଥିଲା। ଖାଲି ସେତିକି ନୁହେଁ, ଅଖତର ଗୋଟିଏ ପାକିସ୍ତାନୀ ଟଲିଗ୍ରାମ ଚ୍ୟାନେଲ ଆଇବିଏନ ଇ କ୍ୱାସୀମର ସକ୍ରିୟ ସଦସ୍ୟ ଥିଲା। ଏକ୍ସ ଓ ଇନଷ୍ଟାଗାମରେ ଅଭିଯୁକ୍ତ ଅଖତର 'ଏବେ ଜିହାଦର ସମୟ ଆସିଗଲା' ଭଳି ଉସକାଇବା ଭଳି କମେଣ୍ଟ ମଧ୍ୟ କରୁଥିଲା। ହିଂସା ସୃଷ୍ଟି କରିବା ହିଁ ତା'ର ଏକମାତ୍ର ଲକ୍ଷ୍ୟ ଥିଲା ବୋଲି ତଦନ୍ତରୁ ଜଣାପଡ଼ିଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତ ପୂର୍ବରୁ ମୁମ୍ବାଇରେ ହୋଇଥିବା ସୁରକ୍ଷା ତ୍ରୁଟି ଜନିତ ଆଲୋଚନାର ସୋଶାଲ ମିଡିଆ ପୋଷ୍ଟରେ ସେ କମେଣ୍ଟ କରିଥିଲା। ଏଥିରେ ସେ ଲେଖିଥିଲା ଯେ "ଇନ୍ଦିରା ଗାନ୍ଧିଙ୍କ ଭଳି ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ କିଛି କରିବାର ଥିଲା ଭାଇ ଲୋକ।" ଏପରି କମେଣ୍ଟ ଜରିଆରେ ସେ ମୋଦିଙ୍କୁ ହତ୍ୟା ପାଇଁ ଉସକାଇଥିଲା।

# ୫ ରାଜ୍ୟ ପାଇଁ କଂଗ୍ରେସର 'ୱାର ରୁମ୍' ଅଧ୍ୟକ୍ଷଙ୍କ ନାମ ଘୋଷଣା

**ନୂଆଦିଲ୍ଲୀ,୨୪।୧୦:** ଆସନ୍ତା ବର୍ଷ ହେବାକୁ ଥିବା ବିଧାନସଭା ନିର୍ବାଚନ ପାଇଁ ପ୍ରସ୍ତୁତି ସ୍ୱରୂପ, କଂଗ୍ରେସ ପାଞ୍ଚଟି ରାଜ୍ୟରେ ନିର୍ବାଚନ 'ୱାର ରୁମ' ପାଇଁ ମୁଖ୍ୟ ନିଯୁକ୍ତ କରିଛି। ଦଳର ସଭାପତି ମଲ୍ଲିକାର୍ଜୁନ ଖର୍ଗେ ଏହି ନିଯୁକ୍ତିଗୁଡ଼ିକୁ ଅନୁମୋଦନ କରିଛନ୍ତି। ଦଳ ପକ୍ଷରୁ ଜାରି କରାଯାଇଥିବା ଏକ ତାଲିକା ଅନୁଯାୟୀ, ଉତ୍ତର ପ୍ରଦେଶ, ପଞ୍ଜାବ, ଗୋଆ, ମଣିପୁର ଏବଂ ଉତ୍ତରାଖଣ୍ଡ ପାଇଁ ନିର୍ଦ୍ଦିଷ୍ଟ ନେତାମାନଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। କଂଗ୍ରେସ ଦ୍ୱାରା ଦିଆଯାଇଥିବା ସୂଚନା ଅନୁଯାୟୀ, ସଚିନ ଯାଦବଙ୍କୁ ଉତ୍ତର ପ୍ରଦେଶ ପାଇଁ ନିର୍ବାଚନ 'ୱାର ରୁମ'ର ମୁଖ୍ୟ ଭାବେ ନିଯୁକ୍ତ କରାଯାଇଛି। ପଞ୍ଜାବରେ ଏହି ଦାୟିତ୍ୱ ପୂର୍ବତନ ଆଇଏଏସ ଅଧିକାରୀ କନ୍ନନ ଗୋପୀନାଥନଙ୍କୁ ଦିଆଯାଇଛି। ଗୋଆ ପାଇଁ ଇମରୋଜ ଖାନ, ମଣିପୁର ପାଇଁ ବିଶ୍ୱରଞ୍ଜନ ମହାନ୍ତି ଏବଂ ଉତ୍ତରାଖଣ୍ଡ ପାଇଁ କୃଷ୍ଣ ସତ୍ରୌରଙ୍କୁ 'ୱାର ରୁମ' ମୁଖ୍ୟ ଭାବେ ନିଯୁକ୍ତ କରାଯାଇଛି। ଏହି ନିଯୁକ୍ତିଗୁଡ଼ିକ ତୁରନ୍ତ ଲାଗୁ ହେବ। ନିର୍ବାଚନ ସମ୍ବନ୍ଧୀୟ ପ୍ରସ୍ତୁତି ପରିଚାଳନା କରିବା ପାଇଁ ଏକ 'ନିର୍ବାଚନ ୱାର ରୁମ' କାର୍ଯ୍ୟ କରିଥାଏ। ଏହା ମାଧ୍ୟମରେ, ଏକ ରାଜନୈତିକ ଦଳ ନିଜର ପ୍ରଚାର କାର୍ଯ୍ୟର ଯୋଜନା ପ୍ରସ୍ତୁତ କରେ ଏବଂ ବିଭିନ୍ନ ନେତା ତଥା ଦଳୀୟ କର୍ମୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରେ। ଏହା ବ୍ୟତୀତ, ଏହା ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଉପରେ ତୀକ୍ଷ୍ଣ ନଜର ରଖିଥାଏ। ଏହି ନିଯୁକ୍ତିଗୁଡ଼ିକ ମାଧ୍ୟମରେ, କଂଗ୍ରେସ ଦଳ ଉତ୍ତର ପ୍ରଦେଶ, ପଞ୍ଜାବ, ଗୋଆ, ମଣିପୁର ଏବଂ ଉତ୍ତରାଖଣ୍ଡ ରାଜ୍ୟଗୁଡ଼ିକରେ ନିର୍ବାଚନ ପ୍ରସ୍ତୁତି ଓ ସାଙ୍ଗଠନିକ କାର୍ଯ୍ୟକଳାପର ପରିଚାଳନାକୁ ଅଧିକ ଉନ୍ନତ କରିବାକୁ ଲକ୍ଷ୍ୟ ରଖିଛି।

# ଭାନୁଆଟୁ ନିକଟରେ ଦୁଇଟି ଭୂମିକମ୍ପ ରିଡିଂ

**ନୂଆଦିଲ୍ଲୀ,୨୪।୧୦:** ଦକ୍ଷିଣ ପ୍ରଶାନ୍ତ ମହାସାଗରରେ ବଡ଼ ଧରଣର ଭୂମିକମ୍ପ ଅନୁଭୂତ ହୋଇଛି । ଆଜି ଭାନୁଆଟୁ ଦ୍ୱୀପପୁଞ୍ଜ ନିକଟରେ ୭.୨ ତୀବ୍ରତାର ଭୂମିକମ୍ପ ରେକର୍ଡ ହୋଇଥିବା ପ୍ରାଥମିକ ରିପୋର୍ଟରୁ ଜଣାପଡ଼ିଛି । ଏହାର ମାତ୍ର ୨୫ ସେକେଣ୍ଡ ପରେ ସେହି ଅଞ୍ଚଳରେ ୬.୯ ତୀବ୍ରତାର ଆଉ ଏକ ରିଡିଂ ରେକର୍ଡ ହୋଇଛି । ଜର୍ମାନୀର ଭୂବିଜ୍ଞାନ ଗବେଷଣା କେନ୍ଦ୍ର ଏରତର ପ୍ରାଥମିକ ତଥ୍ୟ ଅନୁଯାୟୀ, ପ୍ରଥମ ଭୂମିକମ୍ପର କେନ୍ଦ୍ରସ୍ଥଳ ଭାନୁଆଟୁର ସୋଲା ଅଞ୍ଚଳଠାରୁ ପ୍ରାୟ ୨୦୦ କିଲୋମିଟର ପଶ୍ଚିମରେ ରହିଥିଲା । ଭୂପୃଷ୍ଠଠାରୁ ପ୍ରାୟ ୧୦ କିଲୋମିଟର ଗଭୀରତାରେ ଭୂମିକମ୍ପ ସୃଷ୍ଟି ହୋଇଥିବା ଆକଳନ କରାଯାଇଛି । ସେହିପରି ଦ୍ୱିତୀୟ ରିଡିଂରେ ଭୂମିକମ୍ପର କେନ୍ଦ୍ରସ୍ଥଳ ପୋର୍ଟ ଅଲରି ଅଞ୍ଚଳଠାରୁ ପ୍ରାୟ ୧୯୭ କିଲୋମିଟର ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଥିବା ଦର୍ଶାଯାଇଛି। ତେବେ ଏହି ଦୁଇଟି ରିଡିଂ ଦୁଇଟି ଅଲଗା ଭୂମିକମ୍ପର ନା ଗୋଟିଏ ଭୂମିକମ୍ପର ପ୍ରାଥମିକ ମାପରେ ପାର୍ଥକ୍ୟ, ତାହା ଏଯାଏଁ ସ୍ପଷ୍ଟ ହୋଇନାହିଁ । ଅନ୍ୟପଟେ ଏହି ଶକ୍ତିଶାଳୀ ଭୂମିକମ୍ପ ପରେ ସୁନାମି ଆସିବାର ଆଶଙ୍କା ରହିଛି କି ନାହିଁ, ସେନେଇ ଏପର୍ଯ୍ୟନ୍ତ କୌଣସି ନିଶ୍ଚିତ ତଥ୍ୟ ସାମ୍ନାକୁ ଆସିନାହିଁ । ଏଥିସହ ମୃତାହତଙ୍କ ସଂଖ୍ୟା କିମ୍ବା ଘରଦ୍ୱାର ଓ ଅନ୍ୟାନ୍ୟ ଭିତ୍ତିଭୂମିର କ୍ଷୟକ୍ଷତି ସମ୍ପର୍କରେ ମଧ୍ୟ କୌଣସି ସ୍ପଷ୍ଟ ଖବର ମିଳିନାହିଁ । ଏଭଳି ପରିସ୍ଥିତିରେ ଉପକୂଳବର୍ତ୍ତୀ ଅଞ୍ଚଳର ଲୋକଙ୍କୁ ସତର୍କ ରହିବା ସହ ସ୍ଥାନୀୟ ପ୍ରଶାସନ ଏବଂ ଅଧିକୃତ ସୁନାମି ସତର୍କତା ସଂସ୍ଥାର ନିର୍ଦ୍ଦେଶ ଅନୁସରଣ କରିବାକୁ ପରାମର୍ଶ ଦିଆଯାଇଛି ।

# ଇରାନ ଉପରେ ପୁଣି ଆକ୍ରମଣ ନେଇ ଟ୍ରମ୍ପଙ୍କ ଧମକ

## କାଟିଦେବୁ ସମୁଦ୍ର ତଳ ଇଣ୍ଟରନେଟ୍ କେବୁଲ୍ : ଇରାନ



**ନୂଆଦିଲ୍ଲୀ,୨୪।୧୦:** ଆମେରିକା ଓ ଇରାନ ମଧ୍ୟରେ ଯୁଦ୍ଧର ଉତ୍ତେଜନା ଥମିବାର ନାଁ ନେଉନାହିଁ। ଏହା ଭିତରେ ଆମେରିକା ରାଷ୍ଟ୍ରପତି ଡୋନାଲଡ୍ର ଟ୍ରମ୍ପଙ୍କ ବଡ଼ ଦାବି। ସେ କହିଛନ୍ତି, ଇରାନ ବିରୋଧରେ ଆଉ ଏକ ସାମରିକ ଅଭିଯାନ ଆରମ୍ଭ କରିପାରନ୍ତି। ଏହା ପୂର୍ବରୁ ଟ୍ରମ୍ପ ଫ୍ଲୋରିଡାରେ ଏକ ରାଲି ବେଳେ କହିଥିଲେ, ଆମେ ଏକ ଛୋଟ ଏପିକ୍ ଫ୍ୟୁରୀ ପ୍ଲାନ୍ ତିଆରି କରିପାରୁ। ଏପିକ୍ ଫ୍ୟୁରୀ ହେଉଛି ସେହି ନାଁ, ଯାହାକି ଫେବୃଆରୀ ୨୮ରେ ଇରାନ ବିରୋଧରେ ଆମେରିକା ଆରମ୍ଭ କରିଥିବା ଯୁଦ୍ଧ। ଟ୍ରମ୍ପଙ୍କ ବୟାନ ପରେ ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚା ଜୋର୍ ଧରିଛି। ଅନ୍ୟପଟେ, ଆମେରିକା ଓ ଇସ୍ରାଏଲ୍ ମିଳିତ ଭାବେ ଆକ୍ରମଣ କଲେ ସମୁଦ୍ର ତଳେ ବିଛାଯାଇଥିବା ଇଣ୍ଟରନେଟ୍ କେବୁଲ୍ ଧ୍ୱଂସ କରିଦେବାକୁ ଇରାନ ପ୍ରସ୍ତୁତି କରିଥିବା ନେଇ ଖବର ସାମ୍ନାକୁ ଆସିଛି। ଯଦି ଏପରି ହୁଏ, ତେବେ ବିଶ୍ୱର ଇଣ୍ଟରନେଟ୍ ଯୋଗାଯୋଗ ଓ ଅର୍ଥନୀତି ଉପରେ ଏହାର ଗଭୀର ପ୍ରଭାବ ପଡ଼ିପାରେ। ହ୍ୱାଇଟ୍ ହାଉସ୍‌ରେ ସାମ୍ବାଦିକମାନଙ୍କ ସହ କଥା ହେବା ସମୟରେ ଟ୍ରମ୍ପ କହିଛନ୍ତି ଯେ ଆମେରିକା ଚାହିଁଲେ ଏହି ଯୁଦ୍ଧକୁ ଖୁବ୍ ଶୀଘ୍ର ଶେଷ କରିପାରିବ। ତେବେ ଯୁଦ୍ଧକୁ ଏବେ ଶେଷ କରାଯିବ ନା ଏହାକୁ ଧୀରେ ଧୀରେ ଦୁର୍ବଳ ହେବାକୁ ଦିଆଯିବ, ତାହା ଉପରେ ବିଚାର କରାଯାଉଥିବା ସେ କହିଛନ୍ତି। ଟ୍ରମ୍ପ ଷ୍ଟ୍ରେଟ୍ ଅଫ୍ ହର୍ମୁଜରେ ତେଲ ପରିବହନ ଜାରି ରହିଥିବା କଥା ମଧ୍ୟ ଉଲ୍ଲେଖ କରିଛନ୍ତି। ବିଶ୍ୱର ଶକ୍ତି ଯୋଗାଣ ପାଇଁ ଏହି ସାମୁଦ୍ରିକ ପଥ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ପଥରେ ତେଲ ପରିବହନ ବାଧାପ୍ରାପ୍ତ ହେଲେ ଅନ୍ତର୍ଜାତୀୟ ବଜାରରେ ତେଲ ଦର ବଢ଼ିବା ସହ ବିଶ୍ୱ ଅର୍ଥନୀତି ଉପରେ ଚାପ ପଡ଼ିପାରେ। ଯୁଦ୍ଧ କେବେ ଶେଷ ହେବ, ତାହାକୁ ନେଇ ଟ୍ରମ୍ପଙ୍କ ବୟାନରେ ଭିନ୍ନତା ଦେଖାଯାଇଛି। ଏହି ମାସର ଆରମ୍ଭରେ ସେ ଆମେରିକାର ମଧ୍ୟବର୍ତ୍ତୀ ନିର୍ବାଚନ ପୂର୍ବରୁ ଇରାନ ଉପରେ ଆକ୍ରମଣ ନକରିବା କଥା କହିଥିବା ରିପୋର୍ଟ ପ୍ରକାଶ ପାଇଥିଲା। ଦ ନ୍ୟୁୟର୍କ ଟାଇମ୍ସର ରିପୋର୍ଟ ଅନୁସାରେ, ଆମେରିକା ଓ ଇସ୍ରାଏଲ୍ର ସେନା ମଧ୍ୟବର୍ତ୍ତୀ ନିର୍ବାଚନ ପରେ ପୁଣି ଆକ୍ରମଣ କରିବା ନେଇ ଯୋଜନା ପ୍ରସ୍ତୁତ କରିଥିବା କୁହାଯାଉଛି । ଆମେରିକୀୟ ଅଧିକାରୀଙ୍କ ସୂତ୍ରକୁ ଆଧାର କରି ପ୍ରକାଶିତ ଏହି ରିପୋର୍ଟରେ ଇରାନର ଶକ୍ତି ଭିତ୍ତିଭୂମି, ପରମାଣୁ କେନ୍ଦ୍ର, କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଗଚ୍ଛିତ ରଖାଯାଉଥିବା ସ୍ଥାନଗୁଡ଼ିକ ସମ୍ଭାବ୍ୟ ଟାର୍ଗେଟ୍ ହୋଇପାରେ ବୋଲି ଉଲ୍ଲେଖ ରହିଛି ।ଆମେରିକାର ମଧ୍ୟବର୍ତ୍ତୀ ନିର୍ବାଚନରେ କଂଗ୍ରେସ ଉପରେ କେଉଁ ଦଳର ନିୟନ୍ତ୍ରଣ ରହିବ, ତାହା ଏକ ବଡ଼ ପ୍ରସଙ୍ଗ। ଏପରି ସ୍ଥିତିରେ ଯୁଦ୍ଧକୁ ନେଇ ଟ୍ରମ୍ପ ପ୍ରଶାସନର ଆଗାମୀ ନିଷ୍ପତ୍ତି ଉପରେ ସମସ୍ତଙ୍କ ନଜର ରହିଛି।

# ନ୍ୟୁଜିଲ୍ୟାଣ୍ଡ ଠାରୁ ବିଜୟ ଛଡ଼ାଇ ଆଣିଲେ ତିଳକ ବର୍ମା

**ଅକଲାଣ୍ଡ,୨୪।୧୦ :** ଶେଷ ୧୮ ବଲରେ ଦରକାର ଥିଲା ୪୬ ରନ। ଭାରତର ବିଜୟ ପ୍ରତିଶତ ମାତ୍ର ଥିଲା ୨୦%। ହେଲେ ସାମ୍ନାରେ ଥିଲେ ଭାରତର ଉପ ଅଧିନାୟକ ତିଳକ ବର୍ମା। ତାଙ୍କୁ ସାଥ ଦେବା ପାଇଁ ରହିଥିଲେ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀ। ପ୍ରଥମେ ୧୮ତମ ଓଭରରେ ଉଭୟ ହାସଲ କରିଥିଲେ ୧୭ ରନ। ଏହାପରେ ଶେଷ ୧୨ ବଲରେ ଦରକାର ଥିଲା ୨୯ ରନ। ଏହି ସମୟରେ ପ୍ରଥମ ମ୍ୟାଚ୍‌ରେ ଫ୍ଲପ ହୋଇଥି ତିଳକ ଦ୍ୱିତୀୟ ମ୍ୟାଚ୍‌ରେ ଦେଖାଇଲେ କମାଲ। ଆଉ ୧୯ତମ ଓଭରରେ ହାସଲ କଲେ ୧୮ ରନ। ତଥାପି ଶେଷ ଓଭରରେ ଦରକାର ଥିଲା ଆହୁରି ୧୧। ପ୍ରଥମ ବଲରେ ନୀତୀଶ ରେଡ୍ଡୀ କଲେ ୧ ରନ। ଦ୍ୱିତୀୟ ବଲରେ ଚୌକା ଓ ତୃତୀୟ ବଲରେ ୨ ରନ ନେଇ ସେ ୨୪ ବଲରେ ପୂରଣ କଲେ ନିଜର ଅର୍ଦ୍ଧଶତକ। ୪ର୍ଥ ବଲରେ ୧ ରନ ହେବାରୁ ଶେଷ ୨ ବଲରେ ଭାରତକୁ ଦରକାର ଥିଲା ୩ ରନ। ଏତିକି ବେଳେ ଜ୍ୟାକବ ଡଫି ପକାଇଥିଲେ ୱାଇଡ। ପରବର୍ତ୍ତୀ ବଲରେ ରେଡ୍ଡୀ ୨ ରନ କରିବାରୁ ଭାରତ ଗୋଟିଏ ବଲ ପୂର୍ବରୁ ପିନ୍ଧିଲା ବିଜୟ ତିଳକ। ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଦ୍ୱିତୀୟ ଟି-୨୦କୁ ଟିମ ଇଣ୍ଡିଆ ବେଶ ରୋମାଞ୍ଚକର ଢଙ୍ଗରେ ଗୋଟିଏ ବଲ ପୂର୍ବରୁ ୪ ୱିକେଟରେ ଜିତି ନେଇଛି। ଶେଷ ୩୨ ବଲରେ ତିଳକ ଓ ରେଡ୍ଡୀ ୬୯ ରନ ଯୋଡ଼ି ଭାରତକୁ ୫ ଟିକିଆ ଟି-୨୦ ସିରିଜ୍‌ରେ ୨-୦ରେ ଆଗୁଆ କରି ଦେଇଛନ୍ତି। ଏବେ କ୍ୱିୱି ଟିମ ଘରୋଇ ମାଟିରେ ସିରିଜ ହାରିବା ଦ୍ୱାରଦେଶରେ ପହଞ୍ଚି ଯାଇଛି। ପ୍ରଥମେ ବ୍ୟାଟିଂ ନ୍ୟୁଜିଲ୍ୟାଣ୍ଡ ଗ୍ଲେନ ଫିଲିପ୍ସଙ୍କ ୭୦ ରନ ବଳରେ ୫ ୱିକେଟ ହରାଇ ୧୮୦ ରନ କରିଥିଲା। ୧୮୧ ରନର ଟାର୍ଗେଟକୁ ପିଛା କରୁଥିବା ଭାରତ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ହେଁ ଠିକଣା ସମୟରେ ନମନ ଧିର, ତିଳକ ବର୍ମା ଓ ନୀତୀଶ କୁମାର ରେଡ୍ଡୀ କମାଲ କରିଛନ୍ତି। ଏଥିଯୋଗୁ ନ୍ୟୁଜିଲ୍ୟାଣ୍ଡ ମାଟିରେ ଭାରତ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି ଶ୍ରେୟସ ଆୟରଙ୍କ ଦଳ।

ତିଳକ ବର୍ମା ୨୬ ବଲରେ ଅପରାଜିତ ୫୧, ନମନ ଧିର ୧୭ ବଲରେ ୩୧ ଓ ରେଡ୍ଡୀ ୧୩ ବଲରେ ୨୬ ରନ କରିଛନ୍ତି।



ତିଳକ ବର୍ମା ୨ଟି କ୍ୟାଚ୍ ସହ ଅପରାଜିତ ୫୧ ରନର ଇନିଂସ ଖେଳିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ମିଳିଛି। ଖ୍ରୀଷ୍ଟଚର୍ଚ୍ଚରେ ଖେଳା ଯାଉଥିବା ଦ୍ୱିତୀୟ ଟି-୨୦ରେ ପ୍ରଥମ ମ୍ୟାଚ ଭଳି ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ ଶ୍ରେୟସ ଆୟର। ଏହାକୁ ସଫଳ ସାବ୍ୟସ୍ତ କରି ପ୍ରଥମେ ଅର୍ଶଦୀପ ସିଂହ ଓ ପରେ ଭୁବନେଶ୍ୱର କୁମାର ୱିକେଟ ଦଖଲ କରିଥିଲେ। ପ୍ରିନ୍ସ ଯାଦବ ମଧ୍ୟ ବିସ୍ଫୋରକ ଫିନ ଆଲେନଙ୍କୁ ମାତ୍ର ୧୬ ରନରେ ପ୍ୟାଭିଲିୟନ ପଠାଇ ଦେଇଥିଲେ। ନ୍ୟୁଜିଲ୍ୟାଣ୍ଡ ପାୱାର ପ୍ଲେ ଶେଷ ହେବା ପୂର୍ବରୁ ୩ ୱିକେଟ ହରାଇବା ସହ ୫୦ ରନ ବି କରି ପାରି ନଥିଲା। କିନ୍ତୁ ଏତିକି ବେଳେ ଫିଲିପ୍ସ ଓ ବେଭନ ଜ୍ୟାବକ୍ସ ସ୍ଥିତି ସମ୍ଭାଳିଥିଲେ। ଆୟର କ୍ୟାଚ୍ ଛାଡ଼ିବା ମଧ୍ୟ ଜ୍ୟାବକ୍ସଙ୍କୁ ସୁହାଇଥିଲା। ଉଭୟ ୪ର୍ଥ ୱିକେଟ ପାଇଁ ଦଳୀୟ ସ୍କୋରକୁ ୪୧ରୁ ନେଇ ୧୫୭ ରନରେ ପହଞ୍ଚାଇ ଦେଇଥିଲେ। ଏଥିସହ ଉଭୟ ନିଜର ଅର୍ଦ୍ଧଶତକ ହାସଲ କରିଥିଲେ। ଫିଲିପ୍ସ ୪୩ ବଲରେ ୭୦ ଓ ଜ୍ୟାବକ୍ସ ୪୬ ବଲରେ ୫୮ ରନ କରିବାରୁ ନ୍ୟୁଜିଲ୍ୟାଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୧୮୦ ରନ କରିଥିଲା। ଭାରତ ପାଇଁ ଅର୍ଶଦୀପ ୨ଟି ୱିକେଟ ପାଇଥିବା ବେଳେ ଭୁବନେଶ୍ୱର କୁମାର, ନୀତୀଶ କୁମାର ରେଡ୍ଡୀ ଓ ପ୍ରିନ୍ସ ଯାଦବ ଗୋଟିଏ ଲେଖାଏ ସଫଳତା ପାଇଥିଲା। ୧୮୧ ରନର ଟାର୍ଗେଟ ପାଇଥିବା ଭାରତ ପାଇଁ ପ୍ରଥମ ଓଭର ମେଡନ କରିଥିଲେ ସଞ୍ଜୁ ସାମସନ। ପରବର୍ତ୍ତୀ ଓଭରରେ ଅଭିଷେକ ଶର୍ମା କ୍ୟାଚ୍ ଆଉଟ ହୋଇଥିଲେ ହେଁ ଡଫି ନୋ ବଲ ପକାଇବାରୁ ତାଙ୍କୁ ଜୀବନ ଦାନ ମିଳିଥିଲା। ତଥାପି ଏହାକୁ ସେ ବଡ଼ ସ୍କୋରରେ ପରିଣତ କରି ପାରିଥିଲେ। ପ୍ରଥମ ମ୍ୟାଚ୍‌ର ହିରୋ ସଞ୍ଜୁ ସାମସନ ୧୪ ରନ କରିଥିବା ବେଳେ ସୁଯୋଗ ପାଇ ୩ ନମ୍ବରରେ ବ୍ୟାଟିଂ କରିଥିବା ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀ କେବଳ ୪ ରନ କରିପାରି ଥିଲେ। ଏହି ବିପର୍ଯ୍ୟୟରୁ ଭାରତ ମୁକୁଳିବାକୁ ଚେଷ୍ଟା କରିଥିଲେ ହେଁ ନ୍ୟୁଜିଲ୍ୟାଣ୍ଡ ଅଧିନାୟକ ମିଚେଲ ସାଣ୍ଟନର ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ସେ ଅଭିଷେକ ଶର୍ମା(୨୭), ଅଧିନାୟକ ଶ୍ରେୟସ ଆୟର(୭) ଓ ଅକ୍ଷର ପଟେଲ(୧୧)ଙ୍କୁ ଆଉଟ ଭାରତର ମଧ୍ୟକ୍ରମକୁ ଛିନଛତ୍ର କରି ଦେଇଥିଲେ। ଭାରତ ୧୦.୫ ଓଭରରେ ୭୦ ରନ କରି ୫ ୱିକେଟ ହରାଇବାରୁ କ୍ୱିୱି ଟିମର ପଲା ଭାରୀ ହୋଇ ଯାଇଥିଲା। ଏତିକି ବେଳେ ନମନ କିଛି ବଡ଼ ଶଟ ଖେଳିଥିଲେ। ତାଙ୍କୁ ତିଳକ ଭରପୂର ସାଥ ଦେଇଥିଲେ। କିନ୍ତୁ ନିଜ କୋଟାର ଶେଷ ବଲ ପୂର୍ବରୁ ସାଣ୍ଟନର ୧୭ ବଲରେ ୩୧ ରନ କରିଥିବା ନମନଙ୍କୁ ମଧ୍ୟ ଆଉଟ କରି ଦେଇଥିଲେ। ସାଣ୍ଟନର ୪ ଓଭରରେ ମାତ୍ର ୨୧ ରନ ଦେଇ ୪ ୱିକେଟ ହାସଲ କରିଛନ୍ତି। ଭାରତ ୧୧୨ ରନରେ ୬ଷ୍ଠ ୱିକେଟ ହରାଇବାରୁ ଜିତିବା ଏକପ୍ରକାରର ଅସମ୍ଭବ ଲାଗୁଥିଲା। ଏହି ଅସମ୍ଭବ ବେଳେ କମାଣ ସମ୍ଭାଳିଥିଲେ ପାକିସ୍ତାନକୁ ଏସିଆ ଗେମ୍ସ ଫାଇନାଲରେ ହରାଇଥିବା ଟି-୨୦ରେ ଭାରତର ଉପ ଅଧିନାୟକ ତିଳକ ବର୍ମା। ତାଙ୍କୁ ସାଥ ଦେଇଥିଲେ ଯୁବ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀ। ଉଭୟ ନ୍ୟୁଜିଲ୍ୟାଣ୍ଡ ବୋଲରଙ୍କୁ କାଉଣ୍ଟର ଆଟାକ କରିଥିଲେ। ଆବଶ୍ୟ ସ୍ଥଳରେ ୨-୨ ରନ ନେଇ ଫିଲ୍ଡରଙ୍କ ଉପରେ ମଧ୍ୟ ଚାପ ପକାଇଥିଲେ। ଶେଷରେ ଉଭୟ ନ୍ୟୁଜିଲ୍ୟାଣ୍ଡ ପଞ୍ଝାରୁ ମ୍ୟାଚ୍ ଛଡ଼ାଇ ଆଣି ଗୋଟିଏ ବଲ ପୂର୍ବରୁ ଭାରତକୁ ଗୋଟିଏ ରୋମାଞ୍ଚକର ବିଜୟ ଦେଇଛନ୍ତି।

## ପ୍ରଥମ 'ଏ' ଟେଷ୍ଟ୍ : ଭାରତ ୧୧୩ ରନ୍‌ରେ ଅଲ୍‌ଆଉଟ୍

**ଲିନ୍‌କନ୍,୨୪।୧୦ :** ନ୍ୟୁଜିଲାଣ୍ଡ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳା ପୂର୍ବରୁ ଶନିବାରଠୁ ସ୍ଥାନୀୟ ବର୍ଟ ସୁଟ୍‌କ୍ଲିଫ୍ ଓଭାଲରେ ଆରମ୍ଭ ହୋଇଛି ଦୁଇ ଦେଶର 'ଏ' ଦଳ ମଧ୍ୟରେ



ଅନୌପଚାରିକ ୪ଦିନିଆ ଟେଷ୍ଟ୍ ମ୍ୟାଚ। ପ୍ରଥମ ଦିନରେ ଭାରତ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ତାରକା ଖେଳାଳି କେଏଲ୍ ରାହୁଲ, ସାଇ ସୁଦର୍ଶନ ଓ ୱାସିଂଟନ ସୁନ୍ଦରଙ୍କ ସହ ୫ ଜଣ ବ୍ୟାଟର୍ ଶୂନରେ ଆଉଟ ହେବାରୁ ଭାରତ ମାତ୍ର ୧୧୩ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଛି।

ନ୍ୟୁଜିଲାଣ୍ଡର ସାଇମନ କିନ୍ ୫ ଓ ଜାକ୍ ଗିବସନ ୩ ୱିକେଟ୍ ନେଇ ଭାରତୀୟ ବ୍ୟାଟିଂକୁ ଧ୍ୱସ୍ତ କରିଛନ୍ତି। ଭାରତର ଯଶ ରାଠୋଡ଼ ସର୍ବାଧିକ ୪୪ ରନ୍ କରିଥିଲା ବେଳେ ଦେବଦତ୍ତ ପଡ଼ିକଲ (୩୨), ଯଶସ୍ୱୀ ଜୟସ୍ୱାଲ (୧୭) ଓ ଅଂଶୁଲ କମ୍ବୋଜ (୧୦) କେବଳ ଦୁଇଅଙ୍କ ଛୁଇଁବାରେ ସଫଳ ହୋଇଥିଲେ। ଅଧିନାୟକ ଧ୍ରୁବ ଜୁରେଲ (୧) ମଧ୍ୟ ବିଫଳ ହୋଇଛନ୍ତି। ଜବାବରେ ନ୍ୟୁଜିଲାଣ୍ଡ ଶନିବାର ଷ୍ଟମ୍ପ୍ସ ବେଳକୁ ୧୩୫ ରନ୍ ?ରେ ୩ ୱିକେଟ୍ ହରାଇ ୨୨ ରନ୍‌ରେ ଆଗୁଆ ରହିଛି। କର୍ଟିସ ହିଫି (୩୭) ଓ ମାଥ୍ୟୁ ବୟଲେ (୦) ବ୍ୟାଟିଂ ଜାରି ରଖିଛନ୍ତି। ଅଧିନାୟକ ରିଜ୍ ମାରିଉ ଓ ହିଫି ପ୍ରଥମ ୱିକେଟ୍‌ରେ ୧୩୨ ରନ୍ ଯୋଡ଼ିଥିଲେ। ମାରିଉ (୭୬)ଙ୍କୁ ମୁକେଶ ଚୌଧୁରୀ ଏଲ୍‌ବିଡବ୍ଲ୍ୟୁ କରି ପ୍ୟାଭିଲିୟନ୍ ପଠାଇଥିଲେ। ଏହାପରେ ଆକ୍ୱିବ ନବି ଲଗାତାର ୨ ବଲ୍‌ରେ ଜୟଦେନ ଲେନକ୍ସ (୦) ଓ ଟିମ ରବିନସନ୍ (୦)ଙ୍କୁ ଆଉଟ୍ କରି ଭାରତକୁ ପ୍ରତ୍ୟାବର୍ତ୍ତନ ସୁଯୋଗ ଦେଇଛନ୍ତି।

## ଏସ୍ ମେଘନାଙ୍କ ଅବସର

**ନୂଆଦିଲ୍ଲୀ,୨୪।୧୦ :** ଭାରତୀୟ ମହିଳା କ୍ରିକେଟର୍ ଏସ୍ ମେଘନା ୩୦ ବର୍ଷ ବୟସରେ କ୍ରିକେଟ୍‌ର ସମସ୍ତ ଫର୍ମାଟ୍‌ରୁ ଅବସର ଘୋଷଣା କରିଛନ୍ତି। ଏହି ଶୀର୍ଷକ୍ରମ ବ୍ୟାଟର୍ ଭାରତ ପକ୍ଷରୁ ୨୦ ମ୍ୟାଚ୍ ଖେଳିଛନ୍ତି। ୨୦୨୨ ଅକ୍ଟୋବରରେ ଶେଷ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବା ମେଘନା ୨୦୨୫ ଡବ୍ଲ୍ୟୁପିଏଲ୍‌ରେ ଶେଷ ଥର ଲାଗି ପଡ଼ିଆକୁ ଓହ୍ଲାଇଥିଲେ। ଏହି ଆନ୍ଧ୍ରପ୍ରଦେଶ କ୍ରିକେଟର୍ ୨୦୧୬ ନଭେମ୍ବରରେ ବିଜୟୱାଡାରେ ୱେଷ୍ଟଇଣ୍ଡିଜ୍ ? ବିପକ୍ଷରେ ଟ୍ୱେଣ୍ଟି-୨୦ ମ୍ୟାଚ୍ ଖେଳି ଅନ୍ତର୍ଜାତୀୟ



ପଦାର୍ପଣ କରିଥିଲେ। ଏହାପରେ ୨୦୨୨ ଫେବ୍ରୁଆରିରେ କୁଇନ୍ସଟାଉନ୍ ?ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଦିନିକିଆ ପଦାର୍ପଣ କରିଥିଲେ। ସେ ୩ ଦିନିକିଆ ଖେଳି ୧୧୪ ରନ୍ କରିଥିଲା ବେଳେ ୧୭ ଟିଟ୍ୱେଣ୍ଟି-୨୦ରେ ୧୦୨.୭୮ ଷ୍ଟ୍ରାଇକ୍‌ରେଟ୍‌ରେ ଗୋଟିଏ ଅର୍ଦ୍ଧଶତକ ସହ ୨୫୮ ରନ୍ କରିଛନ୍ତି। ଡବ୍ଲ୍ୟୁପିଏଲ୍‌ରେ ୩ ଋତୁ ଖେଳିଥିବା ମେଘନା ୨୦୨୪ ବିଜେତା ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ସଦସ୍ୟା ଥିଲେ।

## ପିସ୍ତଲ ଟ୍ରିଗର ଦବାଇ ଖେଳ ଆରମ୍ଭ କଲେ ନୀରଜ

**ନୂଆଦିଲ୍ଲୀ,୨୪।୧୦ :** ଭାରତର ଷ୍ଟାର ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରାଙ୍କ ଏକ ଭିଡିଓ ସାମ୍ନାକୁ ଆସିଛି। ଏଥିରେ ତାଙ୍କ ହାତରେ ଭାଲା ବଦଳରେ ପିସ୍ତଲ ଦେଖିବାକୁ ମିଳୁଛି। ଏହା ଦେଖି ଅନେକ ଲୋକ ଆଶ୍ଚର୍ଯ୍ୟ ହୋଇଛନ୍ତି। ଯଦି ଆପଣ ମଧ୍ୟ ତାଙ୍କ ହାତରେ ପିସ୍ତଲ ଦେଖି ଆଶ୍ଚର୍ଯ୍ୟ ହେଉଛନ୍ତି, ତେବେ ବ୍ୟସ୍ତ ହୁଅନ୍ତୁ ନାହିଁ। ନୀରଜ କୌଣସି ଭୁଲ ଉଦ୍ଦେଶ୍ୟରେ ପିସ୍ତଲ ଉଠାଇ ନଥିଲେ। ବରଂ ଶନିବାର, ଅର୍ଥାତ୍ ଆଜି ହରିୟାଣାର ସୋନିପତରେ ଆୟୋଜିତ ୟୁବିଏସ ଆଥଲେଟିକ୍ସ କିଡ୍ସ କପ୍ କାର୍ଯ୍ୟକ୍ରମରେ ଦୌଡ଼ ପ୍ରତିଯୋଗିତାର ଶୁଭାରମ୍ଭ କରିବା ପାଇଁ ସେ ଷ୍ଟାର୍ଟିଂ ଗନ୍ ବ୍ୟବହାର କରିଥିଲେ। ଭିଡିଓରେ ଦେଖାଯାଉଛି ଯେ ସମସ୍ତ ପିଲା ଏକ ଧାଡ଼ିରେ ଦୌଡ଼ିବା ପାଇଁ ପ୍ରସ୍ତୁତ ହୋଇ ଠିଆ ହୋଇଛନ୍ତି। ନୀରଜ ଚୋପ୍ରା ପିସ୍ତଲର ଟ୍ରିଗର ଦବାଇବା ମାତ୍ରେ ସମସ୍ତ ଖେଳାଳି ଦୌଡ଼ିବା ଆରମ୍ଭ କରିଥିଲେ।



ତାଙ୍କର ଏହି ଅନ୍ଦାଜ ସୋସିଆଲ ମିଡିଆରେ ଭାଇରାଲ୍ ହେଉଛି।

ଦୁଇ ବର୍ଷ ଧରି ବ୍ରାଣ୍ଡ ଆମ୍ବାସାଡର ରହିବା ପରେ ନୀରଜ ଚୋପ୍ରା ଏବେ ଏହି ପଦକ୍ଷେପକୁ ପରିଚାଳନା କରୁଥିବା କମ୍ପାନି ଏସ୍‌ଡି ସ୍ପୋର୍ଟସ ଇଣ୍ଡିଆର ସହ-ମାଲିକ ହୋଇଛନ୍ତି। ତାଙ୍କର ଏହି ପଦକ୍ଷେପ ଦେଶର ବିଭିନ୍ନ ସ୍ଥାନର ପିଲାମାନଙ୍କୁ ଖେଳକୁଦ କରିବାର ଅଧିକ ସୁଯୋଗ ଦେବା ପ୍ରତି ତାଙ୍କର ନିରନ୍ତର ପ୍ରତିବଦ୍ଧତାକୁ ଦର୍ଶାଉଛି। ସୋନିପତରେ ଏହି କ୍ରୀଡ଼ା କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏହା ଟୁର୍ଣ୍ଣାମେଣ୍ଟର ଚତୁର୍ଥ ବର୍ଷ। ଏଥିରେ ପ୍ରାୟ ଅଢେଇ ଲକ୍ଷ ପିଲା ଅଂଶଗ୍ରହଣ କରୁଛନ୍ତି।

## ଟି-୨୦ରେ ସର୍ବାଧିକ କ୍ୟାଚ୍ ନେଇ ରେକର୍ଡ କଲେ ତିଳକ ବର୍ମା

**ନୂଆଦିଲ୍ଲୀ,୨୪।୧୦ :** କ୍ରିକେଟରେ ପ୍ରାୟତଃ ବ୍ୟାଟରଙ୍କ ଛକା-ଚୌକା ଏବଂ ବୋଲରଙ୍କ ୱିକେଟକୁ ନେଇ ଚର୍ଚ୍ଚା ହୁଏ। କିନ୍ତୁ ଫିଲଡିଂରେ ଆକର୍ଷଣୀୟ ପ୍ରଦର୍ଶନ କରୁଥିବା ଖେଳାଳିମାନେ ମଧ୍ୟ ସେମାନଙ୍କର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରନ୍ତି। ଭାରତୀୟ କ୍ରିକେଟର ତିଳକ ବର୍ମା ମଧ୍ୟ ଏମିତି କିଛି ରେକର୍ଡ ନିଜ ନାଁରେ କରିଛନ୍ତି। ସେ ଟି-୨୦ ଆନ୍ତର୍ଜାତୀୟ କ୍ରିକେଟରେ ଗୋଟିଏ କ୍ୟାଲେଣ୍ଡର ବର୍ଷ ଭିତରେ ସବୁଠାରୁ ଅଧିକ କ୍ୟାଚ୍ ନେଇଥିବାର ରେକର୍ଡ ନିଜ ନାଁରେ କରିଛନ୍ତି। ଏହି କ୍ଷେତ୍ରରେ ତିଳକ ଅନେକ ଖେଳାଳିଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ତିଳକ ବର୍ମା ୨୦୨୬ରେ ଟି-୨୦ ଆନ୍ତର୍ଜାତୀୟ କ୍ରିକେଟରେ ଫିଲ୍ଡର ଭାବେ ବର୍ତ୍ତମାନ ସୁଦ୍ଧା ୨୬ କ୍ୟାଚ୍ ନେଇଛନ୍ତି। ଏଥିସହିତ ସେ ଏହି ଫର୍ମାଟରେ ଗୋଟିଏ କ୍ୟାଲେଣ୍ଡର ବର୍ଷରେ



ସବୁଠାରୁ ଅଧିକ କ୍ୟାଚ୍ ନେଇଥିବା ଖେଳାଳି ହୋଇଛନ୍ତି। ତାଙ୍କର ଏହି ଉପଲବ୍ଧି ଫିଲ୍ଡିଂରେ ତାଙ୍କର ଯୋଗଦାନକୁ ଚର୍ଚ୍ଚାକୁ ଆଣିଛି।

ଇଣ୍ଡୋନେସିଆର ଡାନିଏଲସନ ହାଓ ଏହି ରେକର୍ଡରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେ ୨୦୨୫ ରେ ମୋଟ ୨୫ ଟି କ୍ୟାଚ୍ ନେଇଥିଲେ। ଏହି ପରିପ୍ରେକ୍ଷିରେ, ସଂଯୁକ୍ତ ଆରବ ଏମିରେଟ୍ସର ମହମ୍ମଦ ୱାସିମ ୨୦୨୪ ରେ ୨୪ ଟି କ୍ୟାଚ୍ ସହିତ ତୃତୀୟ ସ୍ଥାନ ଅଧିକାର କରିଥିଲେ। ତିଳକ ୨୬ ଟି କ୍ୟାଚ୍ ସହିତ ଏହି ଉଭୟ ଖେଳାଳିଙ୍କୁ ପଛରେ ପକାଇ ଦେଇଛନ୍ତି।

ମାଲେସିଆର ସାର୍ଭିନ୍ ମୁନିଆଣ୍ଡି ଚତୁର୍ଥ ସ୍ଥାନରେ ଅଛନ୍ତି, ସେ ୨୦୨୫ ରେ ୨୧ ଟି କ୍ୟାଚ୍ ନେଇଥିଲେ। ଏହି ସମୟରେ, ଉଗାଣ୍ଡାର ବ୍ରାଏନ୍ ମାସାବା ୨୦୨୩ ରେ ୨୦ ଟି କ୍ୟାଚ୍ ନେଇଥିଲେ। ବାଂଲାଦେଶର ତାନଜିଦ୍ ହାସନ ମଧ୍ୟ ୨୦ ଟି କ୍ୟାଚ୍ ନେଇଥିଲେ। ଏହିପରି, ଉଭୟ ଖେଳାଳି ଦ୍ୱିତୀୟ ସ୍ଥାନରେ ସମାନ ସ୍ଥିତିରେ ଅଛନ୍ତି। ଟି-୨୦ ଆନ୍ତର୍ଜାତୀୟ କ୍ରିକେଟରେ, ଦ୍ରୁତ ଗତିରେ ବଦଳୁଥିବା ଖେଳରେ ଯେକୌଣସି ଦଳ ପାଇଁ କ୍ୟାଚ୍ ଧରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏକ ଚମତ୍କାର କ୍ୟାଚ୍ ପ୍ରତିପକ୍ଷ ଦଳକୁ ଏକ ଗୁରୁତ୍ୱପୂର୍ଣ୍ଣ ଧକ୍କା ଦେଇପାରେ। ଗୋଟିଏ ବର୍ଷରେ ତିଳକ ବର୍ମାଙ୍କ ୨୬ଟି କ୍ୟାଚ୍ ତାଙ୍କର ଉତ୍କୃଷ୍ଟ ଫିଲଡିଂ ପ୍ରଦର୍ଶନକୁ ଦର୍ଶାଉଛି। ଏହି ରେକର୍ଡ ସହିତ, ସେ ଟି-୨୦ ଆନ୍ତର୍ଜାତୀୟ କ୍ରିକେଟରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି।

## ବେଦାନ୍ତ ପକ୍ଷରୁ ଯୁବବର୍ଗଙ୍କ ମଧ୍ୟରେ ସଷ୍ଟେନେବିଲିଟି ଆଭିମୁଖ୍ୟର ପ୍ରଚାର

**ଭୁବନେଶ୍ୱର,୨୪।୧୦ :** ସଷ୍ଟେନେବିଲିଟି ମାସ ୨୦୨୬ର ଏକ ଅଂଶ ସ୍ୱରୂପ ଭାରତ ଓ ଆଫ୍ରିକାରେ ନିଜର ବ୍ୟବସାୟ ପରିଚାଳନା କରୁଥିବା ଲୌହ ଓ ଇସ୍ପାତ କ୍ଷେତ୍ରର ଅଗ୍ରଣୀ କମ୍ପାନି ବେଦାନ୍ତ ଆଇରନ୍ ଆଣ୍ଡ୍ ଷ୍ଟିଲ୍ ଲିମିଟେଡ୍ (ଭିଆଇଏସ୍‌ଏଲ୍) ନିଜର କାର୍ଯ୍ୟକ୍ଷେତ୍ର ଓ ପାର୍ଶ୍ୱବର୍ତ୍ତୀ ସମୁଦାୟଗୁଡ଼ିକରେ ସ୍ଥାୟୀ ସର୍ବୋତମ ଅଭ୍ୟାସଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ ଅନେକଗ ପଦକ୍ଷେପ ଗ୍ରହଣ କରିଛି। ମାସବ୍ୟାପୀ ପାଳିତ ହେଉଥିବା ଏହି କାର୍ଯ୍ୟକ୍ରମ ସଚେତନତା ଶିବିର, ସଂରକ୍ଷଣ ଅଭିଯାନ ଓ ସହଭାଗିତାମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ କର୍ମଚାରୀ, ଛାତ୍ରଛାତ୍ରୀ, ସ୍ଥାନୀୟ ଜନସାଧାରଣ, ଶିଳ୍ପ ଅଂଶୀଦାର ଓ ଅନ୍ୟାନ୍ୟ ଅଂଶୀଦାରମାନଙ୍କୁ ଏକାଠି କରି ସ୍ଥାୟୀ ଅଭ୍ୟାସ ଓ ସାମୂହିକ ପଦକ୍ଷେପକୁ ଉତ୍ସାହିତ କରୁଛି। ସଷ୍ଟେନେବିଲିଟି ମାସର ଗୁରୁତ୍ୱ ସମ୍ପର୍କରେ ବେଦାନ୍ତ ଆଇରନ୍ ଆଣ୍ଡ୍ ଷ୍ଟିଲ୍ ଲିମିଟେଡ୍ (ଭିଆଇଏସ୍‌ଏଲ୍)ର ସିଇଓ ପଙ୍କଜ କୁମାର ଶର୍ମା କହିଛନ୍ତି ଯେ, 'ସଷ୍ଟେନେବିଲିଟି ହେଉଛି ଆମର ବ୍ୟବସାୟ ଗଠନ ଓ ବିକାଶର ମୂଳଦୁଆ। ଆମେ ଆଗକୁ ବଢ଼ିବା ସହିତ ଆମର ମୁଖ୍ୟ ଲକ୍ଷ୍ୟ ହେଉଛି ସମ୍ବଳର କୁଶଳ ବିନିଯୋଗ, ପରିବେଶ ସୁରକ୍ଷାକୁ ସୁଦୃଢ଼ କରିବା ଓଆମର କାର୍ଯ୍ୟକଳାପ ଯେପରି ଆମ ଚାରିପାଖର ସମାଜ ପାଇଁ ସକାରାତ୍ମକ ଯୋଗଦାନ ଦେବ, ତାହା ସୁନିଶ୍ଚିତ କରି ଦାୟିତ୍ୱବାନ ଭାବେ ମୂଲ୍ୟ ସୃଷ୍ଟି କରିବା। ଯେତେବେଳେ ଆମର ଲୋକମାନେ ଏକ ସାମୂହିକ ଦାୟିତ୍ୱବୋଧ ସହିତ ଏକାଠି ହୁଅନ୍ତି, ସେତେବେଳେ କ'ଣ ସବୁ ସମ୍ଭବ ହୋଇପାରେ ତାହା ସଷ୍ଟେନେବିଲିଟି ମାସ ମଧ୍ୟରେ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକ ଦର୍ଶାଉଛି। ମୋର ବିଶ୍ୱାସ ରହିଛି ଯେ ସଂସ୍ଥାର ସମସ୍ତ ସ୍ତରରେ ଓ ପ୍ରତ୍ୟେକ କାର୍ଯ୍ୟରେ ସଷ୍ଟେନେବିଲିଟିକୁ ଦୈନନ୍ଦିନ ନିଷ୍ପତିକୁ ଏକ ଅଂଶ କରିବା ଦ୍ୱାରା ହିଁ ସ୍ଥାୟୀ ପ୍ରଗତି ସମ୍ଭବ ହୋଇପାରିବ।''

ଏହି ପ୍ରଚେଷ୍ଟାକୁ ଆଗକୁ ନେଇ ବେଦାନ୍ତ ଆଇଓଓ ଓଡ଼ିଶାର କୋଇଡ଼ାସ୍ଥିତ ଆଇଟିଆଇ କଲେଜଠାରେ ଏକ ସଷ୍ଟେନେବିଲିଟି କେନ୍ଦ୍ରିକ ସମ୍ମିଳନୀର ଆୟୋଜନ କରିଥିଲା ଯେଉଁଥିରେ ପ୍ରାୟ ୨୫୦ ଜଣ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଓ ଶିଳ୍ପ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ଯୁବ ଶିକ୍ଷାର୍ଥୀ ଓ ଭବିଷ୍ୟତର ପେସାଦାରମାନଙ୍କ ମଧ୍ୟରେ ସ୍ଥାୟୀ ବିକାଶ, ସୁରକ୍ଷା ଓ ଦାୟିତ୍ୱବାନ ନାଗରିକତ୍ୱ ବିଷୟରେ ସଚେତନତା ସୁଦୃଢ଼ କରିବା ପାଇଁ ଏହି କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା। କାର୍ଯ୍ୟକ୍ରମରେ ପରିବେଶ ଓ ସଷ୍ଟେନେବିଲିଟି ଉପରେ ଏକ ସାଧାରଣ ଜ୍ଞାନ ପ୍ରତିଯୋଗିତା, ବେଦାନ୍ତ ଫାଉଣ୍ଡେସନ୍ ଦ୍ୱାରା ଯୁବବର୍ଗଙ୍କ ନିଯୁକ୍ତି ସୁଯୋଗ ବୃଦ୍ଧି ପାଇଁ ଆରମ୍ଭ କରାଯାଇଥିବା ଜବକ୍ଲିଭ୍ ପୋର୍ଟାଲର ଏକ ଓରିଏଣ୍ଟେସନ୍ ଅଧିବେଶନ ଆୟୋଜନ କରାଯାଇଥିଲା। ଏହା ବ୍ୟତୀତ ସ୍ୱଚ୍ଛତା ହିଁ ସେବା ୨୦୨୬ର ଅଂଶ ସ୍ୱରୂପ ଅଗ୍ନି ସୁରକ୍ଷା ମକ୍ ଡ୍ରିଲ୍, ବୃକ୍ଷରୋପଣ ଅଭିଯାନ ଓ ଏକ ୱାକାଥନ୍ ତଥା ସଫେଇ ଅଭିଯାନ ଆୟୋଜିତ ହୋଇଥିଲା।

## ପୋଲାର୍ଡ ମୁମ୍ବାଇ ଇଣ୍ଡିଆନ୍ସର ନୂଆ ମୁଖ୍ୟ କୋଚ୍

**ନୂଆଦିଲ୍ଲୀ,୨୪।୧୦ :** ୱେଷ୍ଟଇଣ୍ଡିଜର ପୂର୍ବତନ ଅଲ୍ ରାଉଣ୍ଡର କାଏରନ ପୋଲାର୍ଡ ହୋଇଛନ୍ତି ମୁମ୍ବାଇ ଇଣ୍ଡିଆନ୍ସର ମୁଖ୍ୟ କୋଚ। ନିକଟରେ ମାହେଲା ଜୟବର୍ଦ୍ଧନେ ମୁଖ୍ୟ କୋଚ୍ ପଦରୁ ଅବ୍ୟାହତି ନେବା ପରେ ତାଙ୍କୁ ମିଳିଛି ଏହି ନୂଆ ନିଯୁକ୍ତି। ତା' ପୂର୍ବରୁ ସେ ମୁମ୍ବାଇ ଇଣ୍ଡିଆନ୍ସର ବ୍ୟାଟିଂ କୋଚ୍ ଥିଲେ। ପୋଲାର୍ଡ ଦୀର୍ଘ ବର୍ଷ ହେଲାଣି ମୁମ୍ବାଇ ଇଣ୍ଡିଆନ୍ସ ସହିତ ଜଡ଼ିତ ଅଛନ୍ତି। ସେ ୧୩ ବର୍ଷ ଧରି ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଆଇପିଏଲ ଖେଳିଛନ୍ତି। ପରବର୍ତ୍ତୀ ସମୟରେ ସେ ଟିମର ବ୍ୟାଟିଂ କୋଚ୍ ରହିଥିଲେ। ସେ ମୁମ୍ବାଇ ଇଣ୍ଡିଆନ୍ସ ଫ୍ରାଞ୍ଚାଇଜର ଜଣେ ପ୍ରଭାବଶାଳୀ ସଦସ୍ୟ ରହିଆସିଛନ୍ତି। ଆଉ ଏବେ ତାଙ୍କୁ ମିଳିଛି ମୁଖ୍ୟ କୋଚ୍ ଭାବେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ। ମୁଖ୍ୟତଃ ୫ ଥରର ଆଇପିଏଲ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ କେମିତି ପୁଣି ବିଜୟ ଧାରାକୁ ଫେରିବ, ସେହି ଦାୟିତ୍ୱ ରହିବ ତାଙ୍କ ଉପରେ। ପୋଲାର୍ଡ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଖେଳି ଆଇପିଏଲରେ ୩୯୧୫ ରନ୍ କରିଛନ୍ତି। ଏହା ସହିତ ଫ୍ରାଞ୍ଚାଇଜର ତୃତୀୟ ସର୍ବାଧିକ ରନ୍ ସ୍କୋରର ରେକର୍ଡ ତାଙ୍କ ନାଁରେ ରହିଛି। ମୁମ୍ବାଇ ଇଣ୍ଡିଆନ୍ସ ଜିତିଥିବା ସମସ୍ତ ଆଇପିଏଲ ଟ୍ରଫିର ଅଂଶ ଥିଲେ ପୋଲାର୍ଡ। ଅସ୍ଥାୟୀ ଭାବେ ସେ କିଛି ମ୍ୟାଚରେ ଦଳର ନେତୃତ୍ୱ ମଧ୍ୟ ନେଇଥିଲେ। ଦୀର୍ଘ ବର୍ଷ ଧରି ସେ ଟିମ୍ ସହିତ ଥିବାରୁ ତାଙ୍କର ଅନୁଭୂତି ଓ ଅଭିଜ୍ଞତା ଦଳର ପୁନଃଗଠନରେ ସହାୟକ ହେବ ବୋଲି ଫ୍ରାଞ୍ଚାଇଜ ଆଶା ରଖିଛି। ଗତ କିଛି ଆଇପିଏଲରେ ଲଗାତାର ଖରାପ ପ୍ରଦର୍ଶନ ପରେ ଏକ ନୂଆ ଆରମ୍ଭ ପାଇଁ ପୋଲାର୍ଡଙ୍କୁ ଦାୟିତ୍ୱ ଦିଆଯାଇଛି। ସେ ବି ଏ ଦିଗରେ କାର୍ଯ୍ୟ କରିବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ମୁମ୍ବାଇ ଇଣ୍ଡିଆନ୍ସର ମୁଖ୍ୟ କୋଚ୍ ଠାରୁ ଅଧିକ କିଛି ଥିଲେ ଜୟବର୍ଦ୍ଧନେ। ସେ ମୁଖ୍ୟ କୋଚ ଥିବା ବେଳେ ମୁମ୍ବାଇ ୩ ଥର ଆଇପିଏଲ ଟ୍ରଫି ଜିତିଛି। ପ୍ରଥମେ ସେ ୨୧୦୭ରୁ ୨୦୨୨ ଯାଏ ଓ ଏହାପରେ ୨୦୨୪ରୁ ୨୦୨୬ ଯାଏ ମୁଖ୍ୟ କୋଚ ଦାୟିତ୍ୱରେ ରହିଥିଲେ।

## ବାଳିକାମାନଙ୍କର ଫୁଟବଲ ସ୍ୱପ୍ନକୁ ସାକାର କରୁଛି ଆଦିତ୍ୟ ଆଲୁମିନିୟମ

**ଭୁବନେଶ୍ୱର,୨୪।୧୦ :** ଆଦିତ୍ୟ ବିର୍ଲା ଗ୍ରୁପ୍‌ର ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ଏକ ୟୁନିଟ୍ ଆଦିତ୍ୟ ଆଲୁମିନିୟମ ପ୍ରୋଜେକ୍ଟ ଲକ୍ଷ୍ୟ ଜରିଆରେ ଓଡ଼ିଶାରେ ଗ୍ରାମାଞ୍ଚଳ ଓ ଆଦିବାସୀ ବାଳିକାମାନଙ୍କ ନିମନ୍ତେ ନୂତନ ସୁଯୋଗ ସୃଷ୍ଟି କରୁଛି। ଏହି ପ୍ରୟାସ ସମ୍ବଲପୁର ଜିଲ୍ଲାର ରେଙ୍ଗାଲି ବ୍ଲକ୍‌ରେ ବୃତ୍ତିଗତ ପ୍ରଶିକ୍ଷଣ, କ୍ରୀଡା ଭିତ୍ତିଭୂମି, ପୋଷଣଗତ ସମର୍ଥନ ଏବଂ ପ୍ରତିଯୋଗିତାମୂଳକ ପ୍ରଦର୍ଶନ ସୁଯୋଗ ଆଦି ଜରିଆରେ ୫୫ ଜଣ କିଶୋରୀ ବାଳିକାଙ୍କର ଫୁଟବଲ ପ୍ରତିଭାର ପରିପୋଷଣ କରୁଛି। ପଞ୍ଜିକୃତ ଆଦିତ୍ୟ ଉଦୟ ସ୍ପୋର୍ଟସ୍ କ୍ଲବ ଜରିଆରେ କାର୍ଯ୍ୟକାରୀ କରାଯାଉଥିବା ଏହି କାର୍ଯ୍ୟକ୍ରମ ଉଦୀୟମାନ ଯୁବ ଖେଳାଳିଙ୍କୁ ଚିହ୍ନଟ କରିବାକୁ ଛଅଟି ଗ୍ରାମ ପଞ୍ଚାୟତର ବିଦ୍ୟାଳୟ ଓ ଗ୍ରାମଗୁଡ଼ିକରେ ଆଉଟ୍‌ରିଚ (ଜନ ସମ୍ପର୍କ) ସହିତ ଆରମ୍ଭ ହୋଇଥିଲା। ଫୁଟବଲ ସହିତ ଏହା ବାଳିକାମାନଙ୍କ ମଧ୍ୟରେ ଶୃଙ୍ଖଳା ଭାବ ସୃଷ୍ଟି, ଦଳଗତ କାର୍ଯ୍ୟ, ନେତୃତ୍ୱ ନେବା ଏବଂ ଆତ୍ମ ବିଶ୍ୱାସ ତଥା ଉଭୟ ପଡିଆ ଓ ପଡିଆ ବାହାରେ ସେମାନଙ୍କର ଆକାଙ୍କ୍ଷା ପୂରଣ ଦିଗରେ ସଶକ୍ତ କରିବା ଉପରେ ଦୃଷ୍ଟିନିବଦ୍ଧ କରୁଛି। ଏହି ପ୍ରୟାସରୁ ଇତିମଧ୍ୟରେ ଉଲ୍ଲେଖନୀୟ ସଫଳତା ହାସଲ କରାଯାଇସାରିଛି। ପାଞ୍ଚଜଣ ଖେଳାଳି ଜିଲ୍ଲା ଅଣ୍ଡର୍-୧୪ (୧୪ ବର୍ଷରୁ କମ୍) ଫୁଟବଲ ଟିମ୍ ନିମନ୍ତେ ମନୋନୀତ ହୋଇସାରିଥିବାବେଳେ ଅନ୍ୟ ଜଣେ ଖେଳାଳି ଗୋଆରେ ସମ୍ମାନଜନକ ସେସା (ଏସ୍‌ଇଏସ୍‌ଏ) ଫୁଟବଲ ଏକାଡେମୀରେ ତାଲିମ ପାଇଁ ନାମ ଲେଖାଇଛନ୍ତି। ଯୁବ ଫୁଟବଲ ଖେଳାଳି ଓ ସେମାନଙ୍କ ପରିବାରବର୍ଗଙ୍କ ନିମନ୍ତେ ପ୍ରୋଜେକ୍ଟ ଲକ୍ଷ୍ୟ ଆଶା, ଗର୍ବ ଏବଂ ସୁଯୋଗର ଏକ ଉତ୍ସ ପାଲଟୁଛି। ଜାଙ୍ଗଲା ଗ୍ରାମ ପଞ୍ଚାୟତ ଅଧୀନ ଡୁଙ୍ଗୁରିପଡା ଗ୍ରାମର ଜଣେ ୧୫ ବର୍ଷ ବୟସ୍କା ନନ୍ଦିନୀ ଓରାମ କହିଥିଲେ, "ପିଲାଦିନରୁ ଫୁଟବଲ ଖେଳ ପ୍ରତି ମୋ ମନରେ ଆଗ୍ରହ ରହିଥିଲା, କିନ୍ତୁ ଏହାକୁ ଗୁରୁତ୍ୱର ସହିତ ଗ୍ରହଣ କରିବାକୁ ମୋତେ କେବେହେଲେ ସୁଯୋଗ ମିଳିନଥିଲା। ପ୍ରୋଜେକ୍ଟ ଲକ୍ଷ୍ୟ ମୋ ସ୍ୱପ୍ନକୁ ସାକାର କରିଛି, ମୋର ଆତ୍ମବିଶ୍ୱାସ ମଜଭୁତ କରିଛି ଏବଂ ମୋ ନିଜ ଦକ୍ଷତାରେ ବିଶ୍ୱାସ କରିବାକୁ ମୋତେ ପ୍ରେରଣା ଦେଇଛି। ସମ୍ପ୍ରତି ଫୁଟବଲ ମୋତେ ନୂଆ ଆଶା ଓ ଏକ ପରିଚୟ ପ୍ରଦାନ କରିଛି।"



ତାଙ୍କ ଝିଅ ବର୍ଷା ସେସା ଫୁଟବଲ ଏକାଡେମୀ ନିମନ୍ତେ ମନୋନୀତ ହେବା ଖୁସିରେ ଉଲ୍ଲସିତ ରେଙ୍ଗାଲି ବ୍ଲକ୍ ଅନ୍ତର୍ଗତ କଟବଗା ଗ୍ରାମର ଜଣେ ବାସିନ୍ଦା ସୁରଭି ମୁଣ୍ଡା କହିଥିଲେ, "ମୋ ଝିଅ ତାହାର ଫୁଟବଲ ସ୍ୱପ୍ନ ସାକାର କରିବା ନିକଟତର ହେବା ଦେଖି ଆମ ପରିବାର ଅତ୍ୟନ୍ତ ଗର୍ବିତ ମନେ କରୁଛୁ। ସେସା ଫୁଟବଲ ଏକାଡେମୀ ନିମନ୍ତେ ସେ ମନୋନୀତ ହେବାଦ୍ୱାରା ତାହାର ଭବିଷ୍ୟତ ପାଇଁ ନୂତନ ସମ୍ଭାବନାଗୁଡିକ ଉନ୍ମୁକ୍ତ ହୋଇଛି। ତାହାର ପ୍ରତିଭାକୁ ଚିହ୍ନଟ କରି ତାହାର ଲକ୍ଷ୍ୟକୁ ଆଗେଇନେବା ଦିଗରେ ସେ ଆବଶ୍ୟକ କରୁଥିବା ସମର୍ଥନ ଓ ସୁଯୋଗ ଯୋଗାଇଥିବାରୁ ଆମେ ଆଦିତ୍ୟ ଆଲୁମିନିୟମ୍‌ର ସିଏସ୍‌ଆର ପ୍ରୟାସକୁ ଆନ୍ତରିକ କୃତଜ୍ଞତା ଜଣାଉଛୁ।" ଅନୁରୂପ ଭାବରେ ଜାଙ୍ଗଲା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସାଲେପଡା ଗ୍ରାମର ୨୦ ବର୍ଷ ବୟସ୍କା ସୁନିତା ମିଞ୍ଜ ତାଙ୍କର ଆତ୍ମବିଶ୍ୱାସ ଉପରେ ଏହି କାର୍ଯ୍ୟକ୍ରମର ପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ। "ସୀମିତ ସୁଯୋଗ ଏକଦା ଫୁଟବଲ ଖେଳିବା ନିମନ୍ତେ ମୋ ସ୍ୱପ୍ନକୁ ସାକାର କରିବା ଦିଗରେ ଅନ୍ତରାୟ ହେଉଥିଲା। ଆଦିତ୍ୟ ଆଲୁମିନିୟମ ସମର୍ଥନରେ ପ୍ରୋଜେକ୍ଟ ଲକ୍ଷ୍ୟ ମୋତେ ନିୟମିତ ତାଲିମ ନେବାକୁ ସୁଯୋଗ ପ୍ରଦାନ କରିବା ସହିତ ଉଚ୍ଚ ଲକ୍ଷ୍ୟ ହାସଲ କରିବାକୁ ଆତ୍ମବିଶ୍ୱାସ ଆଣିଦେଇଛି।

Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate,Bhubaneswar-751010, Near NSIC Office, Dist - Khordha (Odisha) , **Email : odishamahabharata@gmail.com, orissamahabharat@rediffmail.com**
Editor: Bibhuti Bhushan Mahapatra ସମ୍ପାଦକ: ବିଭୂତି ଭୂଷଣ ମହାପାତ୍ର